ବର୍ଷ-୨୫, ସଂଖ୍ୟା-୨୯
ଭୁବନେଶ୍ୱର
୩୦, ଜାନୁଆରୀ, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 29
Bhubaneswar
30 January, 2025, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



କଙ୍ଗନାଙ୍କୁ ଟାର୍ଗେଟ କଲେ ସ୍ୱରା

# ପୁଞ୍ଜିନିବେଶର ରେକର୍ଡ ପ୍ରତିଶ୍ରୁତି

**ଭୁବନେଶ୍ୱର,୨୯।୧(ମହାଭାରତ):** ଉତ୍କର୍ଷ ଓଡ଼ିଶା କନକ୍ଲେଭକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିବା ପରେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହାର ପ୍ରତିଫଳନ ପୁଞ୍ଜିନିବେଶରେ ଦେଖିବାକୁ ମିଳିଛି। ମୋହନ ମାଝୀ ସରକାରଙ୍କ ଦ୍ୱାରା ଧାର୍ଯ୍ୟଲକ୍ଷ୍ୟଠୁ ୩ଗୁଣ ଅଧିକ ଟଙ୍କାର ପୁଞ୍ଜିନିବେଶର ପ୍ରତିଶ୍ରୁତି ମିଳିଛି। ମେକ୍ ଇନ୍ ଓଡ଼ିଶାର ଚତୁର୍ଥ ସଂସ୍କରଣ ଉତ୍କର୍ଷ ଓଡ଼ିଶା କନକ୍ଲେଭ ମାଧମରେ ରାଜ୍ୟରେ ରେକର୍ଡ ପରିମାଣର ପୁଞ୍ଜିନିବେଶ ହେବ। ମୋଟ୍ ୧୨.୮୯ଲକ୍ଷ କୋଟି ଟଙ୍କାର ୧୪୫ଟି ଏମଓୟୁ ସ୍ୱାକ୍ଷରିତ ହୋଇଥିବାବେଳେ ୩.୮୪ଲକ୍ଷ କୋଟି ଟଙ୍କାର ୪୪୮ଟି ପ୍ରକଳ୍ପ ପାଇଁ ନିବେଶକମାନେ ନିର୍ଦ୍ଧାରିତ ଫର୍ମରେ ନିଜର ଇଚ୍ଛା ବ୍ୟକ୍ତ କରିଛନ୍ତି। ଏହି ନିବେଶ ଦ୍ୱାରା ରାଜ୍ୟରେ ମୋଟ ୧୨.୮୮ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି ହେବ। ଓଡ଼ିଶାରେ ନିବେଶ ପାଇଁ ପ୍ରତିଶ୍ରୁତି ଦେଇଥିବା ଟପ୍ ୧୫ କମ୍ପାନୀଙ୍କ ଦ୍ୱାରା କେବଳ ୮ଲକ୍ଷ ୪୩ହଜାର ୯୯୪କୋଟି ଟଙ୍କା ନିବେଶ ହେବ ବୋଲି ଜଣାପଡ଼ିଛି।

ଦୁଇ ଦିନିଆ ଉତ୍କର୍ଷ ଓଡିଶା ମେକ୍ ଇନ୍ ଓଡିଶା କନକ୍ଲେଭ୍ ୨୦୨୫ ଆଣିଛି ଅପାର ସଫଳତା ବୋଲି ଆଜି ଜନତା ମଇଦାନରେ ସାମ୍ବାଦିକଙ୍କୁ ସମ୍ବୋଧନ କରି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କହିଥିଲେ, ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଶା ପ୍ରତି ତାଙ୍କର ସମର୍ଥନ ଜଣାଇଥିଲେ। ଶିଳ୍ପ ଜଗତକୁ ବାର୍ତ୍ତା ଦେଇ ସେ କହିଥିଲେ ଯେ ଓଡିଶା ହେଉଛି ଉତ୍କୃଷ୍ଟ ଓଡିଶା ହେଉଛି। ବର୍ତ୍ତମାନ ପାଇଁ ସର୍ବୋତ୍ତମ ସୁଯୋଗର ଭୂମି। ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତା ଓଡିଶାରେ ପୁଞ୍ଜିନିବେଶ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିଛି। ଏଥିପାଇଁ ମୁଁ ପ୍ରଧାନମନ୍ତ୍ରୀଙ୍କୁ ବ୍ୟକ୍ତିଗତ ଭାବେ କୃତଜ୍ଞତା ପ୍ରକାଶ କରିବା ସହିତ ଓଡିଶାର ସାଢେ ଚାରିକୋଟି ଜନସାଧାରଣଙ୍କ ପକ୍ଷରୁ ଧନ୍ୟବାଦ ଅର୍ପଣ କରୁଛି।

ସେ ଆହୁରି ଏହି କନକ୍ଲେଭ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଚଳିତ ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ମୋଟ ୨୦ଟି କ୍ଷେତ୍ରରେ ୫୯୩ଟି ପ୍ରକଳ୍ପ ପାଇଁ ୧୬.୭୩ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି। ଯାହାଫଳରେ ରାଜ୍ୟରେ ୧୨.୮୮ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଓଡ଼ିଶାର ଶିଳ୍ପ କ୍ଷେତ୍ରରେ କାୟାକଳ୍ପ ପରିବର୍ତ୍ତନ କରିବା ସହ ବିଶ୍ୱସ୍ତରୀୟ ଶିଳ୍ପସଂସ୍ଥାମାନଙ୍କ ସହଭାଗିତାରେ ନୂଆ ଯୁଗ ଆରମ୍ଭ କରିବ।




ଏଥିରୁ ୧୨.୮୯ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ୧୪୫ଟି ରାଜିନାମା(ଏମଓୟୁ) ସ୍ୱାକ୍ଷରିତ ହୋଇଛି। କେମିକାଲସ, ପେଟ୍ରୋକେମିକାଲସ, ଟେକ୍ସଟାଇଲ, ମାଇନିଂ ଓ ମେଟାଲସ, ଅକ୍ଷୟଶକ୍ତି, ଆଇଟି, ପର୍ଯ୍ୟଟନ ଓ ଖାଦ୍ୟ ପ୍ରକ୍ରିୟାକରଣ ଭଳି ମୋଟ ୨୦ଟି କ୍ଷେତ୍ରରୁ ଏହି ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନିଜେ ଉପସ୍ଥିତ ରହି ଓଡିଶାରେ ପୁଞ୍ଜି ନିବେଶ ପାଇଁ ତାଙ୍କର ଗ୍ୟାରେଣ୍ଟି- ମୋଦି ଗ୍ୟାରେଣ୍ଟି ଦେଇଥିଲେ। ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ କରିବା ଓ ୨୦୪୭ ସୁଦ୍ଧା ବିକଶିତ ଭାରତରେ ଓଡିଶାକୁ ଏକ ଗ୍ରୋଥ୍ ଇଞ୍ଜିନ କରିବା ପାଇଁ ସେ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦେଇ ଆସିଛନ୍ତି। ଡବଲ ଇଞ୍ଜିନ ସରକାରରେ ତାଙ୍କର ଯାହା ଭୂମିକା ରହିବା କଥା ତାକୁ ସେ ସମ୍ପୂର୍ଣ୍ଣ ଭାବେ ନିର୍ବାହ କରିଛନ୍ତି। ଏହାଦ୍ୱାରା ଦେଶର ଶ୍ରେଷ୍ଠ ପାଞ୍ଚଟି ଅର୍ଥନୀତି ମଧ୍ୟରେ ସ୍ଥାନ ପାଇବା ପାଇଁ ଆମର ଯେଉଁ ସଂକଳ୍ପ ରହିଛି, ଆମେ ତାହାର ନିକଟତର ହୋଇପାରିଛୁ।

ଏହି ସମ୍ମିଳନୀରେ ସମୁଦାୟ ୧୪୫ଟି ରାଜିନାମା (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ରାଜିନାମା ଗୁଡିକ ଓଡିଶାର ଶିଳ୍ପକ୍ଷେତ୍ରରେ କାୟକଳ୍ପ ପରିବର୍ତ୍ତନ କରିବା ସହିତ ବିଶ୍ୱସ୍ତରୀୟ ଶିଳ୍ପସଂସ୍ଥା ମାନଙ୍କ ସହିତ ସହଭାଗୀତାର ନୂଆ ଯୁଗ ଆରମ୍ଭ କରିବ।

ଏହି ଗୁଡିକ ଜରିଆରେ ସମୁଦାୟ ୧୨ ଲକ୍ଷ ୮୯ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ରାଜିନାମା ହୋଇଛି। କେମିକାଲସ୍, ପେଟ୍ରୋକେମିକାଲସ୍, ଟେକ୍ସଟାଇଲସ୍, ମାଇନଙ୍ଗ ଓ ମେଟାଲର୍ଜି, ନବୀକରଣୀୟ ଶକ୍ତି, ଆଇ.ଟି, ପର୍ଯ୍ୟଟନ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ପରି ବିବିଧ କ୍ଷେତ୍ରରୁ ପୁଞ୍ଜିନିବେଶର ପ୍ରସ୍ତାବ ଆସିଛି। ଏହା ଦ୍ୱାରା ରାଜ୍ୟରେ ୮ ଲକ୍ଷ ୯୪ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ଓଡିଶାର ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ସହିତ ରାଜ୍ୟରେ ସମାବେଶୀ ଅଭିବୃଦ୍ଧି ହୋଇପାରିବ। ସ୍ୱାକ୍ଷର ବ୍ୟତୀତ ଆହୁରି ୩.୮୪ ଲକ୍ଷ କୋଟି ଟଙ୍କାର ୪୪୮ଟି ପୁଞ୍ଜିନିବେଶ ଅଭିପ୍ରାୟ ମଧ୍ୟ ଆମେ ନିର୍ଦ୍ଧାରିତ ଫର୍ମରେ ଗ୍ରହଣ କରିଛୁ। ଏହା ଦ୍ୱାରା ୩.୯୨ ଲକ୍ଷ ନିଯୁକ୍ତି ସୁଯୋଗର ସମ୍ଭାବନା ରହିଛି। ଏହି କନକ୍ଲେଭରେ ସମୁଦାୟ ୨୦ଟି ସେକ୍ଟରରେ ୫୯୩ଟି ପ୍ରକଳ୍ପ ପାଇଁ ୧୬.୭୩ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି ଏବଂ ଏହାଦ୍ୱାରା ୧୨.୮୮ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି।

ସିଙ୍ଗାପୁର, ମାଲେସିଆ ଓ ଅଷ୍ଟ୍ରେଲିଆ ପରି ପାର୍ଟନର ଦେଶର ପ୍ରତିନିଧିମାନଙ୍କ ସହିତ ୧୬ ଦେଶର ପ୍ରତିନିଧି ଏହି କନକ୍ଲେଭରେ ଯୋଗଦେଇଥିଲେ। ଏହା ଦ୍ୱାରା ବିଶ୍ୱ ନିବେଶ ମାନଚିତ୍ରରେ ଓଡିଶା ଏକ ଆକର୍ଷଣୀୟ ସ୍ଥାନ ହୋଇପାରିଛି।

ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ବୟନ ଶିଳ୍ପ ଓ ପୋଷାକ, ନବୀକରଣୀୟ ଶକ୍ତି, ସ୍କିଲଡ୍ ଇନ୍ ଓଡିଶା, ମହିଳା ମାନଙ୍କ ଉଦ୍ୟୋଗ ସ୍ଥାପନ, ପର୍ଯ୍ୟଟନ, ସର୍କୁଲାର ଇକୋନମି, କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ, ସ୍ୱାସ୍ଥ୍ୟ, ଫାର୍ମା ଓ ବାୟୋଟେକ୍ ଏବଂ ଶିଳ୍ପ ଭିତ୍ତିଭୂମି ଆଦି ବିଭିନ୍ନ କ୍ଷେତ୍ରୀୟ ଶିଳ୍ପ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ସବୁ କ୍ଷେତ୍ରଗୁଡିକରେ ପୁଞ୍ଜିନିବେଶ ଓ ଅଭିବୃଦ୍ଧି ପାଇଁ ବିଭିନ୍ନ ରଣନୀତି ଉପରେ ପ୍ରସ୍ତାବ ରଖାଯାଇଥିଲା। ଆଧୁନିକ ଓ ଆଗାମୀ ଦିନରେ ଶିଳ୍ପର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆମର ୱାର୍କଫୋର୍ସକୁ ପ୍ରସ୍ତୁତ କରିବା ପାଇଁ ବିଭିନ୍ନ ରଣନୀତି ଉପରେ ସ୍କିଲଡ୍ ଇନ୍ ଓଡିଶା ସେସନରେ ଆଲୋଚନା କରାଯାଇଥିଲା।

## ମହିଳା ସଶକ୍ତିକରଣ ଏକ ପ୍ରତିବଦ୍ଧତା : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୯।୧(ମହାଭାରତ):** "ଆମ ପାଇଁ ମହିଳା ସଶକ୍ତିକରଣ ଏକ ସ୍ଲୋଗାନ ନୁହେଁ ଏହା ଏକ ପ୍ରତିବଦ୍ଧତା। ରାଜ୍ୟର ମହିଳାଙ୍କ ଆଶା, ଆକାଂକ୍ଷା ପୂରଣ କରିବା ପାଇଁ ନୂତନ ସରକାର ଦାୟିତ୍ୱ ନେବାର ଏକ ଘଣ୍ଟା ମଧ୍ୟରେ ସୁଭଦ୍ରା ଯୋଜନା ପ୍ରଣୟନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ପ୍ରତିଶ୍ରୁତି ଦିଆଯାଇଥିଲା ତାହା ପୂରଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ରେ ଆୟୋଜିତ ମହିଳାଙ୍କୁ ନେଇ ସ୍ୱତନ୍ତ୍ର ଅଧିବେଶନ ସୁଭଦ୍ରାରୁ ମୁଦ୍ରା ଅବସରରେ କହିଛନ୍ତି।



ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନସୁଦ୍ଧା ଏହି ସୁଭଦ୍ରା ଯୋଜନାରେ ୧ କୋଟି ୭ ଲକ୍ଷ ଯୋଗ୍ୟ ହିତାଧିକାରୀ ପଞ୍ଜୀକରଣ କରିଛନ୍ତି।ଅଦ୍ୟାବଧି ୮୦ ଲକ୍ଷରୁ ଉର୍ଦ୍ଧ୍ୱ ମହିଳାଙ୍କୁ ପ୍ରଥମ ପର୍ଯ୍ୟାୟ କିସ୍ତି ପ୍ରଦାନ କରାଯାଇଛି। ଓଡ଼ିଶା ହେଉଛି ସୁଯୋଗର ଭୂମି। ଆଜି ଆମେ ଓଡ଼ିଶାକୁ ଆମର ମା ମାନଙ୍କ ପାଇଁ ଏକ ସୁଯୋଗର ଭୂମି କରିବା ପାଇଁ ଏହି ଯୁଗାନ୍ତକାରୀ ଉଦ୍ୟମ ଆରମ୍ଭ କରିଛୁ। ସୁଭଦ୍ରା ଯୋଜନାରେ ଦିଆଯାଉଥିବା ସହାୟତାକୁ ବିନିଯୋଗ କରି ମା ମାନେ ଛୋଟ ଛୋଟ ବ୍ୟବସାୟ କରୁଛନ୍ତି। ସଫଳ ଉଦ୍ୟୋଗୀ ହେବା ପାଇଁ ଦୃଢ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ କରିବା ପାଇଁ ସେ ମା ମାନଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଆଜିର ବ୍ୟବସାୟିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆମେ ମା ମାନଙ୍କ ଦକ୍ଷତା ବିକାଶ ସହିତ ସେମାନଙ୍କୁ ଆଧୁନିକ ପ୍ରଣାଳୀରେ ବ୍ୟବସାୟ କରିବାର କୌଶଳ ଶିଖାଇବା ପାଇଁ ଉଦ୍ୟମ ଆରମ୍ଭ କରିଛୁ। ଏଥିପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ର ଏବଂ ଆଇଆଇଏମ୍, ସମ୍ବଲପୁର ସହଯୋଗର ହାତ ବଢାଇଛନ୍ତି। ଆଗାମୀ ଦିନରେ ଆହୁରି ଅନେକ ସଂସ୍ଥା ଏହି ଉଦ୍ୟମରେ ଯୋଡିହେବେ। ଆମ ଓଡ଼ିଶାର ମା ମାନେ ଦକ୍ଷ ହେବେ, ବ୍ୟବସାୟ କରିବେ ଓ ମାର୍କେଟିଂ କରିବାର କୌଶଳ ମଧ୍ୟ ଶିଖିବେ।

ଏହି ଅବସରରେ ରାଜ୍ୟରେ ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ରାଜ୍ୟରେ ଗୋଟିଏ ସ୍ୱତନ୍ତ୍ର ମହିଳା ଶିଳ୍ପ ପାର୍କ ଏବଂ ଇପିକଲରେ ମହିଳା ଉଦ୍ୟୋଗୀଙ୍କ ପାଇଁ ଏକ ସ୍ୱତନ୍ତ୍ର ସେଲ ପ୍ରତିଷ୍ଠା ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଲେ ଯେ ଶିକ୍ଷା ହେଉଛି ମହିଳା ସଶକ୍ତୀକରଣର ଚାବିକାଠି। ଆଗାମୀ ବର୍ଷଗୁଡ଼ିକରେ, ମହିଳାମାନଙ୍କୁ ଉଦ୍ୟୋଗୀ ସଫଳତା ପାଇଁ ଆବଶ୍ୟକ ଦକ୍ଷତା ଏବଂ ଜ୍ଞାନ ପ୍ରଦାନ ପାଇଁ ବିଶେଷ କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ରାଜ୍ୟ ସରକାର ଏକ ଜେଣ୍ଡର-ବଜେଟିଂ ପ୍ରସ୍ତୁତ କରୁଛନ୍ତି। ଚଳିତ ବଜେଟରେ, ରାଜ୍ୟର ମୋଟ ବଜେଟ ବ୍ୟବସ୍ଥା ମଧ୍ୟରୁ ୭୫ ହଜାର ୬୨୩ କୋଟି ଟଙ୍କା ଅର୍ଥାତ ମୋଟ ବଜେଟ୍ ଖର୍ଚ୍ଚର ୨୮.୫ ପ୍ରତିଶତ କେବଳ ରାଜ୍ୟର ମହିଳାମାନଙ୍କ ପାଇଁ ଖର୍ଚ୍ଚ କରିବା ପାଇଁ ସ୍ଥିର ହୋଇଛି। ଓଡ଼ିଶାର ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ସୁଭଦ୍ରା ଯୋଜନା ଏକ ଯୁଗାନ୍ତକାରୀ କାର୍ଯ୍ୟକ୍ରମ। ଏହା ସେମାନଙ୍କୁ କ୍ଷୁଦ୍ର ବ୍ୟବସାୟ ଆରମ୍ଭ କରିବାରେ ସାହାଯ୍ୟ କରିବା ପାଇଁ ଆବଶ୍ୟକୀୟ ପାଣ୍ଠି ସୁବିଧା ଯୋଗାଇଦେବ।

ଏହି ଆଲୋଚନା ଚକ୍ରରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଲେ ଯେ ସୁଭଦ୍ରା ଯୋଜନା ରାଜ୍ୟର ଏକ କୋଟିରୁ ଉର୍ଦ୍ଧ୍ୱ ନାରୀଙ୍କ ଜୀବନକୁ ପ୍ରଭାବିତ କରି ଲିଙ୍ଗଭିତ୍ତିକ ସମାନତା ଓ ସଶକ୍ତ ଓଡ଼ିଶା ନିର୍ମାଣରେ ସହାୟକ ହୋଇଛି। ଏହି ଯୋଜନା ଅଧୀନରେ ମହିଳାମାନଙ୍କ ଡିଜିଟାଲ୍ ଓ ଆର୍ଥିକ ସାକ୍ଷରତା, ଉଦ୍ୟମିତାରେ ଉନ୍ନତି ଓ ନେତୃତ୍ୱ ନେବାର ଦକ୍ଷତା ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ଶ୍ରୀମତୀ ପରିଡ଼ା କହିଥିଲେ।

ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଲୋଚନାରେ ଅଂଶଗ୍ରହଣ କରି କହିଲେ ଯେ ରାଜ୍ୟର ବୃହତ ମହିଳାକେନ୍ଦ୍ରିତ ଯୋଜନା ହେଉଛି ସୁଭଦ୍ରା। ଅବହେଳିତ ତଥା ଜନଜାତି ମହିଳାମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାନିମନ୍ତେ ସୁଭଦ୍ରା ବହୁମାତ୍ରାରେ ସଫଳ ହୋଇପାରିଛି। ସୁଭଦ୍ରା ଏବଂ ଉତ୍କର୍ଷ ଓଡ଼ିଶାର ସମ୍ମିଶ୍ରଣ ମହିଳା ସଶକ୍ତିକରଣ ଏବଂ ସୁଯୋଗକୁ ଏକାଠି କରିପାରିଛି ବୋଲି ମତବ୍ୟକ୍ତ କରିଥିଲେ।

ଅନ୍ୟପକ୍ଷେ ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଆଲୋଚନାରେ ଭାଗ ନେଇ ସମସ୍ତ ମହିଳାମାନଙ୍କୁ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ସାମିଲ କରାଯିବ ବୋଲି ମତବ୍ୟକ୍ତ କରିଥିଲେ ଏବଂ ସୁଭଦ୍ରାକୁ ମହିଳା ସଶକ୍ତିକରଣର ପ୍ରତୀକ ବୋଲି ମଧ୍ୟ ଉଲ୍ଲେଖ କରିଥିଲେ।

## ୨୦୩୦ ସୁଦ୍ଧା ଓଡ଼ିଶାର ଜିଡିପି ୨୩% ବୃଦ୍ଧି ଘଟିବ

**ଭୁବନେଶ୍ୱର, ୨୯।୧ (ମହାଭାରତ):** ଓଡିଶାରେ ତିନୋଟି ସବୁଜ କ୍ଷେତ୍ର, ଏନର୍ଜି ଟ୍ରାଞ୍ଜିସନ୍, ସର୍କୁଲାର ଇକୋନୋମି, ଏବଂ ବାୟୋ-ଇକୋନୋମିରେ ପ୍ରାୟ ୧୦ ଲକ୍ଷ ନୂତନ ପୂର୍ଣ୍ଣକାଳୀନ ସମକକ୍ଷ (ଏଫଟିଇ) ନିଯୁକ୍ତି ସୃଷ୍ଟି କରିବାର ସମ୍ଭାବନା ରହିଛି ଏବଂ ୨୦୩୦ ସୁଦ୍ଧା ୩.୫ ଲକ୍ଷ କୋଟି ଟଙ୍କା (୪୨ ବିଲିୟନ ଡଲାର) ନିବେଶ ସୃଷ୍ଟି କରିବାର ସମ୍ଭାବନା ରହିଛି। ଏହା ଏନର୍ଜି, ଏନଭିରନମେଣ୍ଟ ଏବଂ ୱାଟର କାଉନସିଲ (ସିଇଇଡବ୍ଲ୍ୟୁ) ଦ୍ୱାରା ଏକ ନୂତନ, ନିରପେକ୍ଷ ଅଧ୍ୟୟନରୁ ଜଣାପଡିଛି। ଆଜି ଭୁବନେଶ୍ୱରରେ ଆୟୋଜିତ 'ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନ୍ କ୍ଲେଭ୍'ରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଯୋଜନା ଓ ସଂଯୋଜନ ବିଭାଗ ଶ୍ରୀମତୀ ଅନୁ ଗର୍ଗ ଏହି ଅଧ୍ୟୟନର ଶୁଭାରମ୍ଭ କରିଛନ୍ତି।



ଭୁବନେଶ୍ୱରରେ ଅନୁଷ୍ଠିତ 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ ଓଡ଼ିଶା କନକ୍ଲେଭ'ରେ ଆଜି ଉପସ୍ଥାପିତ ହୋଇଥିବା ଏହି ଅଧ୍ୟୟନରୁ ଜଣାପଡିଛି ଯେ, ଏହା ରାଜ୍ୟର ଜିଡିପିକୁ ସିଧାସଳଖ ୨ ଲକ୍ଷ କୋଟି ଟଙ୍କା (୨୪ ବିଲିୟନ ଡଲାର) ଯୋଗଦାନ କରିବା ସହିତ ଏହାକୁ ୨୩ ପ୍ରତିଶତ ବୃଦ୍ଧି କରିପାରିବ ଏବଂ ଭାରତର ସବୁଜ ଅଭିବୃଦ୍ଧିରେ ଓଡ଼ିଶାକୁ ଏକ ପ୍ରମୁଖ ସ୍ଥଳ ଭାବରେ ସ୍ଥାନିତ କରିପାରିବ। ଏହି ଅଧ୍ୟୟନରେ ୨୮ଟି ସବୁଜ ଭାଲ୍ୟୁ ଚେନ୍ ଚିହ୍ନଟ କରାଯାଇଛି। ଯେଉଁଥିରେ ସାମୁଦ୍ରିକ ଶୈବାଳ ଚାଷ ଏବଂ ବାଉଁଶ ପ୍ରକ୍ରିୟାକରଣ ଠାରୁ ଆରମ୍ଭ କରି ଭାସମାନ ସୌର ଏବଂ ଇ-ଆବର୍ଜନା ପୁନଃଚକ୍ରଣ ପର୍ଯ୍ୟନ୍ତ କ୍ଷେତ୍ର ଅନ୍ତର୍ଭୁକ୍ତ। ଯାହା ଏକତ୍ର ଅପାର ଆର୍ଥିକ ସମ୍ଭାବନାକୁ ପ୍ରତିନିଧିତ୍ୱ କରି ଥାଏ। ଏହାର ପ୍ରସ୍ତାବିତ ସବୁଜ ଓଡ଼ିଶା ପଦକ୍ଷେପ ଏହି ସୁଯୋଗଗୁଡ଼ିକୁ ସାକାର କରିବା ପାଇଁ ବିଭିନ୍ନ କ୍ଷେତ୍ରରେ ନୀତି, ନିବେଶ ଏବଂ କାର୍ଯ୍ୟକୁ ସମନ୍ୱିତ କରିବା ପାଇଁ ଏକ ରୋଡମ୍ୟାପ ପ୍ରଦାନ କରେ।

ପ୍ରଥମ ଥର ପାଇଁ ସିଇଇଡବ୍ଲ୍ୟୁ ତରଫରୁ ଅଧ୍ୟୟନ କରାଯାଇ ଓଡ଼ିଶାରେ କିପରି ଏକ ସବୁଜ ଅର୍ଥନୀତି ନିଯୁକ୍ତି, ଅଭିବୃଦ୍ଧି ଏବଂ ସ୍ଥାୟିତ୍ୱ ପ୍ରଦାନ କରିପାରିବ, ତାହା ଚିହ୍ନଟ କରାଯାଇଛି। ଏନର୍ଜି ଟ୍ରାଞ୍ଜିସନରେ ପ୍ରାୟ ୧୬ଟି ଭାଲ୍ୟୁ ଚେନ୍ ଯେପରିକି ସୌରଶକ୍ତି, ପବନ ଶକ୍ତି, ବ୍ୟାଟେରୀ ଷ୍ଟୋରେଜ ସିଷ୍ଟମ୍ ଏବଂ ବୈଦ୍ୟୁତିକ ଯାନ ନିର୍ମାଣ ଆଦି ରହିଛି। ୨୦୩୦ ସୁଦ୍ଧା ୧.୫ ଲକ୍ଷ କୋଟି ପୁଞ୍ଜି ନିବେଶକୁ ଏହା ଆକର୍ଷିତ କରିପାରିବ ଏବଂ ୪ ଲକ୍ଷ ନୂତନ ନିଯୁକ୍ତି ସୃଷ୍ଟି କରିପାରିବ। ଏହା ବ୍ୟତୀତ, ସ୍ଥାୟୀ ପ୍ୟାକେଜିଂ, କୃଷି ପାଇଁ ଜୈବିକ ପ୍ରୟାସ, ହେନ୍ତାଳବଣ ପୁନରୁଦ୍ଧାର, କୃଷି ବନୀକରଣ ଏବଂ ସାମୁଦ୍ରିକ ଶୈବାଳ ଚାଷ ଭଳି ଜୈବ-ଅର୍ଥନୀତି ଏବଂ ପ୍ରକୃତି-ଆଧାରିତ ସମାଧାନଗୁଡ଼ିକ ଓଡ଼ିଶାର ଅର୍ଥନୀତିକୁ ୨୬,୦୦୦ କୋଟି ଟଙ୍କା ଯୋଗଦାନ କରିବା ସହିତ ୫ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି କରିପାରିବ। ଏହା ସହିତ, ସ୍ଥାୟୀ ପର୍ଯ୍ୟଟନ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଏବଂ ପରିବେଶଗତ ଐତିହ୍ୟକୁ ବ୍ୟବହାର କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରିବ ଯ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିକୁ ଆଗେଇ ନେବା ଏବଂ ଅନୁନ୍ନତ ଅଂଚଳଗୁଡ଼ିକରେ ଆର୍ଥିକ ସୁଯୋଗକୁ ବିସ୍ତାର କରିବା ଏହା ଦ୍ୱାରା ସମ୍ଭବ ହେବ।

## 'ଶୁଣ ସୁଭଦ୍ରା, କୁହ ସୁଭଦ୍ରା ଏବଂ ସୁଭଦ୍ରା ସେତୁ' : ପ୍ରଭାତୀ

**ଭୁବନେଶ୍ୱର,୨୯।୧(ମହାଭାରତ) :** ସୁଭଦ୍ରା ଯୋଜନାରେ ନିଆଗଲା ଆଉ ୩ ପଦକ୍ଷେପ। ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନାରେ ଆରମ୍ଭ ହେଲା ଶୁଣ ସୁଭଦ୍ରା, କୁହ ସୁଭଦ୍ରା ଏବଂ ସୁଭଦ୍ରା ସେତୁ। ସୁଭଦ୍ରା ମୁଦ୍ରା କାର୍ଯ୍ୟକ୍ରମ ଅବସରରେ ଏ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି।

ଏଣିକି ଶୁଣ ସୁଭଦ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ମହିଳାମାନଙ୍କ ଯୋଜନା ବିଷୟରେ କିଛି ସନ୍ଦେହ ଥିଲେ ବିଭାଗକୁ ପଚାରିପାରିବେ ଓ ଯୋଗାଯୋଗ କରିପାରିବେ। ଏପରିକି ଋଣ କେମିତି ନେଇପାରିବେ ପଚାରି ବୁଝି ପାରିବେ। ସେହିପରି କୁହ ସୁଭଦ୍ରାରେ ବିଭାଗ ହିତାଧିକାରୀଙ୍କୁ କଲ୍ କରି ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିବ। ଯେଉଁ ହିତାଧିକାରୀଙ୍କୁ ୨୧ ବର୍ଷ ହେବ ତାଙ୍କୁ ଏଥିରେ ଯୋଡିବା ପାଇଁ ସୁଭଦ୍ରା ସେତୁ କାମ କରିବ। ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ତାଲିମ ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି।ସୁଭଦ୍ରା ଯୋଜନାରେ ପ୍ରଥମ କିସ୍ତିର ୩ଟି ପର୍ଯ୍ୟାୟରେ ପ୍ରାୟ ୮୦ ଲକ୍ଷରୁ ଅଧିକ ମହିଳାଙ୍କୁ ସୁଭଦ୍ରା ରାଶି ସରକାର ଦେଇଛନ୍ତି। ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟରେ ୨୦ ଲକ୍ଷରୁ ଅଧିକ ମହିଳାଙ୍କୁ ଯୋଜନାରେ ସାମିଲ କରି କୋଟିଏ ହିତାଧିକାରୀ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର। କିନ୍ତୁ ଆକାଉଣ୍ଟରେ ତାଳମେଳ ନ ରହିବା, କେୱାଇସି ଅପଡେଟ୍, ଅଜାଣତରେ ଅପ୍ଟ ଆଉଟ ଭଳି କାରଣ ପାଇଁ ବହୁ ହିତାଧିକାରୀଙ୍କୁ ଟଙ୍କା ପାଇବାରେ ବିଳମ୍ବ ହେଉଛି। ଏନପିସିଆଇ ଫେଲ୍ୟୁର ପାଇଁ ହିତାଧିକାରୀ ଟଙ୍କା ପାଇବାରେ ଅସୁବିଧା ହେଉଛି। ସେଥିପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି। ସୁଭଦ୍ରା ଆବେଦନକାରୀଙ୍କୁ ଏନପିସିଆଇ ଦ୍ୱନ୍ଦ୍ୱ ଦୂର କରିବାକୁ ପରାମର୍ଶ ଦିଆଯାଇଛି। ବ୍ୟାଙ୍କ ଯାଇ ଏନପିସିଆଇ ହିତାଧକାରୀ ଯାଞ୍ଚ କରିବାକୁ କୁହାଯାଇଛି।

## ନବ ଦାସଙ୍କ ହତ୍ୟାକୁ ପୂରିଲା ଦୁଇ ବର୍ଷ

**ଝାରସୁଗୁଡ଼ା,୨୯।୦୧(ମହାଭାରତ) :** ନବ ଦାସଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀରେ ଝିଅ ଦୀପାଳି ଦାସଙ୍କ ବଡ଼ ବୟାନ। ବାପାଙ୍କ ହତ୍ୟା ମାମଲାରେ ସିବିଆଇ ତଦନ୍ତ ଦାବି ଦୋହରାଇଲେ ଦୀପାଳି କହିଲେ, ଗଣମାଧ୍ୟମ ଆଗରେ ସିବିଆଇ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ୨ ଥର ଅନୁରୋଧ କରିଥିଲି। ଆଇନ ମନ୍ତ୍ରୀଙ୍କ କହିବା ଅନୁସାରେ ଖୁବଶୀଘ୍ର ସରକାରଙ୍କୁ ଚିଠି ଦିଆଯିବ। ଏଥିପାଇଁ ପ୍ରସ୍ତୁତି ଚାଲିଛି। ଦୁଇ ସପ୍ତାହ ମଧ୍ୟରେ ସିବିଆଇ ତଦନ୍ତ ପାଇଁ ଚିଠି ଦେବୁ। କୌଣସି ରାଜନୈତିକ ଉଦ୍ଦେଶ୍ୟ ରଖି ଏହି ନିଷ୍ପତ୍ତି ନେଇନାହୁଁ। ଗତ ଜାନୁଆରୀ ୨୯ ତାରିଖ ବ୍ରଜରାଜନଗର ଥାନା ଗାନ୍ଧୀଛକ ଠାରେ ଏକ ଦଳୀୟ କାର୍ଯ୍ୟାଳୟ ଉଦଘାଟନ ପାଇଁ ଯାଇଥିବା ସମୟରେ ପୁଲିସ ଗୁଳିରେ ଟଳି ପଡ଼ିଥିଲେ ନବ ଦାସ। ସ୍ୱାସ୍ଥ୍ୟମନ୍ତ୍ରୀ ଥିବା ସହ ବିଜେଡିର ଜଣେ ପ୍ରଭାବଶାଳୀ ମନ୍ତ୍ରୀ ଓ ନେତା ଭାବେ ଦିନକୁ ଦିନ ତାଙ୍କର ପତିଆରା ବୃଦ୍ଧି ପାଇ ଚାଲିଥିଲା। ଏଭଳି ପରିସ୍ଥିତିରେ ଜଣେ ପୁଲିସ ଏଏସଆଇ ହତ୍ୟା କରିବା ଘଟଣାକୁ ଲୋକେ ସହଜରେ ହଜମ କରି ପାରି ନାହାଁନ୍ତି।

## ଇସ୍ରୋର ୧୦୦ତମ ଉତ୍‌କ୍ଷେପଣ

**ନୂଆଦିଲ୍ଲୀ, ୨୯।୧(ଏଜେନ୍ସି):** ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଆଜି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟରେ ସଫଳତାର ସହିତ ୧୦୦ତମ ଜିଏସଏଲଭି ରକେଟ୍ ଶ୍ରୀହାରିକୋଟାସ୍ଥିତ ସତୀଶ ଧାନ ସ୍ପେସ୍ ସେଣ୍ଟରରୁ ଉତ୍‌କ୍ଷେପଣ କରିଛି।

ଏ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାଇଁ ଅଭିନନ୍ଦନ ଜଣାଇ ଏହାକୁ ଏକ ଅବିଶ୍ୱସନୀୟ ମାଇଲଖୁଣ୍ଟ ବୋଲି କହିଛନ୍ତି। ପିଏମ ମୋଦୀ ଆହୁରି କହିଛନ୍ତି ଯେ, ଏହି ଅଦ୍ଭୁତ ମାଇଲଖୁଣ୍ଟ ଦେଶର ବୈଜ୍ଞାନିକ ଏବଂ ଇଞ୍ଜିନିୟରମାନଙ୍କର ଏକନିଷ୍ଠ, ସମର୍ପଣ ଏବଂ ପ୍ରତିବଦ୍ଧତାକୁ ଦର୍ଶାଉଛି। ବେସରକାରୀ କ୍ଷେତ୍ର ହାତ ମିଳାଇବା ସହିତ ଭାରତର ମହାକାଶ ଯାତ୍ରା ନୂତନ ଉଚ୍ଚତା ହାସଲ କରିବ ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି।



ଆଜି ଜିଏସଏଲଭି-ଏଫ-୧୫ ରକେଟ୍ ସକାଳ ୬ଟା ୨୩ରେ ଉତ୍‌କ୍ଷେପଣ କରାଯାଇଥିଲା। ରକେଟ୍ ଏନଭିଏସ-୦୨ ନାଭିଗେସନ୍ ଉପଗ୍ରହକୁ ମହାକାଶକୁ ନେଇ ଦେଶର ମହାକାଶ ଅନୁସନ୍ଧାନ ସଫଳତାରେ ଆଉ ଏକ ସଫଳତା ଯୋଡ଼ିଛି। ଏନେଇ ଇସ୍ରୋ ସୂଚନା ପ୍ରଦାନ କରିଥିଲା ଯେ, ଏନଭିଏସ-୦୨କୁ ଯୋଜନାବଦ୍ଧ କକ୍ଷପଥରେ ଅବସ୍ଥାପିତ କରାଯାଇଛି।

ଜିଏସଏଲଭି-ଏଫ-୧୫ ରକେଟ୍ ବିଶେଷ ଭାବରେ ଉଲ୍ଲେଖନୀୟ ଥିଲା କାରଣ ଏହା ଜିଓସିଙ୍କ୍ରୋନସ୍ ସାଟେଲାଇଟ୍ ଲଞ୍ଚ ଯାନ (ଜିଏସଏଲଭି)ର ୧୭ତମ ମିଶନ୍ ଏବଂ ଏକ ସ୍ୱଦେଶୀ କ୍ରାୟୋଜେନିକ୍ ଜ୍ଞାନକୌଶଳ ବ୍ୟବହାର କରି ଏକାଦଶ ସଫଳ ମିଶନ୍ କରିଛି। ଏହା ମଧ୍ୟ ଜିଏସଏଲଭିର ଅଷ୍ଟମ କାର୍ଯ୍ୟକ୍ଷମ ରକେଟ୍‌କୁ ସ୍ୱଦେଶୀ କ୍ରାୟୋଜେନିକ୍ ଜ୍ଞାନକୌଶଳ ଏବଂ ଶ୍ରୀହାରିକୋଟାସ୍ଥିତ ମହାକାଶଯାନରୁ ୧୦୦ ତମ ଉତ୍‌କ୍ଷେପଣ କରିଛି। ଏହି ସମୟରେ, ଇସ୍ରୋ ଅଧକ୍ଷ ଭି ନାରାୟଣନ କହିଛନ୍ତି ଯେ, ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ୧୦୦ଟି ମିଶନ ଉତ୍‌କ୍ଷେପଣ ପାଇଁ ଜାତୀୟ ମହାକାଶ ସଂସ୍ଥା କାର୍ଯ୍ୟ କରିବ। ଆଜି ଆମେ ଏକ ଐତିହାସିକ ସଫଳତା ହାସଲ କରିଛୁ ଇସ୍ରୋର ଟିମ୍ କଠିନ ପରିଶ୍ରମ ଏବଂ ଦଳଗତ ଭାବେ କାର୍ଯ୍ୟ କରି ଏହି ସଫଳତା ହାସଲ କରିଛି ବୋଲି ନାରାୟଣନ୍ କହିଛନ୍ତି। ୪୬ ବର୍ଷ ମଧ୍ୟରେ ୧୦୦ତମ ଉତ୍‌କ୍ଷେପଣ କରାଯାଇଥିବା ଚେୟାରମ୍ୟାନ୍ କହିଛନ୍ତି।

## ମହାକୁମ୍ଭରେ ଦଳାଚକଟା, ୩୦ ମୃତ

ପ୍ରୟାଗରାଜ/ନୂଆଦିଲ୍ଲୀ, ୨୯।୧: ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳାରେ ବଡ଼ ଧରଣର ଅଘଟଣ ଘଟିଛି। ବୁଧବାର ଭୋର ସମୟରେ ମୌନୀ ଅମାବାସ୍ୟା ପାଇଁ ଅନେକ କୋଟି ଶ୍ରଦ୍ଧାଳୁ ବୁଡ଼ ପକାଇବାକୁ ସଙ୍ଗମସ୍ଥଳକୁ ଯାଇଥିବାବେଳେ ଦଳାଚକଟା ହୋଇଛି। ଏଥିରେ ଅନେକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ସଂଖ୍ୟା ୩୦ ବୋଲି କୁହାଯାଉଥିଲେ ହେଁ ପ୍ରକୃତ ସଂଖ୍ୟା ଅଧିକ ହୋଇଥିବା ଆଶଙ୍କା କରାଯାଉଛି। ସେଥିମଧ୍ୟରୁ ୨୫ ଜଣ ଚିହ୍ନଟ ହୋଇଛନ୍ତି ୯୦ରୁ ଅଧିକ ଲୋକଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବ୍ୟାରିକେଡ୍ ଭାଙ୍ଗିବା କାରଣରୁ ଏହି ଅଘଟଣ ଘଟିଛି। ଏହି ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନକର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ପ୍ରମୁଖ ଶୋକ ବ୍ୟକ୍ତ କରିବା ସହ ସୋସିଆଲ ମିଡିଆରେ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏହି ଅଘଟଣକୁ ନେଇ ନିଜର ଶୋକ ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସେ ଏହାକୁ ଅତ୍ୟନ୍ତ ଦୁଃଖଦ ଘଟଣା ବୋଲି କହିଛନ୍ତି ଏବଂ ନିଜର ପ୍ରିୟଜନଙ୍କୁ ହରାଇଥିବା ଭକ୍ତମାନଙ୍କ ପ୍ରତି ଗଭୀର ସମବେଦନା ପ୍ରକାଶ କରିଛନ୍ତି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।ତିନି ଜଣିଆ ବିଚାର ବିଭାଗୀୟ କମିଶନ ସମଗ୍ର ମାମଲାର ତଦନ୍ତ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ଶ୍ରୀ ଆଦିତ୍ୟନାଥ ଗଣମାଧ୍ୟମକୁ କହିଛନ୍ତି।ଏହି ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି।




ସୂଚନା ଅନୁଯାୟୀ, ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ପ୍ରୟାଗରାଜକୁ ପ୍ରବେଶ କରୁଥିବା ୮ଟି ପ୍ରବେଶ ପଥର ସୀମାକୁ ବନ୍ଦ ରଖାଯାଇଛି।ସେଗୁଡିକ ହେଉଛି ଭଦୋହି, ଚିତ୍ରକୁଟ, କୋଶାମ୍ବି, ଫତେପୁର, ପ୍ରତାପଗଡ଼, ଜୌନପୁର ଓ ମିର୍ଜାପୁର ସମଗ୍ର ମେଳା ଅଞ୍ଚଳକୁ ନୋ-ଭେଇକିଲ ଜୋନ୍ ଘୋଷଣା କରାଯାଇଛି ସମସ୍ତ ଗାଡ଼ି ପାସ୍ ବାତିଲ କରାଯାଇଛି।ଅର୍ଥାତ ମେଳାରେ ଗୋଟିଏ ବି ଗାଡି ଚଳାଚଳ କରିବ ନାହିଁ ସମସ୍ତ ରାସ୍ତାକୁ ଏକତରଫା କରାଯାଇଛି। ଗୋଟିଏ ରୁଟରୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ସ୍ନାନ ପରେ ଅନ୍ୟ ମାର୍ଗ ଦେଇ ପଠାଯାଉଛି।

ତେବେ ବର୍ତ୍ତମାନ ସଙ୍ଗମ ଅଞ୍ଚଳର ପରିସ୍ଥିତି ସ୍ୱାଭାବିକ ହୋଇଛି, କିନ୍ତୁ ମହାକୁମ୍ଭରେ ସ୍ନାନ କରିବା ପାଇଁ ସେଠାରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି। ଜାନୁଆରୀ ୧୩ରୁ ଆରମ୍ଭ ହୋଇଥିବା ମହାକୁମ୍ଭରେ ଏପର୍ଯ୍ୟନ୍ତ ପ୍ରାୟ ୨୦ କୋଟି ଲୋକ ଗଙ୍ଗାରେ ବୁଡ଼ ପକାଇ ସାରିଛନ୍ତି। ଆଜି ଅର୍ଥାତ ବୁଧବାର ମୌନୀ ଅମାବାସ୍ୟାରେ ୧୦ କୋଟିରୁ ଅଧିକ ଭକ୍ତ ପହଞ୍ଚିବେ ବୋଲି ଆଶା କରାଯାଉଛି।

# ଛେନା ପୁର ମଣ୍ଡା ପିଠା

**ଆବଶ୍ୟକ ସାମଗ୍ରୀ :** ଅଟା, ଆଳୁ, କଟାକଂଚାଲଙ୍କା, ଅଳ୍ପ ହଳଦୀ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣୀ ଓ କସ୍ତୁରୀ ମେଥି।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥରେ ଅରୁଆ ଚାଉଳକୁ ପାଣିରେ ଭିଜାଇ ରଖନ୍ତୁ। କିଛି ଘଂଟା ପରେ ଏହାକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏବେ ଏହାକୁ ଏକ ପାତ୍ରରେ ରଖନ୍ତୁ। ଏହା ପରେ ପୁର ପ୍ରସ୍ତୁତ କରିବା ପାଇଁ ନଡ଼ିଆ କୋରି ଦିଅନ୍ତୁ। ଗ୍ୟାସରେ କଡ଼େଇ ବସାଇ ନଡ଼ିଆ କୋରା, ଚିନି, ଛେନା ଏବଂ ଗୁଜୁରାତି ଗୁଣ୍ଡ ପକାଇ ଭାଜି ଦିଅନ୍ତୁ। ଆପଣ ଏଠାରେ ଚାହିଁଲେ ଚିନି ଜାଗାରେ ଗୁଡ଼ ମଧ୍ୟ ପକାଇ ପାରିବେ। ଏହାପରେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରନ୍ତୁ। ସେଥିରେ ଆବଶ୍ୟକ ଅନୁସାରେ ଲୁଣ ପକାନ୍ତୁ। ପାଣି ଫୁଟିଯିବା ପରେ ଚାଉଳ ଚୂନା ପକାନ୍ତୁ ଓ ତାକୁ ଭଲ ଚଲାନ୍ତୁ୍ୟ ଜନ୍ତା ପ୍ରସ୍ତୁତି ହୋଇଯିବା ପରେ କଡ଼େଇକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ଜନ୍ତା ସାମାନ୍ୟ ଥଣ୍ଡା ହେବା ପରେ ସେଥିରେ ପୂର ଦେଇ ଗୋଲ ଗୋଲ କରନ୍ତୁ। ଏବେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରି କରନ୍ତୁ। ପାଣି ଫୁଟିଯିବା ପରେ ସେଗୁଡ଼ିକୁ ସେଥିରେ ପକାନ୍ତୁ। କିଛି ସମୟ ପରେ ସେଗୁଡ଼ିକୁ ପାଣିରୁ କାଢ଼ି ଆଣନ୍ତୁ। ପ୍ରସ୍ତୁତ ହୋଇଗଲା ଛେନା ପୁର ଦିଆ ମଣ୍ଡାପିଠା।



ଖବର

# ଖୁବଶୀଘ୍ର ଓଟିଟି ପ୍ଲାଟ ଫର୍ମରେ ରିଲିଜ୍ ହେବ 'ଲଭୟାପା'



ରୋମାଣ୍ଟିକ୍ ଓ କମେଡିରେ ଭରପୂର ଫିଲ୍ମ 'ଲଭୟାପା' ଖୁବଶୀଘ୍ର ଓଟିଟି ପ୍ଲାଟ୍ଫର୍ମରେ ରିଲିଜ୍ ହେବାକୁ ଯାଉଛି । ଏହି ଫିଲ୍ମ ସହିତ ସୁପରଷ୍ଟାର୍ ଆମୀର ଖାନ୍ଙ୍କ ପୁଅ ଜୁନୈଦ ଖାନ୍ ଏବଂ ଶ୍ରୀଦେବୀଙ୍କ ସାନ ଝିଅ ଖୁସି କପୁର ମଧ୍ୟ ବଡ଼ ପରଦାରେ ଡେବ୍ୟୁ କରିବେ। ନିକଟରେ 'ଲଭ୍ୟାପା'ର ଟ୍ରେଲର ରିଲିଜ୍ ହୋଇସାରିଛି । ଏହି ଫିଲ୍ମଟି ଭାଲେଣ୍ଟାଇନ୍ ଡେ' ଦିନ ଦର୍ଶକଙ୍କୁ ମନୋରଞ୍ଜନ କରିବା ପାଇଁ ପ୍ରସ୍ତୁତ ହୋଇସାରିଛି। 'ଲଭୟାପା' ହଲରେ ରିଲିଜ୍ ପୂର୍ବରୁ ଓଟିଟି ପ୍ଲାଟ୍ଫର୍ମରେ କେବେ ରିଲିଜ୍ ହେବ ଜାଣିରଖନ୍ତୁ।ସୂଚନା ଅନୁସାରେ, ଅଦ୍ୱୈତ ଚନ୍ଦନଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଲଭ୍ୟାପା' ଫେବୃଆରି ୭ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ । ଏହି ଫିଲ୍ମଟି ୨୦୨୨ ତାମିଲ ଚଳଚ୍ଚିତ୍ର 'ଲଭ୍ ଟୁଡେ'ର ରିମେକ୍ ଅଟେ । ଏସବୁ ମଧ୍ୟରେ ସୂଚନା ଥାଉକି, 'ଲଭ୍ୟାପା' ପ୍ରେକ୍ଷାଳୟରେ ରିଲିଜ୍ ପୂର୍ବରୁ ଓଟିଟି ପ୍ଲାଟ୍ଫର୍ମର ଡିଜନି ପ୍ଲସ ହଟଷ୍ଟାରରେ ଆସିବ ବୋଲି ଅନୁମାନ କରାଯାଉଛି । ତେବେ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ କିଛି ଘୋଷଣା କରାଯାଇ ନାହିଁ ।

'ଲଭ୍ୟାପା'ର ଟ୍ରେଲର ଆସିବା ପରେ ଏହି ଫିଲ୍ମ ବିଷୟରେ ଜାଣିବା ପାଇଁ ପ୍ରଶଂସକଙ୍କ ମଧ୍ୟରେ ଏକ ଜବରଦସ୍ତ କ୍ରେଜ୍ ରହିଛି । ଏହି ଫିଲ୍ମ ରୋମାଣ୍ଟିକ୍ ଓ ଭରପୂର କମେଡି ଦ୍ୱାରା ର୍ନିମିତ ହୋଇଛି । ଏଥିରେ ଗ୍ରୁଶା କପୁର, ଆଶୁତୋଷ ରାଣା, ତନବିକା ପାର୍ଲିକର, କିକୁ ଶାରଦା ଏବଂ କୁଞ୍ଜ ଆନନ୍ଦଙ୍କ ପରି ଅନେକ କଳାକାର କାମ କରିଛନ୍ତି ।

# ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ଅଁଳା

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଅଁଳା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଏଥିରେ ବିଭିନ୍ନ ପ୍ରକାର ଭିଟାମିନ ସହିତ କ୍ୟାଲସିୟମ, ମ୍ୟାଗ୍ନେସିୟମ, ପଲିଫେନାଲ ଓ ଆଇରନ ଭଳି ପୋଷକ ତତ୍ତ୍ୱ ରହିଛି। ଛୋଟ ଛୁଆ ଓ ବୟସ୍କଙ୍କ ପାଇଁ ଅଁଳା ଖୁବ ଉପକାରୀ। ପ୍ରତିଦିନ ଅଁଳା ଖାଇଲେ ସଂକ୍ରମଣର ଭୟ ନଥାଏ। ତେବେ ଆସନ୍ତୁ ଜାଣିବା, ଡାଏଟରେ ଅଁଳାକୁ କିପରି ସାମିଲ କରିପାରିବା।

- ବଜାରରେ ମିଳୁଥିବା ଅଁଳା କ୍ୟାଣ୍ଡି ଖାଇ ପାରିବେ। ଏହି କ୍ୟାଣ୍ଡିକୁ ଆପଣ ଚାହିଁଲେ ଘରେ ମଧ୍ୟ ତିଆରିକରି ପାରିବେ। ଏଥିପାଇଁ ପ୍ରଥମେ ଅଁଳାକୁ ସିଝାଇ ଚିନିରେ ପକାଇ ଖରାରେ ଶୁଖାଇ ଦିଅନ୍ତୁ। ଶୁଖିଯିବା ପରେ ଏୟାରଟାଇଟ ଡବାରେ କ୍ୟାଣ୍ଡିକୁ ଭର୍ତ୍ତି କରି ରଖନ୍ତୁ।
- ଅଁଳା ଚଟଣି ତିଆରି କରିବା ବହୁତ ସହଜ। ଏଥିପାଇଁ ଚିନି, ଭିନେଗାର ଓ ଗୁଜୁରାତିକୁ ମିଶାଇ ଅଁଳା ଚଟଣି ତିଆରି କରିପାରିବେ। ଆପଣ ଚାହିଁଲେ ଘରେ ଜିରା, ସୋରିଷତେଲ, ମେଥି ଓ ଅନ୍ୟାନ୍ୟ ସାମଗ୍ରୀ ମିଶାଇ ଅଁଳା ଆଚାର ମଧ୍ୟ ପ୍ରସ୍ତୁତ କରିପାରିବେ।
- ସେହିପରି ରୋଗ ପ୍ରତିରୋଧକ ଶକ୍ତି ବଢାଇବା ପାଇଁ ପ୍ରତିଦିନ ଗୋଟିଏ ଗ୍ଲାସ ପାଣିରେ ଅଁଳା ରସ ଓ ମହୁ ମିଶାଇ ପିଅନ୍ତୁ। ଏହାଦ୍ୱାରା କେବଳ ରୋଗ ପ୍ରତିରାଧକ ଶକ୍ତି ବୃଦ୍ଧି ହୋଇନଥାଏ, ତ୍ୱଚା ମଧ୍ୟ ସୁସ୍ଥ ରହିଥାଏ।



# ଖାଆନ୍ତୁ କଦଳୀ ଚୋପା

ପ୍ରତ୍ୟେକ ବୟସରେ କଦଳୀ ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ। ଏହା ଖୁବ ସ୍ୱାଦିଷ୍ଟ ମଧ୍ୟ ପୋଷକ ତ□ରେ ଭରପୁର କଦଳୀ, ସ୍ୱାସ୍ଥ୍ୟ ପାଇଁ ଖୁବ ଲାଭଦାୟକ ବୋଲି କୁହାଯାଏ। କଦଳୀର ଉପକାରୀ ଗୁଣ ବିଷୟରେ ସର୍ଭିଙ୍କୁ ଜଣା। ମାତ୍ର ଏହାର ଚୋପାର ଉପକାରୀ ଗୁଣ ବିଷୟରେ ଜାଣିଛନ୍ତି କି? ଅଧିକାଂଶ ଲୋକେ ସାଧାରଣତଃ କଦଳୀ ଖାଇବା ପରେ ଏହାର ଚୋପାକୁ ଫିଙ୍ଗି ଦେଇଥାଆନ୍ତି। ମାତ୍ର ଏହାର ଚୋପା ଆଶ୍ଚର୍ଯ୍ୟଜନକ ଲାଭ ଦେଇଥାଏ। କଦଳୀ ଓ ଏହାର ଚୋପା ଉଭୟ ସ୍ୱାସ୍ଥ୍ୟ ପାଇଁ



ଭିନ୍ନ ଭିନ୍ନ ଉପକାର କରିଥାଏ। ସବୁଜ କଦଳୀ ପାଚନ ଜନିତ ସମସ୍ୟା ଦୂର କରିବା ପାଇଁ ଅଧିକ ପ୍ରଭାବଶାଳୀ। ଏହାସହ ପାଚିଲା କଦଳୀ ଶରୀରକୁ ଅନେକ ସଂକ୍ରମଣରୁ ରକ୍ଷା କରିଥାଏ। କଦଳୀ ଚୋପାରୁ ସ୍ୱାସ୍ଥ୍ୟକର ଜଳଖିଆ ଓ ମିଠା ମଧ୍ୟ ପ୍ରସ୍ତୁତ କରି ହେବ। କଦଳୀର ଭିତର ଅଂଶ ନରମ ଓ ମିଠା ହୋଇଥାଏ। ମାତ୍ର କଦଳୀ ଚୋପାକୁ ସେବନ କରିବା ପୂର୍ବରୁ ଏହାକୁ ଭଲ ଭାବେ ଧୋଇବା ଆବଶ୍ୟକ।କଦଳୀ ଚୋପାରେ କ୍ୟାଲୋରୀ, କାର୍ବୋହାଇଡ୍ରେଟ, ଶର୍କରା, ଫାଇବର, ପୋଟାସିୟମ, ପ୍ରୋଟିନ, ଭିଟାମିନ ଏ, କ୍ୟାଲସିୟମ ଓ ଆଇରନ ସମେତ ଅନେକ ପୋଷକ ତ□ ରହିଛି। ଏହାର ସେବନ କରିବା ଦ୍ୱାରା ଶରୀରକୁ ଆବଶ୍ୟକ ପରିମାଣରେ ପୋଷକ ତ□ ମିଳିଥାଏ। ଏହା ଶରୀରକୁ ମଜଭୂତ କରିଥାଏୟ କଦଳୀ ଚୋପାରେ ଥିବା ଏକ ପ୍ରକାର ପୋଷକ ତ□ ମାନସିକ ସୁସ୍ଥତା ବଜାୟ ରଖେ। ମାନସିକ ଦୁଶ୍ଚିନ୍ତା ଦୂର କରିଥାଏ। ଶାନ୍ତି ଅନୁଭବ ହୋଇଥାଏ। ଚୋପାରେ ଥିବା ଭିଟାମିନ ବି୬ ଉତ୍ତମ ନିଦରେ ମଧ୍ୟ ସହାୟକ ହୋଇଥାଏ। ମସ୍ତିଷ୍କ ମଧ୍ୟ ସୁସ୍ଥ ରହିଥାଏୟକଦଳୀ ଚୋପାରେ ଫାଇବର ପ୍ରଚୁର ମାତ୍ରାରେ ରହିଛି। ପେଟ ଖରାପ ସମୟରେ ଓ କୋଷ୍ଠକାଠିନ୍ୟ ସମସ୍ୟା ଥିଲେ କଦଳୀ ଚୋପା ଖାଇବା ଖୁବ୍ ଉପକାରୀ। ଚକ୍ଷୁକୁ ସୁସ୍ଥ ରଖିବା ପାଇଁ କଦଳୀ ଚୋପାର ସେବନ କରିବା ଉଚିତୟ ଏଥିରେ ଥିବା ଭିଟାମିନ ଏ ଆଖିକୁ ସୁସ୍ଥ, ଦୃଷ୍ଟି ଶକ୍ତି ବୃଦ୍ଧି କରିବାରେ ବେଶ ସହାୟକ ହୋଇଥାଏ। ଏହି ଭିଟାମିନ କଦଳୀ ଓ ଏହାର ଚୋପା ଉଭୟରେ ପ୍ରଚୁର ମାତ୍ରାରେ ରହିଛିୟକଦଳୀ ଚୋପାରେ ଆଣ୍ଟି-ଅକ୍ସିଡାଣ୍ଟ ମଧ୍ୟ ରହିଛି। କଦଳୀ ଚୋପାର ସେବନ କରିବା ଦ୍ୱାରା ଆଣ୍ଟି-ଅକ୍ସିଡା□ ସ୍ତର ବୃଦ୍ଧି ହୋଇଥାଏ। ଏହାସହ କର୍କଟ ରୋଗରୁ ମଧ୍ୟ ଶରୀରକୁ ରକ୍ଷା କରିଥାଏ।

# ମଙ୍ଗଳସୂତ୍ରର ମହତ୍ତ୍ୱ



ମଙ୍ଗଳସୂତ୍ର ଧାରଣ କରିବା ଏକ ପରମ୍ପରା ଭାବେ ବହୁ ପୁରାତନ ସମୟରୁ ପାଳନ ହୋଇଆସୁଛି । ମଙ୍ଗଳସୂତ୍ରକୁ ବିବାହର ଓ ସ୍ୱାମୀଙ୍କର ଏକ ପ୍ରତୀକ ବୋଲି କୁହାଯାଏ। ବିବାହ ପରେ ସଧବା ନାରୀମାନେ ମଙ୍ଗଳସୂତ୍ରକୁ ଶ୍ରଦ୍ଧାପୂର୍ବକ ଧାରଣ କରି ଥାଆନ୍ତି । ଏହା ଷୋହଳ ଶୃଙ୍ଗାର ମଧ୍ୟରୁ ଗୋଟିଏ ଅଟେ । ମାତ୍ର ଏହା କେବଳ ଏକ ଗହଣା ନୁହେଁ, ଏଥିରେ ବହୁ ଚମତ୍କାରୀ ଓ ଲାଭଦାୟକ ଗୁଣ ମଧ୍ୟ ରହିଛି ।

ମଙ୍ଗଳସୂତ୍ର ଧାରଣ କରିବାର ବୈଜ୍ଞାନିକ ମହତ୍ତ୍ୱ-

ବୈଜ୍ଞାନିକ ଦୃଷ୍ଟିକୋଣରୁ କୁହାଯାଏ ଯେ, ମଙ୍ଗଳସୂତ୍ର ସୁନା ଅଥବା ଚାନ୍ଦି ଓ କଳା ମୋତିରେ ର୍ନିମିତ ହୋଇଥାଏ । ଦୁଇଟି ଧାତୁ ଚାନ୍ଦି ଓ ସୁନା ମହିଳାଙ୍କ ହୃଦୟକୁ ସୁସ୍ଥ ରଖିଥାଏ । ଏହି ଧାତୁ କାରଣରୁ ନାରୀମାନଙ୍କ ରକ୍ତଚାପ ସଠିକ ରହିଥାଏ । ମଙ୍ଗଳସୂତ୍ରରେ ଥିବା ସୁନା ଶକ୍ତି ଓ ତେଜର ପ୍ରତୀକ । ତେଣୁ ସୁନା ଧାରଣ କରିବା ଦ୍ୱାରା ମହିଳାଙ୍କୁ ଶକ୍ତି ମିଳିଥାଏ । ମଙ୍ଗଳସୂତ୍ରରେ ଥିବା କଳା ମୋତି ବାୟୁଜନିତ ରୋଗରୁ ରକ୍ଷା କରିବା ପାଇଁ ଶକ୍ତି ପ୍ରଦାନ କରିଥାଏ । ମଙ୍ଗଳସୂତ୍ର ଧାରଣ କରିବା ଦ୍ୱାରା ମହିଳାଙ୍କ ଶରୀରରେ ସକରାତ୍ମକ ଶକ୍ତି ରହିବା ସହ ସେ ନିଜକୁ ଶକ୍ତିଶାଳୀ ଅନୁଭବ କରିଥାଆନ୍ତି ।

ମଙ୍ଗଳସୂତ୍ରର ଧାର୍ମିକ ମହତ୍ତ୍ୱ ଓ ଏହା ସହ ଜଡ଼ିତ ମାନ୍ୟତା-

ହିନ୍ଦୁ ଧର୍ମର ପରମ୍ପରା ଅନୁଯାୟୀ ବିବାହ ପରେ ମହିଳାମାନେ ବିଭିନ୍ନ ଶୃଙ୍ଗାର ଦ୍ରବ୍ୟ ବ୍ୟବହାର କରିଥାଆନ୍ତି। ଏହାସହ ବହୁ ଗହଣା ପିନ୍ଧିବାର ମଧ୍ୟ ଆବଶ୍ୟକତା ଥାଏ । ମଙ୍ଗଳସୂତ୍ର ମଧ୍ୟ ସେହି ଗହଣା ମଧ୍ୟରୁ ଗୋଟିଏ । ମଙ୍ଗଳସୂତ୍ର କଳା ମୋତି ଓ ସୁନାର ଲକେଟକୁ ନେଇ ତିଆରି କରାଯାଏ । ଏହା ଅଖଣ୍ଡ ସୌଭାଗ୍ୟର ପ୍ରତୀକ କାରଣ ନାରୀଟି ନିଜ ସ୍ୱାମୀଙ୍କ ଦ୍ୱାରା ହିଁ ବିବାହ ସମୟରେ ମଙ୍ଗଳସୂତ୍ର ପିନ୍ଧିଥାଏ । ମଙ୍ଗଳସୂତ୍ରରେ ଥିବା କଳା ମୋତି ନାରୀମାନଙ୍କୁ ନକରାତ୍ମକ ଦୃଷ୍ଟିରୁ ରକ୍ଷା କରିଥାଏ ।



# ବାଉଁଶ ଜଳାଯାଏନି, ଜାଣନ୍ତୁ ଏହା ପଛରେ ଥିବା ଧାର୍ମିକ ଓ ବୈଜ୍ଞାନିକ କାରଣ

କୌଣସି ଧାର୍ମିକ ବିଧିବିଧାନ ହେଉ ଅଥବା ସଂସ୍କାରରେ ବାଉଁଶ କେଉଁଠାରେ ବି ଜଳାଇବା କାର୍ଯ୍ୟରେ ଆସେନ। ଯଦିଓ ମଣିଷର ମୃତ୍ୟୁରେ ତାକୁ ବାଉଁଶ କୋକେଇରେ ନେବାର ବିଧି ରହିଛି ହେଲେ ହିନ୍ଦୁ ଧର୍ମରେ ଦାହ କାର୍ଯ୍ୟରେ



କାଠ ବ୍ୟତୀତ ବାଉଁଶର ଉପଯୋଗ ସମ୍ପୂର୍ଣ୍ଣ ବର୍ଜିତ। ହଜାର ହଜାର ବର୍ଷର ଭାରତୀୟ ଧାର୍ମିକ ସଂସ୍କୃତିରେ ଥିବା ବିଧିବିଧାନରେ ବାଉଁଶକୁ ବର୍ଜିତ ରଖା ଯାଇଛି। ତେବେ କେବଳ ଧାର୍ମିକ କାର୍ଯ୍ୟ ଲାଗି ନା ଏହା ପଛରେ ଅନ୍ୟ ବୈଜ୍ଞାନିକ କାରଣ ରହିଛି ସେ ସମ୍ପର୍କରେ ଆସନ୍ତୁ ଜାଣିବାୟ।

ବାଉଁଶକୁ ଭାରତୀୟ ଧର୍ମ ଶାସ୍ତ୍ରରେ ଜଳେଇବା ନିଷିଧ। ହୋମ ହେଉ କି ଯଜ୍ଞ ଏଥିରେ ବିଭିନ୍ନ କାଠର ଉପଯୋଗ ହୁଏ ହେଲେ ସୁଖିଲା ଥିଲେ ବି ବାଉଁଶକୁ ଏ ସବୁ ଧାର୍ମିକ କାର୍ଯ୍ୟରେ ବ୍ୟବହାର କରାଯାଏନି। ସେହିପରି ମଣିଷର ମୃତ୍ୟୁରେ ବାଉଁଶକୁ କୋକେଇ କରି ବୋହିନେବାର ବିଧି ରହିଛି। କିନ୍ତୁ ଶ୍ମଶାନରେ କାଠ ବ୍ୟତୀତ ଶବ ପୋଡିବାରେ ବାଉଁଶକୁ କେବେବି ବ୍ୟବହାର କରନ୍ତିନି। ହିନ୍ଦୁ ଧାର୍ମିକ ନିୟମରେ ବାଉଁଶ ଜଳାଇଲେ ଲୋକଙ୍କୁ ପିତୃ ଦୋଷ ଲାଗିଥାଏ ବୋଲି ମାନ୍ୟତା ରହିଛି। ଏଣୁ ଲୋକେ ଦୋଷ ଲାଗିବା ଭୟରେ ବାଉଁଶ ଜଳାନ୍ତିନି। ତେବେ ଏହାର ବୈଜ୍ଞାନିକ କାରଣ ବି ରହିଛି। ତାହା ହେଉଛି ବାଉଁଶରେ ଉପସ୍ଥିତ ଥିବା ଲିଡୟ ବାଉଁଶ ଜଳିଲେ ସେଥିରୁ ଲିଡ ଅକ୍ସାଇଡ ର୍ନିଗତ ହୁଏୟ ଯାହା ନ୍ୟୁରୋଟିକ୍ସିକ ବୋଲି ବିଜ୍ଞାନ କୁହେ। ତେବେ ଧୂପ କାଠିରେ ବାଉଁଶ ବ୍ୟବହାର ହେଉଛି। ଏଣୁ ଭାରତୀୟ ଧାର୍ମିକ ବିଧିରେ କେଉଁଠାରେ ହେଲେ ପୂଜାରେ ଅଗରବତୀ ଉପଯୋଗର ନିୟମ ନାହିଁ। ଅଗରବତୀ ଜଳିଲେ ଏଥିରୁ ସୁଗନ୍ଧ ବିଚ୍ଛୁରିତ ହୁଏୟ ହେଲେ ଏହା ସହ ଜଳୁଥିବା ବାଉଁଶ କାଠି ଶାରୀରିକ ସମସ୍ୟାର କାରଣ ପାଲଟିଥାଏ। ବାଉଁଶ ପୋଡା ବାସ୍ନା ନିଶ୍ୱାସରେ ଶରୀରକୁ ପହଞ୍ଚିଯାଏ। ଶରୀରରେ ଏହାର ସାମାନ୍ୟତମ ଉପସ୍ଥିତି କ୍ୟାନସର ଅଥବା ମସ୍ତିଷ୍କାଘାତର କାରଣ ହୋଇପାରେ। ଭାରି ଧାତୁ ପୋଡିଲେ ଲିଡ୍ ଅକ୍ସାଇଡ ର୍ନିଗତ ହୁଏ ।ତେବେ ବାଉଁଶରୁ ମଧ୍ୟ ସେତିକି ପରିମାଣରେ ଏହି ବିଷାକ୍ତ ବାଷ୍ପ ର୍ନିଗତ ହେଉଥିବାରୁ ଜାଳିବା ଲାଗି ବାଉଁଶ ବର୍ଜିତ କରାଯାଇଛ।

ମହାଭାରତ
ନଗରନକ୍ସା ମହାନଗରର ନିଜ ଭାଷା



# କେମିକାଲ୍, ପେଟ୍ରୋ-କେମିକାଲ ଓ ପ୍ଲାଷ୍ଟିକ ଶିଳ୍ପ କ୍ଷେତ୍ରରେ ଓଡ଼ିଶା ବ୍ୟାପକ ଅଗ୍ରଗତି କରୁଛି : ପ୍ରଭାତୀ

**ଭୁବନେଶ୍ୱର, ୨୯।୧ (ମହାଭାରତ):** ଓଡ଼ିଶାରେ ଏବେ ପୁଞ୍ଜି ନିବେଶ ପାଇଁ ଅନୁକୂଳ ସମୟ ସୃଷ୍ଟି ହୋଇଛି । ରାଜ୍ୟରେ ପୁଞ୍ଜି ନିବେଶ କରିବାକୁ ଏବେ ସମସ୍ତେ ଆଗ୍ରହ ପ୍ରକାଶ କରୁଛନ୍ତି । ଉତ୍କୃଷ୍ଟ କଳାର ପ୍ରଦେଶ ଓଡ଼ିଶାକୁ ଆଜି ଉତ୍କର୍ଷ ଓଡ଼ିଶାରେ ପରିଣତ କରିବାକୁ ଆନ୍ତରିକ ପ୍ରୟାସ ଜାରି ରଖିବା ନିମନ୍ତେ ସମସ୍ତ ସହଭାଗୀମାନଙ୍କୁ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଧନ୍ୟବାଦ ଦେଇଛନ୍ତି ।

ଉତ୍କର୍ଷ ଓଡ଼ିଶା ସମ୍ମିଳନୀ-୨୦୨୫ ଅବସରରେ ଆୟୋଜିତ କେମିକାଲ, ପେଟ୍ରୋ କେମିକାଲ ଓ ପ୍ଲାଷ୍ଟିକ୍ ଶୀର୍ଷକ ଆଲୋଚନା ଚକ୍ର ଅବସରରେ ପୁଞ୍ଜି ନିବେଶକ ଓ ଶିଳ୍ପ ସଂସ୍ଥାର ପ୍ରତିନିଧିମାନଙ୍କୁ ଉଦବୋଧନ ଦେବା ଅବସରରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ପରିଡ଼ା କହିଥିଲେ ଯେ, ଓଡ଼ିଶା ଆଜି କେମିକାଲ, ପେଟ୍ରୋ-କେମିକାଲ ଏବଂ ପ୍ଲାଷ୍ଟିକ ଶିଳ୍ପ କ୍ଷେତ୍ରରେ ବ୍ୟାପକ ଅଗ୍ରଗତି କରୁଛି ଏବଂ ଦେଶ ବିଦେଶର ପୁଞ୍ଜି ନିବେଶକାରୀଙ୍କୁ ଆକୃଷ୍ଟ କରୁଛି । ଓଡ଼ିଶା ଆଜି କେବଳ ଦେଶ ମଧ୍ୟରେ ଶିଳ୍ପ ଉତ୍ପାଦନକୁ ପହଁଚାଇପାରିଛି, ତାହା ନୁହେଁ,



ଆନ୍ତର୍ଜାତୀୟ କ୍ଷେତ୍ରରେ ମଧ୍ୟ ନିଜ ପାଇଁ ଏକ ସ୍ୱତନ୍ତ୍ର ବଜାର ସୃଷ୍ଟି କରିପାରିଛି ।

ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି ଅବସରରେ ଉପସ୍ଥିତ ରହି କହିଲେ ଯେ, ରାଜ୍ୟରେ ଆଜି ଶିଳ୍ପାୟନ କ୍ଷେତ୍ରରେ ଉନ୍ନତି ଓ ସମୃଦ୍ଧି ଯୋଗୁଁ ବିକଶିତ ଭାରତର ଜୟଯାତ୍ରା କ୍ଷେତ୍ରରେ ଓଡ଼ିଶା ଭାଗିଦାରୀ ହେବାକୁ ଯାଉଛି । ଓଡ଼ିଶା ଏବେ କେମିକାଲ, ପେଟ୍ରୋ-କେମିକାଲ ଓ ପ୍ଲାଷ୍ଟିକର ଉତ୍ପାଦନ କ୍ଷେତ୍ରରେ ସ୍ୱତନ୍ତ୍ର ହବ୍ ହୋଇପାରିଛି । ଏହା ଆମର ଶିଳ୍ପାୟନ କ୍ଷେତ୍ରରେ ସୁଚିନ୍ତିତ ଓ ଯୋଜନାବଦ୍ଧ ଦୀର୍ଘସ୍ଥାୟୀ ଲକ୍ଷ୍ୟ ନେଇ ଭିତ୍ତିଭୂମିର ଉନ୍ନୟନ ଓ ଆନୁଷଙ୍ଗିକ ସୁବିଧା ଉପଲବ୍ଧି ଦ୍ୱାରା ସମ୍ଭବ ହୋଇଛି । ପାରାଦୀପ ଠାରେ ପ୍ରତିଷ୍ଠିତ ଇଣ୍ଡିଆନ୍ ଅଏଲ କର୍ପୋରେସନର ରିଫାଇନେରୀ ଉପରେ ନିର୍ଭର କରି ବହୁ ଆନୁଷଙ୍ଗିକ ଶିଳ୍ପ ସଂସ୍ଥା ଗଢି ଉଠିଛି । ସେହିପରି ପାରାଦୀପ ପ୍ଲାଷ୍ଟିକ୍ ପାର୍କ ଠାରେ ମଧ୍ୟ ପ୍ରତିଷ୍ଠିତ କ୍ଷୁଦ୍ର ଶିଳ୍ପଗୁଡ଼ିକର ବ୍ୟବସାୟିକ ଅଭିବୃଦ୍ଧି ସମ୍ଭବ ହୋଇପାରିଛି । ଆମେ ଏକ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରତି ଗୁରୁତ୍ୱ ଦେଉଛୁ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରକାଶ କରିଥିଲେ ।

ଏହି ଅଧିବେଶନରେ ଇପିକଲ ଏବଂ ଇଡକୋର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଭୂପେନ୍ଦ୍ର ସିଂ ପୁନିଆ । କେମିକାଲ ଏବଂ ପେଟ୍ରୋକେମିକାଲ କ୍ଷେତ୍ରରେ ଓଡିଶାର ରଣନୈତିକ ଲକ୍ଷ୍ୟ ନିର୍ଦ୍ଧାରଣ ପୂର୍ବକ ଔଦ୍ୟୋଗିକ ଭବିଷ୍ୟତକୁ ସୁନିଶ୍ଚିତ କରିବା ସଂପର୍କରେ ବିଶଦ୍ ତଥ୍ୟ ଉପସ୍ଥାପନ କରିଥିଲେ ।

ଏହି ଅବସରରେ କେମିକାଲସ୍ କ୍ଷେତ୍ରରେ ବୈଶ୍ୱିକ ପ୍ରତିଯୋଗିତା ଏବଂ ଏଥିରେ ଓଡିଶା ସଂପର୍କିତ ଅନୁଷ୍ଠିତ ଆଲୋଚନା ଚକ୍ରକୁ ପି.ଡବ୍ଲୁ.ସି , ଇଣ୍ଡିଆର ପାର୍ଟନର ତଥା ଲିଡର ଶ୍ରୀ ମାନସ ମଜୁମଦାର ସଂଯୋଜନା କରିଥିବା ବେଳେ ଲକ୍ଷ୍ମୀ ଅର୍ଗାନିକ୍ ଲିଃ.ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ରବି ଗୋଏଙ୍କା, ଚେମର୍ସ ଆଇଏନସିର ଶ୍ରୀ ଆଦିତ୍ୟ ବେରୀ, ପାରାଦ୍ୱୀପ ଫସଫେଟ୍ ଲିଃ ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଏନ୍ ସୁରେଶ କ୍ରିଷ୍ଣନ୍, କିରି ଇଣ୍ଡଷ୍ଟ୍ରିଜ୍ ଲିଃ. ର ଅଧ୍ୟକ୍ଷ ଶ୍ରୀ ମନିଶ କିରି, ଟାଟା ଷ୍ଟିଲ ,ଏସ୍ଇଜେଡ୍ ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ମଣିକାନ୍ତ ନାୟକ ପ୍ରମୁଖ ଯୋଗଦେଇ ସଂପୃକ୍ତ ବିଷୟ ଉପରେ ଆଲୋକପାତ କରିଥିଲେ ଯ ଅଏଲ ଇଣ୍ଡିଆ ଲିଃ.ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରଂଜିତ ରଥ, ଆଇଓସିଏଲର ସ୍ୱତନ୍ତ୍ରତା ଓ ଆଗାମୀ ଶିଳ୍ପର ଭବିଷ୍ୟତ ଉପରେ ବିଶେଷ ମତ ରଖିଥିଲେ ।

ଏହି ଅଧିବେଶନରେ ଅନ୍ୟମାନଙ୍କ ମଧ୍ୟରେ ଲୁମିନସ ପାୱାର ଟେକ୍ନୋଲୋଜି ପ୍ରା.ଲିଃ.ର ବରିଷ୍ଠ ଉପ ସଭାପତି ( ପରିଚାଳନା ତଥା ଗବେଷଣା ଓ ଉନ୍ନୟନ) ଶ୍ରୀ ଅମ୍ଳାନ କାନ୍ତି ଦାସ, ନୂଆ ଯୁଗରେ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ଏବଂ ଉନ୍ନତ ପ୍ରକ୍ରିୟାରେ ରସାୟନିକ ବ୍ୟାଟେରୀ ପ୍ରସ୍ତୁତି ସଂପର୍କରେ ଉପସ୍ଥାପନ କରିଥିଲେ ।

# ଓଡ଼ିଆ ଚଳଚ୍ଚିତ୍ର ଜଗତର ଭବିଷ୍ୟତ ଉଜ୍ଜ୍ୱଳ

**ଭୁବନେଶ୍ୱର, ୨୯।୧ (ମହାଭାରତ):** ୧୯୩୬ ମସିହାରେ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ସୀତା ବିବାହ ଓଡ଼ିଆ ଚଳଚ୍ଚିତ୍ର ଜଗତର ମୂଳଦୁଆ ସ୍ଥାପନ କରିଥିଲା । ୧୯୭୪ ମସିହାରେ ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ଓଡ଼ିଶାରେ ଚଳଚ୍ଚିତ୍ର ଶିଳ୍ପର ମାନ୍ୟତା ମିଳିଲା । ବିଗତ କିଛି ବର୍ଷରେ ବହୁ ଓଡ଼ିଆ ଚଳଚ୍ଚିତ୍ର ଜାତୀୟ ସ୍ତରରେ ମଧ୍ୟ ଖ୍ୟାତି ଓ ପ୍ରସିଦ୍ଧି ଲାଭ କରିଛି । ଓଡ଼ିଆ ଚଳଚ୍ଚିତ୍ର ଜଗତର ଇତିହାସ କାଳଜୟୀ ଏବଂ ଆଗାମୀ ଭବିଷ୍ୟତ ହେଉଛି ସ୍ୱର୍ଣ୍ଣିମ ଓ ଉଜ୍ଜ୍ୱଳ ବୋଲି କହିଛନ୍ତି ଓଡ଼ିଶା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ।

ସେ ଆହୁରି ମଧ୍ୟ କହିଥିଲେ ଯେ, ଓଡ଼ିଆ ଚଳଚ୍ଚିତ୍ର ହେଉଛି ଆମ ଓଡ଼ିଆ ସମାଜ ଓ ସଂସ୍କୃତିର ଏକ ନିଚ୍ଛକ ପ୍ରତିଫଳନ । ଏହାର ଉନ୍ନତି ଓ ବିକାଶ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । ଆଗାମୀ ଦିନରେ ଆମ ଓଡ଼ିଆ ଚଳଚ୍ଚିତ୍ର ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧି ଲାଭ କରିବ ବୋଲି ମୁଁ ଆଶା କରୁଛି ।

ପ୍ରକାଶଯୋଗ୍ୟ ଯେ, ଭୁବନେଶ୍ୱର ଜନତା ମଇଦାନ ଠାରେ ଆୟୋଜିତ ହେଉଥିବା ଉତ୍କର୍ଷ ଓଡ଼ିଶା- ମେକଇନ୍ ଓଡ଼ିଶା କନକ୍ଲେଭରେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନିବେଶର ବିଭିନ୍ନ ଦିଗ ଏବଂ ସୁଯୋଗ ସୃଷ୍ଟି ସମ୍ବନ୍ଧରେ ଆଲୋଚନା କରିବା ପାଇଁ ଏକ ଅଧିବେଶନର ଆୟୋଜନ କରାଯାଇଥିଲା । ଏହି ଅଧିବେଶନରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଯାଜପୁର କୋରେଇ ବିଧାୟକ ଆକାଶ ଦାସ ନାୟକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୀବ ମିଶ୍ର, ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ଓଡ଼ିଶା ଫିଲ୍ମ ଡେ଼ଭେଲପମେଣ୍ଟ କର୍ପୋରେସନର ମ୍ୟାନେଜିଂ ଡ଼ାଇରେକ୍ଟର ଶ୍ରୀ ସମର୍ଥ ବର୍ମା ଉପସ୍ଥିତ ଥିଲେ । ଅଧିବେଶନରେ ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ସଶକ୍ତ ଓ ସମୃଦ୍ଧ କରିବା ପାଇଁ ଏକ ଆଲୋଚନା ଚକ୍ରର ଆୟୋଜନ ମଧ୍ୟ କରାଯାଇଥିଲା ଯେଉଁଥିରେ ବିଧାୟକ ଆକାଶ ଦାସ ନାୟକଙ୍କ ସମେତ ଚଳଚ୍ଚିତ୍ର ଶିଳ୍ପ ଜଗତର ବିଶିଷ୍ଟ ବ୍ୟକ୍ତିବିଶେଷ ଅମିତାଭ ଗୁହା ଠାକୁରତା, ପ୍ରମୋଦ ଅରୋରା, ଶିବାଶିଷ ସରକାର, ରାଜେଶ ଶର୍ମା ପ୍ରମୁଖ ଯୋଗ ଦେଇଥିଲେ ।

# ପର୍ଯ୍ୟଟନ ଶିଳ୍ପରେ ପୁଞ୍ଜିନିବେଶ କରିବା ପାଇଁ ବର୍ତ୍ତମାନ ପ୍ରକୃଷ୍ଟ ସମୟ

**ଭୁବନେଶ୍ୱର, ୨୯।୧ (ମହାଭାରତ):** ଓଡ଼ିଶାକୁ ଏକ ସମୃଦ୍ଧ ଓ ଶିଳ୍ପୋନ୍ନତ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ଆରମ୍ଭ ହୋଇଯାଇଛି ଉତ୍କର୍ଷ ଓଡ଼ିଶା-ମେକଇନ୍ ଓଡ଼ିଶା କନକ୍ଲେଭ । ଭୁବନେଶ୍ୱର ଜନତା ମଇଦାନ ଠାରେ ଆୟୋଜିତ ହେଉଥିବା ଏହି କନକ୍ଲେଭରେ ଦେଶ-ବିଦେଶରୁ ଅନେକ ଶିଳ୍ପପତି ଓ ପୁଞ୍ଜିନିବେଶକମାନେ ଯୋଗ ଦେଇଛନ୍ତି । ଉତ୍କର୍ଷ ଓଡ଼ିଶା-ମେକଇନ୍ ଓଡ଼ିଶା କନକ୍ଲେଭର ଆଜି ଦ୍ୱିତୀୟ ଦିନରେ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ନିବେଶର ବିଭିନ୍ନ ଦିଗ ଏବଂ ସୁଯୋଗକୁ ନେଇ ଏକ ଅଧିବେଶନର ଆୟୋଜନ କରାଯାଇଥିଲା । ଉକ୍ତ ଅଧିବେଶନରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ବିଭାଗର ମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ନିଜର ଅଭିଭାଷଣରେ ପ୍ରଭାତୀ ପରିଡ଼ା କହିଥିଲେ ଯେ, କଳା, ଭାସ୍କର୍ଯ୍ୟ, ସ୍ଥାପତ୍ୟ, ଐତିହ୍ୟ ଏବଂ ସଂସ୍କୃତି ସମୃଦ୍ଧ ରାଜ୍ୟ ହେଉଛି ଆମ ଓଡ଼ିଶା । ମନ୍ଦିରମାଳିନୀ ରାଜ୍ୟ ଓଡ଼ିଶାରେ ବିଶ୍ୱ ପ୍ରସିଦ୍ଧ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର, କୋଣାର୍କ ସୂର୍ଯ୍ୟମନ୍ଦିର, ଲିଙ୍ଗରାଜ ମନ୍ଦିର ଆଦି ଅନେକ ପ୍ରସିଦ୍ଧ ମନ୍ଦିର ରହିଛି । ଏଥିସହ ପ୍ରାକୃତିକ ଶୋଭାରେ ବିମଣ୍ଡିତ ଆମ ରାଜ୍ୟ ଓଡ଼ିଶା ବନରାଜି, ଅଭୟାରଣ୍ୟ, ନଦୀ, ହ୍ରଦ, ସମୁଦ୍ର ଏବଂ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ ପରିପୂର୍ଣ୍ଣ । ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରରେ ନିବେଶ ହେବା ଦ୍ୱାରା ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ଏଥିସହିତ ଆମ ବିକାଶର ଯାତ୍ରା ଆହୁରି ମଧ୍ୟ ଅଗ୍ରସର ହୋଇପାରିବ । ତେଣୁ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜିନିବେଶ କରିବା ପାଇଁ ବର୍ତ୍ତମାନର ସମୟ ହିଁ ପ୍ରକୃଷ୍ଟ ସମୟ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମତପ୍ରକାଶ କରିଥିଲେ ।

ଆଜିର ଅଧିବେଶନରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ କ୍ଷେତ୍ରକୁ ନେଇ ରହିଥିବା ବିଭିନ୍ନ ଲକ୍ଷ୍ୟ ସମ୍ବନ୍ଧରେ ଆଲୋଚନା କରିଥିବାବେଳେ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ବଲୱନ୍ତ ସିଂ ବିଭାଗର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ, କାର୍ଯ୍ୟକ୍ରମ, ଯୋଜନା ଓ ଓଡ଼ିଶାର ପର୍ଯ୍ୟଟନ ସ୍ଥଳୀ ସମ୍ବନ୍ଧରେ ସବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ କମ୍ପାନୀ ଯଥା ଆଟମୋସ୍ଫିୟର ହସପିଟାଲିଟି ପ୍ରା. ଲିମିଟେଡ଼, ଉତ୍କଳ ବିଲଡ଼ରସ୍ ଲିମିଟେଡ଼, ଏସ. ଏନ. ଏମ ହୋଟେଲ ଆଣ୍ଡ ରିସର୍ଟ୍ସ ଲିମିଟେଡ଼, ପ୍ରଭୁକୃପା ଇଷ୍ଟେଟ ଆଣ୍ଡ ପ୍ରୋପରଟିସ, କାମନାଥ ହୋଟେଲସ୍ ଇଣ୍ଡିଆ ଲିମିଟେଡ଼, ଆଶୀର୍ବାଦ ଇଞ୍ଜିନିଅରିଙ୍ଗ ଆଣ୍ଡ କନଷ୍ଟ୍ରକସନ୍ ଲିମିଟେଡ଼, ଏ. କେ ଦାସ ଆସୋସିଏଟ, କାଶଭି ହଲିଡ଼େ, ଆଇଟିସି ଲିମିଟେଡ଼ ଆଦି ପୁଞ୍ଜିନିବେଶ ପାଇଁ ଆଗ୍ରହ ପ୍ରକାଶ କରିଥିଲେ ।

# ଜେଏସ୍‌ପି ୭୦ ହଜାର କୋଟିର ପୁଞ୍ଜି ନିବେଶ କରିବ

**ଭୁବନେଶ୍ୱର, ୨୯।୧ (ମହାଭାରତ):** ଜିନ୍ଦଲ ଷ୍ଟିଲ୍ ଏଣ୍ଡ୍ ପାୱାର (ଜେଏସପି) ଆଗାମୀ ବର୍ଷରେ ଓଡ଼ିଶାରେ ଆହୁରି "୭୦,୦୦୦ କୋଟି ନିବେଶ କରିବାକୁ ଏକ ମହତ୍ୱାକାଂକ୍ଷୀ ଯୋଜନା ଘୋଷଣା କରିଛି, ଯାହା ରାଜ୍ୟର ଶିଳ୍ପ ଅଭିବୃଦ୍ଧି ଏବଂ ସାମୁଦାୟିକ ବିକାଶକୁ ଅଧିକ ସୁଦୃଢ଼ କରିବ । ଭୁବନେଶ୍ୱରରେ ଆୟୋଜିତ ଉତ୍କର୍ଷ ଓଡ଼ିଶା କନକ୍ଲେଭ୍ - ୨୦୨୫ କାର୍ଯ୍ୟକ୍ରମରେ ଯୋଗ ଦେଇ ଜିନ୍ଦଲ ଷ୍ଟିଲ ଏଣ୍ଡ୍ ପାୱାରର ଅଧ୍ୟକ୍ଷ ନବୀନ ଜିନ୍ଦଲ ଆଜି ଏହି ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମୋଦି ଏହି କନକ୍ଲେଭକୁ ଉଦଘାଟନ କରିଥିଲେ ।

ଓଡ଼ିଶାବାସୀଙ୍କ ବିକାଶ ସହ ଓଡ଼ିଶାକୁ ଶିଳ୍ପକ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ଆମର ଲକ୍ଷ୍ୟ । ଏହି ଅତିରିକ୍ତ ୭୦,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ କେବଳ ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ ନାହିଁ ବରଂ ଓଡ଼ିଶାର ହଜାର ହଜାର ପରିବାରର ଜୀବନଧାରଣର ମାନରେ ଉନ୍ନତି ଆଣିବ ଏବଂ ଭାରତକୁ ଅଧିକ ଆତ୍ମନିର୍ଭରଶୀଳ କରିବ ବୋଲି ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର ଅଧ୍ୟକ୍ଷ ନବୀନ ଜିନ୍ଦଲ କହିଛନ୍ତିଯ ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ କେନ୍ଦୁଝର ଜିଲ୍ଲାରେ ଏକ ଇସ୍ପାତ କାରଖାନା ସ୍ଥାପନ ପାଇଁ ଆମେ ପ୍ରୟାସ କରୁଛୁ ବୋଲି ଶ୍ରୀ ଜିନ୍ଦଲ କହିଥିଲେ ।



ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଭାରତର ଅର୍ଥନୈତିକ ଅଭିବୃଦ୍ଧିରେ ଓଡ଼ିଶାର ଗୁରୁତ୍ୱ ଉପରେ ଆଲୋକପାତ କରାଯିବା ସହ ନିରନ୍ତର ବିକାଶ ହାସଲ ପାଇଁ ସରକାରୀ ଓ ବେସରକାରୀ କ୍ଷେତ୍ର ମଧ୍ୟରେ ସହଯୋଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

ଜେଏସପି ପୂର୍ବରୁ ଅନୁଗୁଳରେ ଇସ୍ପାତ ଉତ୍ପାଦନ ପାଇଁ ଭାରତର ପ୍ରଥମ କୋଲ ଗ୍ୟାସିଫିକେସନ୍ ପ୍ଲାଣ୍ଟ ପରିଚାଳନା କରୁଛି, ଯାହା ପରିବେଶ ଅନୁକୂଳ ହେବ ସହିତ ଆମଦାନୀ ହେଉଥିବା କୋକିଂ କୋଲ ଉପରେ ନିର୍ଭରଶୀଳତା କମ୍ କରିପାରିଛି । ଅନୁଗୁଳ ଇସ୍ପାତ କାରଖାନାର କ୍ଷମତା ଚଳିତ ବର୍ଷ ଦ୍ୱିଗୁଣିତ ହୋଇ ବାର୍ଷିକ ୬ ନିୟୁତ ଟନରୁ ବାର୍ଷିକ ୧୨ ନିୟୁତ ହେବ ଏବଂ ୨୦୩୦ ସୁଦ୍ଧା ଏହା ବାର୍ଷିକ ୨୫.୨ ନିୟୁତ ଟନରେ ପହଞ୍ଚିବ, ଯାହା ବିଶ୍ୱର ସର୍ବବୃହତ ଇସ୍ପାତ କାରଖାନା ହେବ ।

କାରଖାନା ବ୍ୟତୀତ ଜେଏସପି ଓଡ଼ିଶାର ସାମାଜିକ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ କରିଆସୁଛି । ଗତ ଏକ ଦଶନ୍ଧି ମଧ୍ୟରେ କମ୍ପାନୀ ସ୍ୱାସ୍ଥ୍ୟସେବା, ଶିକ୍ଷା, ଦକ୍ଷତା ବିକାଶ, ମହିଳା ସଶକ୍ତୀକରଣ, ଗ୍ରାମୀଣ ଜୀବିକା, କ୍ରୀଡ଼ା, କଳା ଏବଂ ସଂସ୍କୃତି କ୍ଷେତ୍ରରେ ବିଭିନ୍ନ ସାମାଜିକ ପଦକ୍ଷେପ ପାଇଁ ୯୦୦ କୋଟିରୁ ଅଧିକ ଟଙ୍କା ବିନିଯୋଗ କରିଛି ଯ ଏହି କାର୍ଯ୍ୟକ୍ରମ ସାରା ରାଜ୍ୟରେ ବିଭିନ୍ନ ଲୋକମାନଙ୍କ ଜୀବନରେ ପରିବର୍ତ୍ତନ ଆଣିପାରିଛି ।

# ୨୦୩୦ ସୁଦ୍ଧା ଓଡ଼ିଶାର ଜିଡିପି ୨୩ ପ୍ରତିଶତ ବୃଦ୍ଧି ଘଟିବ

**ଭୁବନେଶ୍ୱର, ୨୯।୧ (ମହାଭାରତ):** ଓଡ଼ିଶାରେ ତିନୋଟି ସବୁଜ କ୍ଷେତ୍ର, ଏନର୍ଜି ଟ୍ରାଞ୍ଜିସନ୍, ସର୍କୁଲାର ଇକୋନୋମି, ଏବଂ ବାୟୋ-ଇକୋନୋମିରେ ପ୍ରାୟ ୧୦ ଲକ୍ଷ ନୂତନ ପୂର୍ଣ୍ଣକାଳୀନ ସମକକ୍ଷ (ଏଫଟିଇ) ନିଯୁକ୍ତି ସୃଷ୍ଟି କରିବାର ସମ୍ଭାବନା ରହିଛି ଏବଂ ୨୦୩୦ ସୁଦ୍ଧା ୩.୫ ଲକ୍ଷ କୋଟି ଟଙ୍କା (୪୨ ବିଲିୟନ ଡଲାର) ନିବେଶ ସୃଷ୍ଟି କରିବାର ସମ୍ଭାବନା ରହିଛି । ଏହା ଏନର୍ଜି , ଏନଭିରନମେଣ୍ଟ ଏବଂ ୱାଟର କାଉନସିଲ (ସିଇଇଡବ୍ଲୁ) ଦ୍ୱାରା ଏକ ନୂତନ, ନିରପେକ୍ଷ ଅଧ୍ୟୟନରୁ ଜଣାପଡିଛି । ଆଜି ଭୁବନେଶ୍ୱରରେ ଆୟୋଜିତ 'ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନ୍ କ୍ଲେଭ୍'ରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଯୋଜନା ଓ ସଂଯୋଜନ ବିଭାଗ ଶ୍ରୀମତୀ ଅନୁ ଗର୍ଗ ଏହି ଅଧ୍ୟୟନର ଶୁଭାରମ୍ଭ କରିଛନ୍ତି ।

ଭୁବନେଶ୍ୱରରେ ଅନୁଷ୍ଠିତ 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ ଓଡ଼ିଶା କନକ୍ଲେଭ'ରେ ଆଜି ଉପସ୍ଥାପିତ ହୋଇଥିବା ଏହି ଅଧ୍ୟୟନରୁ ଜଣାପଡିଛି ଯେ, ଏହା ରାଜ୍ୟର ଜିଡିପିକୁ ସିଧାସଳଖ ୨ ଲକ୍ଷ କୋଟି ଟଙ୍କା (୨୪ ବିଲିୟନ ଡଲାର) ଯୋଗଦାନ କରିବା ସହିତ ଏହାକୁ ୨୩ ପ୍ରତିଶତ ବୃଦ୍ଧି କରିପାରିବ ଏବଂ ଭାରତର ସବୁଜ ଅଭିବୃଦ୍ଧିରେ ଓଡ଼ିଶାକୁ ଏକ ପ୍ରମୁଖ ସ୍ଥଳ ଭାବରେ ସ୍ଥାନିତ କରିପାରିବ । ଏହି ଅଧ୍ୟୟନରେ ୨୮ଟି ସବୁଜ ଭାଲ୍ୟୁ ଚେନ୍ ଚିହ୍ନଟ କରାଯାଇଛି । ଯେଉଁଥିରେ ସାମୁଦ୍ରିକ ଶୈବାଳ ଚାଷ ଏବଂ ବାଉଁଶ ପ୍ରକ୍ରିୟାକରଣ ଠାରୁ ଆରମ୍ଭ କରି ଭାସମାନ ସୌର ଏବଂ ଇ-ଆବର୍ଜନା ପୁନଃଚକ୍ରଣ ପର୍ଯ୍ୟନ୍ତ କ୍ଷେତ୍ର ଅନ୍ତର୍ଭୁକ୍ତ ।



ଯାହା ଏକତ୍ର ଅପାର ଆର୍ଥିକ ସମ୍ଭାବନାକୁ ପ୍ରତିନିଧିତ୍ୱ କରିଥାଏ । ଏହାର ପ୍ରସ୍ତାବିତ ସବୁଜ ଓଡ଼ିଶା ପଦକ୍ଷେପ ଏହି ସୁଯୋଗଗୁଡ଼ିକୁ ସାକାର କରିବା ପାଇଁ ବିଭିନ୍ନ କ୍ଷେତ୍ରରେ ନୀତି, ନିବେଶ ଏବଂ କାର୍ଯ୍ୟକୁ ସମନ୍ୱିତ କରିବା ପାଇଁ ଏକ ରୋଡମ୍ୟାପ ପ୍ରଦାନ କରେ ।

ପ୍ରଥମ ଥର ପାଇଁ ସିଇଇଡବ୍ଲୁ ତରଫରୁ ଅଧ୍ୟୟନ କରାଯାଇ ଓଡ଼ିଶାରେ କିପରି ଏକ ସବୁଜ ଅର୍ଥନୀତି ନିଯୁକ୍ତି, ଅଭିବୃଦ୍ଧି ଏବଂ ସ୍ଥାୟିତ୍ୱ ପ୍ରଦାନ କରିପାରିବ, ତାହା ଚିହ୍ନଟ କରାଯାଇଛି । ଏନର୍ଜି ଟ୍ରାଞ୍ଜିସନରେ ପ୍ରାୟ ୧୬ଟି ଭାଲ୍ୟୁ ଚେନ୍ ଯେପରିକି ସୌରଶକ୍ତି, ପବନ ଶକ୍ତି, ବ୍ୟାଟେରୀ ଷ୍ଟୋରେଜ ସିଷ୍ଟମ୍ ଏବଂ ବୈଦ୍ୟୁତିକ ଯାନ ନିର୍ମାଣ ଆଦି ରହିଛି । ୨୦୩୦ ସୁଦ୍ଧା ୧.୫ ଲକ୍ଷ କୋଟି ପୁଞ୍ଜି ନିବେଶକୁ ଏହା ଆକର୍ଷିତ କରିପାରିବ ଏବଂ ୪ ଲକ୍ଷ ନୂତନ ନିଯୁକ୍ତି ସୃଷ୍ଟି କରିପାରିବ । ଏହା ବ୍ୟତୀତ, ସ୍ଥାୟୀ ପ୍ୟାକେଜିଂ, କୃଷି ପାଇଁ ଜୈବିକ ପ୍ରୟାସ, ହେନ୍ତାଳବଣ ପୁନରୁଦ୍ଧାର, କୃଷି ବନୀକରଣ ଏବଂ ସାମୁଦ୍ରିକ ଶୈବାଳ ଚାଷ ଭଳି ଜୈବ-ଅର୍ଥନୀତି ଏବଂ ପ୍ରକୃତି-ଆଧାରିତ ସମାଧାନଗୁଡ଼ିକ ଓଡ଼ିଶାର ଅର୍ଥନୀତିକୁ ୨୬,୦୦୦ କୋଟି ଟଙ୍କା ଯୋଗଦାନ କରିବା ସହିତ ୫ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି କରିପାରିବ । ଏହା ସହିତ, ସ୍ଥାୟୀ ପର୍ଯ୍ୟଟନ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଏବଂ ପରିବେଶଗତ ଐତିହ୍ୟକୁ ବ୍ୟବହାର କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରିବ ଯ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିକୁ ଆଗେଇ ନେବା ଏବଂ ଅନୁନ୍ନତ ଅଂଚଳଗୁଡ଼ିକରେ ଆର୍ଥିକ ସୁଯୋଗକୁ ବିସ୍ତାର କରିବା ଏହା ଦ୍ୱାରା ସମ୍ଭବ ହେବ । ଏହି ଅବସରରେ ସିଇଇଡବ୍ଲୁର ସିଇଓ ଡକ୍ଟର ଅରୁଣାଭ ଘୋଷ କହିଲେ, ଭାରତର ସବୁଜ ଅର୍ଥନୀତି ଆଡ଼କୁ ପରିବର୍ତ୍ତନ ଦେଶର ରାଜ୍ୟଗୁଡ଼ିକର ଦୃଷ୍ଟିକୋଣ ଏବଂ କାର୍ଯ୍ୟ ଦ୍ୱାରା ସମ୍ଭବ ହୋଇ ପାରିବ ଏବଂ ଓଡ଼ିଶା ଏହି ଦାୟିତ୍ୱର ନେତୃତ୍ୱ ନେଉଛି । ବିଶ୍ୱ ଜଳବାୟୁ ପାଣ୍ଠି ସୁରକ୍ଷିତ କରିବା ଏବଂ ଜଳବାୟୁ ବଜେଟିଂ ଗ୍ରହଣ କରିଥିବା ପ୍ରଥମ ରାଜ୍ୟ ଭାବରେ, ଓଡ଼ିଶା ପ୍ରଦର୍ଶନ କରୁଛି ଯେ, କିପରି ସାହସିକ ନୀତି ନବସୃଜନକାରୀ ପରିବର୍ତନ ଆଣିପାରେ । ଏହାର ପ୍ରାକୃତିକ ବିବିଧତା ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦକୁ ଉପଯୋଗ କରି, ରାଜ୍ୟ ଏବେ ସୌରଶକ୍ତି ଠାରୁ ସାମୁଦ୍ରିକ ଶୈବାଳ ପର୍ଯ୍ୟନ୍ତ ସବୁଜ ଶିଳ୍ପ ଏବଂ ସ୍ଥାୟୀ ଜୀବିକା ପାଇଁ ଏକ କେନ୍ଦ୍ର ହୋଇପାରିବ । ଯାହା ଜଳବାୟୁ ସ୍ଥିରତା ସହିତ ଆର୍ଥିକ ଅଭିବୃଦ୍ଧିକୁ ସମନ୍ୱିତ କରିବା ପାଇଁ ଏକ ମାନଦଣ୍ଡ ସ୍ଥାପନ କରିବ । ଭାରତ ଆଗାମୀ କେନ୍ଦ୍ର ବଜେଟକୁ ଅପେକ୍ଷା କରୁଥିବାବେଳେ, ଓଡ଼ିଶାର ନେତୃତ୍ୱ ସବୁଜ ଅର୍ଥନୀତିକୁ ଏକ ଜାତୀୟ ପ୍ରାଥମିକତା ଦେବା ପାଇଁ ଏକ ବ୍ଲୁ-ପ୍ରିଣ୍ଟ ପ୍ରଦାନ କରୁଛି ।

# ହଂସିତା-ଅନୀଲଙ୍କ ଜାମିନ ଆବେଦନ ଖାରଜ

**ଭୁବନେଶ୍ୱର, ୨୯।୧ (ମହାଭାରତ):** ଜେଲରେ ଥିବା ବହୁ ଚର୍ଚ୍ଚିତ ଠକ ଯୋଡ଼ି ହଂସିତା ଓ ଅନୀଲଙ୍କ ଜାମିନ ଆବେଦନ ମାମଲାରେ ଦୁହିଁଙ୍କୁ ଝଟକା ଲାଗିଛି । ଭୁବନେଶ୍ୱର ଏଡିଜେ କୋର୍ଟ-୨ ଏହି ଠକ ଯୋଡ଼ିଙ୍କ ଠକାମିକୁ ଏକ ସଂଗଠିତ ଅପରାଧ ଭାବେ ବିବେଚନା କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଝିଅ ଓ ଜୋଇଁ ପରିଚୟରେ ଏକ ପ୍ରତିଷ୍ଠିତ ସଂସ୍ଥାକୁ ଠକିବା ଓ ବ୍ଲାକ୍ମେଲ୍ କରିବା ଭଳି ସଂଗିନ୍ ଅପରାଧକୁ କୋର୍ଟ



ସହ ନେଇ ସେମାନଙ୍କ ଜାମିନ ଆବେଦନ ଖାରଜ କରିଦେଇଛନ୍ତି ।

ଇନଫୋସିଟି ଥାନା ଦ୍ୱାରା ଗିରଫ ହୋଇଥିବା ଏହି ଧୂର୍ତ୍ତ ଯୋଡ଼ିଙ୍କ ବିରୋଧରେ ପୁଲିସ ସଂଗିନ୍ ଦଫା ଲଗାଇ ମାମଲା ରୁଜୁ କରିଛି । ବଡ଼ବଡ଼ କର୍ପୋରେଟ୍ ସଂସ୍ଥାର ସିଏସ୍ଆର୍ ଫଣ୍ଡ୍ ହାତେଇବା ପରେ କମିସନ ପାଇଁ ବ୍ଲାକମେଲ୍ କରିବା ଏବଂ ଏଥିପାଇଁ ଯୁବତୀ ଚାଲାଣ ଜରିଆରେ କଲ୍ଗାର୍ଲ ନିୟୋଜିତ କରିବା ଭଳି ସଂଗିନ୍ ଦଫା ଲାଗିଛି । ଏଥିସହିତ ହଂସିତାଙ୍କ ବିରୋଧରେ ପାସ୍ପୋର୍ଟ ଜାଲିଆତି ମାମଲା ବି ଯୋଡ଼ିହୋଇଛି ।

# 'ଶିଳ୍ପ ଭିତ୍ତିଭୂମି, ବନ୍ଦର, ବିମାନ, ରେଳ ଓ ସଡ଼କ ପଥ' ଉପରେ ଆଲୋଚନା

**ଭୁବନେଶ୍ୱର, ୨୯।୧ (ମହାଭାରତ):** ଦେଶର ପୂର୍ବ ଉପକୂଳର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅବସ୍ଥିତ ଓଡ଼ିଶା, ସାମୁଦ୍ରିକ ଏବଂ ଲଜିଷ୍ଟିକ୍ସ କ୍ଷେତ୍ରରେ ଭାରତର ଆର୍ଥିକ ପ୍ରଗତି ନିମନ୍ତେ ପ୍ରବେଶ ଦ୍ୱାର ଭାବରେ ଉଭା ହୋଇପାରିବ । ଏହି ଲକ୍ଷ୍ୟକୁ ସାକାର କରିବା ପାଇଁ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇବାକୁ ଓଡ଼ିଶା ସରକାର ପ୍ରତିବଦ୍ଧ । ସାମୂହିକ ଅଭିବୃଦ୍ଧି, ସ୍ଥାୟିତ୍ୱ ଏବଂ ସମୃଦ୍ଧିକୁ ପ୍ରୋତ୍ସାହିତ କରି ୨୦୩୬ ସୁଦ୍ଧା ବିକଶତ ଓଡ଼ିଶାର ଲକ୍ଷ୍ୟ ହାସଲ କରାଯାଇପାରିବ ବୋଲି ବାଣିଜ୍ୟ ଏବଂ ପରିବହନ, ଇସ୍ପାତ ଏବଂ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରକାଶ କରିଛନ୍ତି । ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ୨୦୨୫ର ଦ୍ୱିତୀୟ ଦିବସରେ ଆଜି 'ଶିଳ୍ପ ଭିତ୍ତିଭୂମି, ବନ୍ଦର, ବିମାନ ବନ୍ଦର, ରେଳ ଓ ସଡ଼କ ପଥ' ଶୀର୍ଷକ ଅଧିବେଶନରେ ବିଶ୍ୱସ୍ତରୀୟ ସାମୁଦ୍ରିକ ଏବଂ ଲଜିଷ୍ଟିକ୍ସ ହବ୍ ହେବା ପାଇଁ ରାଜ୍ୟର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରାଯାଇଛି । ଏହି ଅଧିବେଶନରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ଜେନା କହିଥିଲେ ଯେ ସାମୁଦ୍ରିକ ଓ ଲଜିଷ୍ଟିକ୍ ବିକାଶ ସହିତ ମାନବସମ୍ବଳର ବିକାଶ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟ ଐତିହ୍ୟ ରହିଛି । ଏହି ଗୌରବମୟ ଇତିହାସର ପୁନରାବୃତ୍ତି ନିମନ୍ତେ ଆମ ଯୁବବର୍ଗଙ୍କୁ ଦକ୍ଷ କରାଯାଇପାରିଲେ ରାଜ୍ୟର ନିରନ୍ତର ବିକାଶ ସମ୍ଭବ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ଅଧିବେଶନରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା କହିଛନ୍ତି ଯେ ଓଡ଼ିଶାରେ ବିକାଶ ପାଇଁ ଆବଶ୍ୟକୀୟ ସମସ୍ତ ଆନୁଷଙ୍ଗିକ ସୁବିଧା ରହିଛି । ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶାର ରୂପରେଖ ନେଇ ସରକାରଙ୍କର ଆଭିମୁଖ୍ୟ ମଧ୍ୟ ସ୍ପଷ୍ଟ ରହିଛି । ସରକାର, ଶିଳ୍ପଜଗତ ଓ ଜନସାଧାରଣଙ୍କ ମଧ୍ୟରେ ସହଭାଗିତାରେ ଏହି ଲକ୍ଷ୍ୟ ହାସଲ ହେବ ବୋଲି ସେ ମତ ଦେଇଥିଲେ । ପାରାଦୀପ ପୋର୍ଟର ଅଧ୍ୟକ୍ଷ ପି. ଏଲ୍. ହରନାଧ, ଆଦାନୀ ଗ୍ରୁପ୍ର ପ୍ରତିନିଧି ସୁବ୍ରତ ତ୍ରିପାଠୀ ଏବଂ ଜେଏସ୍ଡବ୍ଲୁର ପ୍ରତିନିଧି ରିଙ୍କେଶ ରାୟ ଅଧିବେଶନରେ ବକ୍ତା ଭାବେ ଯୋଗଦେଇ ରାଜ୍ୟରେ ଲଜିଷ୍ଟିକ୍ ବିପ୍ଳବ ଦ୍ୱାରା ବିକାଶର ସମ୍ଭାବ୍ୟ ଦିଗଗୁଡ଼ିକ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ରାଜ୍ୟରେ ଲଜିଷ୍ଟିକ୍ କ୍ଷେତ୍ରରେ ନିବେଶ ଓ ଉନ୍ନୟନ ନେଇ 'ଏରୋ କ୍ଲବ ଅଫ୍ ଇଣ୍ଡିଆ' ଓ 'ଇଣ୍ଡିଆୱାନ୍ ଏୟାର' ସହ ରାଜ୍ୟ ସରକାର ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷର କରିଥିବାବେଳେ ପରିବହନ କମିଶନର ଏବଂ ଜାତୀୟ ରାଜପଥ ଓ ଲଜିଷ୍ଟିକ୍ସ ପରିଚାଳନା ଲିମିଟେଡ୍ (ଘଐଖଗଖ) ମଧ୍ୟରେ ଅନ୍ୟ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ପ୍ରାରମ୍ଭିକ ବକ୍ତବ୍ୟ ଦେବା ସହ ବିକାଶର ତିନି ବାହକ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ଲଜିଷ୍ଟିକ୍ କ୍ଷେତ୍ରର ବିକାଶ ସହ ଏହାର ପରିଚାଳନା ନିମନ୍ତେ ରାଜ୍ୟ ସରକାର ଉପଯୁକ୍ତ ମାନବସମ୍ବଳ ସୃଷ୍ଟି ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି ସେ ପ୍ରକାଶ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ପାଢ଼ୀଙ୍କ ସଂଯୋଜନାରେ 'ଓଡ଼ିଶାର ଲଜିଷ୍ଟିକ୍ସ ବିପ୍ଳବ: ମଲଟି-ମୋଡାଲ୍ ସିନର୍ଜି ମାଧ୍ୟମରେ ଅଭିବୃଦ୍ଧିର ପରିଚାଳନା' ଶୀର୍ଷକ ଆଲୋଚନାଚକ୍ରରେ ରବି ପି. ଚତୁର୍ବେଦୀ, ମଣିକାନ୍ତ ନାୟକ, ଡି. ଆନନ୍ଦ ଭାସ୍କର, ଦେବାଶିଷ ଦତ୍ତା, କେ. ଭି. ମହୀଧର, ଅଜୟ କୁମାର, ନିତିନ୍ ଠାକୁର ଅତିଥି ବକ୍ତା ଭାବେ ଯୋଗଦେଇ ଓଡ଼ିଶାରେ ଏହାର ଭବିଷ୍ୟତ ଏବଂ ସମ୍ଭାବ୍ୟ ଦିଗଗୁଡ଼ିକ ଉପରେ ଆଲୋଚନା କରିଥିଲେ ।



ମହାଭାରତ

# ସାରାଂଶ

ଚଳନ୍ତି ସମୟର ଅବଶିଷ୍ଟାଂଶ





## ଖଲିସ୍ତାନ ଆନ୍ଦୋଳନ

ପଞ୍ଜାବକୁ ଭାରତରୁ ଅଲଗା କରି ଖଲିସ୍ତାନ ନାମରେ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ ଥିଲା ତାଙ୍କର ଲକ୍ଷ୍ୟ ଏବଂ ଦାବି। କିନ୍ତୁ ଏହି ଦାବି ପ୍ରତି ପଞ୍ଜାବବାସୀ କେବେ ସମର୍ଥନ ପ୍ରକାଶ କରିନଥିଲେ କିମ୍ବା ଆଜି ବି ସେମାନଙ୍କର ଏଥିପ୍ରତି ସମର୍ଥନ ନାହିଁ। ତେଣୁ ଭିନ୍ଦ୍ରେନୱାଲା ଜନ ଆନ୍ଦୋଳନ ପରିବର୍ତ୍ତେ ହିଂସାତ୍ମକ ପନ୍ଥା ବା ଆତଙ୍କବାଦକୁ ଆପଣାଇଲେ। ପାକିସ୍ତାନ ଏହାକୁ ସ୍ୱାଭାବିକ ଭାବେ ସମର୍ଥନ କରିଥିଲା ଏବଂ ଖଲିସ୍ତାନୀ ଆତଙ୍କବାଦୀଙ୍କୁ ଅର୍ଥ ଏବଂ ଅସ୍ତ୍ରଶସ୍ତ୍ର ଯୋଗାଇଥିଲା। କାନାଡ଼ାରେ ଥିବା ଧନୀ ଶିଖ ଧର୍ମାବଲମ୍ବୀମାନେ ମଧ୍ୟ ଏଥିଲାଗି ପ୍ରଚୁର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଅଶୀ ଦଶକ ଆରମ୍ଭରେ ପଞ୍ଜାବରେ ଖଲିସ୍ତାନୀ ଆତଙ୍କବାଦୀଙ୍କ ଉତ୍ପାତ ଦେଖିବାକୁ ମିଳିଥିଲା। ପ୍ରତିଦିନ ନିରୀହ ଲୋକଙ୍କ ଜୀବନ ଯାଉଥିଲା। ଶେଷରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଅମୃତସରର ସ୍ୱର୍ଣ୍ଣ ମନ୍ଦିରରେ ସେନା ପ୍ରବେଶ କରି ଆତଙ୍କବାଦୀଙ୍କୁ ନିପାତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆରମ୍ଭ ହୋଇଥିଲା ଅପରେସନ ବ୍ଲୁଷ୍ଟାର। ଅନେକ ଖଲିସ୍ତାନୀ ଆତଙ୍କବାଦୀ ଏଥିରେ ନିପାତ ହୋଇଥିଲେ। ଏଥିପାଇଁ ଇନ୍ଦିରାଙ୍କୁ ପ୍ରାଣବଳୀ ଦେବାକୁ ପଡ଼ିଥିଲା। ତାଙ୍କ ବ୍ୟକ୍ତିଗତ ଅଙ୍ଗରକ୍ଷୀ ଅପରେସନ ବ୍ଲୁ-ଷ୍ଟାରର ପ୍ରତିଶୋଧ ନେବାକୁ ଇନ୍ଦିରାଙ୍କୁ ଗୁଳି କରିଥିଲା। ଏହା ପରେ ସାରା ଦେଶରେ ଶିଖ ଧର୍ମାବଲମ୍ବୀଙ୍କ ଉପରେ ଆରମ୍ଭ ହୋଇଥିଲା ଆକ୍ରମଣ। ହଜାର ହଜାର ନିରୀହ ଶିକ ଧର୍ମାବଲମ୍ବୀ ଏଥିରେ ନିହତ ହୋଇଥିଲେ। ଏହା ଏକ ଅତ୍ୟନ୍ତ ନିନ୍ଦନୀୟ ଘଟଣା ଥିଲା। କିନ୍ତୁ ଏହା ପରେ ଖଲିସ୍ତାନୀ ଆତଙ୍କବାଦର ଏକରକମ ପରିସମାପ୍ତି ଦେଖିବାକୁ ମିଳିଥିଲା। କାରଣ ପଞ୍ଜାବବାସୀଙ୍କ ସମର୍ଥନ ଆତଙ୍କବାଦୀଙ୍କ ପଛରେ ନଥିଲା। କେବଳ କିଛି ମୁଷ୍ଟିମେୟ ପଥଭ୍ରଷ୍ଟ ବ୍ୟକ୍ତି ଶତ୍ରୁ ପକ୍ଷର ପ୍ରରୋଚନାରେ ପ୍ରଭାବିତ ହୋଇ ଏଭଳି ଆତଙ୍କବାଦ ଚଳାଇଥିଲେ। ପ୍ରାୟ ଚାଳିଶ ବର୍ଷ ପରେ ଏବେ ପୁନର୍ବାର ଭାରତରେ ଖଲିସ୍ତାନ ଆତଙ୍କବାଦ ମୁଣ୍ଡ ଟେକିଛି। କ୍ୟାପଟେନ ଅମରିନ୍ଦର ସିଂହ ମୁଖ୍ୟମନ୍ତ୍ରୀ ଥିବା ବେଳେ ଏଥିନେଇ ସତର୍କ କରାଇଥିଲେ। ଗତ ବର୍ଷ ପଞ୍ଜାବରେ କୃଷକ ଆନ୍ଦୋଳନ ଯୋଗୁ ସୃଷ୍ଟି ହୋଇଥିବା ଅରାଜକତାର ସୁଯୋଗ ନେଇ ଖଲିସ୍ତାନୀ ସମର୍ଥକମାନେ ପୁନର୍ବାର ସକ୍ରିୟ ହୋଇଛନ୍ତି। ଭାରତରେ କୃଷକ ଆନ୍ଦୋଳନ ପ୍ରତି କାନାଡ଼ା ଏବଂ ଅନ୍ୟ କେତେକ ଦେଶରେ ସମର୍ଥନର ସ୍ୱର ଉଠିବା ପଛରେ ଥିଲା ଏହି ଉଦ୍ଦେଶ୍ୟ। ନଚେତ ଗ୍ରେଟା ଥନବର୍ଗ ଏବଂ ଜଷ୍ଟିନ ଟ୍ରୁଡୋ କାହିଁକି ଭାରତର ଏକ କୋଣରେ ସୃଷ୍ଟି ହୋଇଥିବା କୃଷକ ଆନ୍ଦୋଳନ ପ୍ରତି ସମର୍ଥନ ପ୍ରକାଶ କରିଥାନ୍ତେ ? କେବଳ କାନାଡ଼ା ନୁହେଁ, ବ୍ରିଟେନ, ଆମେରିକାରେ ଥିବା କେତେକ ଶିଖ ଯୁବକ ଏବେ ଖଲିସ୍ତାନ ଆନ୍ଦୋଳନ ସମର୍ଥନରେ ବାହାରିଛନ୍ତି। ଭାରତୀୟ ଦୂତାବାସ ଉପରେ ଆକ୍ରମଣ ଏବଂ ବିକ୍ଷୋଭ ପ୍ରଦର୍ଶନ ଏହାର ଉଦାହରଣ। ସ୍କଟଲାଣ୍ଡରେ ଭାରତୀୟ କୂଟନୀତିଜ୍ଞଙ୍କୁ କେତେକ ଶିଖ ଯୁବକ ଗୁରୁଦ୍ୱାରା ଭିତରକୁ ନଛାଡ଼ିବା ଏହାର ସଦ୍ୟତମ ଉଦାହରଣ। ଭାରତର ଆର୍ଥିକ ବିକାଶ ଏବଂ ବିଶ୍ୱ ଦରବାରରେ ଭାରତର ସମ୍ମାନ ବୃଦ୍ଧିକୁ ଅନେକ ସହ୍ୟ କରିପାରୁନାହାଁନ୍ତି। ତେଣୁ ସେମାନେ ଭାରତରେ ଅସ୍ଥିରତା ସୃଷ୍ଟି ଏବଂ ଭାରତକୁ ବଦନାମ କରିବା ଲାଗି ଏଭଳି ଷଡ଼ଯନ୍ତ୍ର କରୁଛନ୍ତି। କିନ୍ତୁ ଏହା ଦ୍ୱାରା ସେମାନେ ଲକ୍ଷ୍ୟ ହାସଲରେ ସଫଳ ହେବେ ନାହିଁ। ତେବେ ଭାରତ ସରକାର ଏହା ବିରୋଧରେ କଠୋର ପଦକ୍ଷେପ ନେବା ଉଚିତ। କାନାଡ଼ାର ଭାରତ ବିରୋଧୀ ଆଭିମୁଖ୍ୟକୁ ବିଶ୍ୱ ଦରବାରରେ ପଦାରେ ପକାଯିବା ଆବଶ୍ୟକ। ଅନ୍ୟ ପକ୍ଷରେ ପଞ୍ଜାବର ଯୁବକମାନେ ଯେପରି ପଥଭ୍ରଷ୍ଟ ନହୁଅନ୍ତି ସେଥିପ୍ରତି ସରକାର ସତର୍କ ରହିବା ଉଚିତ। ସୀମା ଆରପଟୁ ପଞ୍ଜାବକୁ ଆସୁଥିବା ନିଶା ସାମଗ୍ରୀକୁ ବନ୍ଦ କରିବା ନିହାତି ଆବଶ୍ୟକ। ଅଶୀ ଦଶକରେ ଏହା ହିଁ ପଞ୍ଜାବରେ ଆତଙ୍କବାଦର ମୂଳ ମଞ୍ଜି ଥିଲା।

## ଦେଖିବାକୁ ସୁନାପରି

**॥ ଅଜୟ କୁମାର ବେହେରା ॥**

*ଏବେ ଅନେକ ପ୍ରକାର ରଙ୍ଗର*
*ହାଟ ଲୁଗା ରଙ୍ଗିଲା ଗାଡ଼ି ମଟର*
*ରଙ୍ଗିଲା। ବ୍ୟବହାର୍ଯ୍ୟ ଦ୍ରବ୍ୟ*
*ରଙ୍ଗିଲା। ଆଖିକୁ ସୁନ୍ଦର*
*ଦେଖାଗଲା ଏକ ଯାନ*
*କିଣାଗଲା। ଆଣୁ ଆଣୁ ଅନେକ*
*ଯତ୍ନ ପୋଛା ପୋଛି ହିଫାଜତ*
*ମାତ୍ର କିଛି ବର୍ଷ ପରେ ବାହ୍ୟରଙ୍ଗ*
*ଠିକ ଥିଲେ ବି ଗାଡ଼ିର ଇଞ୍ଜିନ*
*ଖରାପ ଚକା ଫାଟିବା ଆଦି*
*ଘଟେ ଭିତର ସିଟ ଫାଟେ ଏପରି*
*ଗାଡ଼ି ଦୂରରୁ ପୂର୍ବପରି*
*ଦେଖାଗଲେ ବି ପ୍ରକୃତିରେ*
*ପୂର୍ବପରି ମୂଲ୍ୟବାନ ଓ ସଚଳ*
*ହୋଇନପାରେ ସେ ରଙ୍ଗ ତତ୍କାଳ*
*ଦେଖିବାକୁ ସୁନାପରି।*

ଗଙ୍ଗଠାରୁ ଅର୍ଥ ସୁନା, ସୁନା ପୁଅ ସୁନାର ସଦୃଶ। ଏହି ଶବ୍ଦର ବହୁ ପ୍ରଚଳନ ତେଲଗୁ ରାଜ୍ୟ ଆମେ ଜାଣିଛେ ମହୀଶୂର ରାଜ୍ୟରେ କୋଲାର ସୁନାଖଣି ଅଛି। ମହୀଶୂରର ରାଜଧାନୀ ବାଙ୍ଗାଲୋର ଏହା ସୁନା ଶବ୍ଦ ସହିତ ହୁଏତ ଜଡ଼ିତ। ଦକ୍ଷିଣରେ ସୁନାର ଲଙ୍କା ଥିଲା। ରାବଣ ଜଳ ବେଷ୍ଟିତ ଗଡ଼ରାଜ୍ୟ। ଯାହା ଏକ ସମୃଦ୍ଧ ସୁନ୍ଦର ରାଜ୍ୟ। ଶ୍ରୀରାମ ଦୂତ ଏହି ଗଡ଼ରେ ପଶି ଶିକ୍ଷା ଦେବାପାଇଁ ସୁନ୍ଦର ଦିଶିବା ଘର ଗୁଡ଼ିକ ଅଗ୍ନୀରେ ଦାହ କରିଥିଲେ। ଅଗ୍ନୀର ପ୍ରବଳ ଦାହିବା ଶକ୍ତି ଯେପରି ସବୁ ଧାତୁକୁ ତରଳାଏ ସେପରି ସୁନାକୁ ବି ତରଳାଏ। ସୁନା ତରଳି ଗଲେ ଜଳର ଧର୍ମରୁ ଏକ ରୂପ ଉଚ୍ଚରୁ ନିମ୍ନକୁ ଗଡ଼େ। ଅତଏବ ସୁନା ରୂପ ବଦଳିଯାଏ ସିନା ମୂଳ ଧର୍ମ କେବେ ହରାଏ ନାହିଁ। ପୁଣି ସୁନା ଠାରୁ ସୁନା ଭସ୍ମ ବହୁ ଗୁଣ ଦାମୀ। ହନୁମାନ ଲଙ୍କାର ଜନବାସ ହାନି ଫଳ ଜଙ୍ଗଲ ନଷ୍ଟହାନି କଲେ ବି ମହାବାତ୍ୟା ପରେ ପୁନଃ ଜନବାସ ନିର୍ମାଣ ହୋଇଗଲା ପରି ଲଙ୍କାର ପୁନଃ ନିର୍ମାଣ ହୋଇଥିଲା।

ହନୁମାନ କାଞ୍ଚନ ବରନ, ଅର୍ଥାତ୍ ସୁନାର ରଙ୍ଗ ଦୁର୍ଗାଙ୍କ ରଙ୍ଗ ସୁନାର ରଙ୍ଗ ମହାଲକ୍ଷ୍ମୀ ତ ଖୋଦ ସୁନା ଅଳରଣ ଭୂଷିତା, ସ୍ୱର୍ଣ୍ଣ ରଙ୍ଗ ସ୍ୱର୍ଣ୍ଣ ଦାନକାରିଣୀ। ହରିଣୀଟିଏ ସୁନାରେ କେବେ ହୋଇନପାରେ ମହାବିଦୁଷୀ ଜନକ ନନ୍ଦିନୀ ସୀତା ଠାକୁରାଣୀ ଏକଥା ଜାଣିଛନ୍ତି। ତାଙ୍କ ଘରକୁ କେବେ ସାଧୁ ସନ୍ନ୍ୟାସୀ ମୁନୀ ଋଷି ଆସୁନଥିବେ। ପ୍ରମାଣିକ ପୁସ୍ତକ ଏବେ ମିଳୁଛି। ଅଷ୍ଟବକ୍ରୀ ଗୀତା ସଂହିତା ଯେ ଜନକଙ୍କ ରାଜସଭଭାରେ ଖୋଦ ଅଷ୍ଟବକ୍ର ବୟାନ କରିଛନ୍ତି। ଏପରି ଜ୍ଞାନୀଙ୍କ ସହଚର୍ଯ୍ୟା ସତସଙ୍ଗରେ ରହି ପୁଣି ରାଜମହଲର ଝିଅ ରାଜମହଲର ବୋହୁ ହୋଇ ସୁନାର ଅଭାବ ଅନୁଭବ ନକରି ଶେଷରେ ସ୍ୱାମୀଙ୍କ ଜଙ୍ଗଲ ଯିବ ବେଳେ ତାକୁ ଚାହିଁ ନଥିଲେ ଲୋଭାସକ୍ତ ହୋଇନଥିଲେ ସେ ସ୍ୱାମୀଙ୍କୁ ହୀଟକକର ଶ୍ରେଷ୍ଠ ସ୍ୱର୍ଣ୍ଣ ପୁରୁଷ ଭାବି ତାଙ୍କ ସହିତ ଜଙ୍ଗଲକୁ ଯାଇ ରାଜମହଲର ରାଣୀ ହଂସପୁରର ଶୟନକକ୍ଷ ଛାଡ଼ି ପର୍ଣ୍ଣକୁଟୀରରେ ବାସ କଲେ ସେ ସୁନାକୁ ତୁଚ୍ଛ କରିଥିଲେ ପୁଣି ଏମିତି ହେଲା ସୁନା ହରିଣୀରେ ଭ୍ରମ ହେଲା ବାସ ସ୍ୱାମୀ ଦେବର ବିଚ୍ଛେଦ ପରେ ପରେ। ଏହି ଦେଖିବାକୁ ସୁନା ପରି ହରିଣୀ କଣ ନାଟ ନକଲା ? ହିରଣ୍ୟ ଅର୍ଥ ସୁନା ହରିଣ୍ୟଗର୍ଭ ଅର୍ଥ ପୃଥିବୀ ପୁଣି ଭଗବାନ ଆଉ ହରିଣ୍ୟକସିପୁ, ହରିଣାକ୍ଷ ଦୁଇଟି ଅସୁର। ହରିଣ୍ୟରେ ସଦା ଆକ୍ଷି ସଦା ହିରଣ୍ୟ ଓ କାମିନୀ ଏଇ ଦୁଇଟି ହାସଲ ଚିନ୍ତାରେ ଏହି ଦୁଇଜଣ ଥିଲେ। ହିରଣ୍ୟକସିପୁ ତାଙ୍କର ମତକୁ ଦୃଢ଼ ପାଇଁ ବିଦ୍ୱାନ ପୁତ୍ରକୁ ମଧ ହଠାଇ ତାଙ୍କ ପଥ ପରିଷ୍କାର ଚିନ୍ତା କରୁଥିଲେ। ଶେଷର ସେହି ବିଷ୍ଣୁଙ୍କର ନୃସିଂହ ଅବତାର ଆସିଲେ ସେ ହିରଣ୍ୟକସିପୁକୁ ଶେଷ କଲେ। ହିରଣ୍ୟାକ୍ଷଙ୍କର ବି ବିଷ୍ଣୁ ଶେଷ କରିଛନ୍ତି। ସୂର୍ଯ୍ୟ ଠାରୁ ବହୁ ମୂଲ୍ୟବାନ ଭଗବାନ ଏକଥା ସେମାନେ ଭୁଲି ଥିଲେ। ପାପ ପ୍ରଶାସନର ଧାରା ପ୍ରହ୍ଲାଦ ହିଁ ଭଗବାନଙ୍କର ରହସ୍ୟ ଜାଣି ବଦଳାଇଥିଲେ, ମାନବ (ପ୍ରଜା) ସେବା ମାଧବ ସେବା, ଏକଥା ହିରଣ୍ୟ କଶିପୁ ଜାଣି ନଥିଲେ। ଆହ୍ଲାଦିନୀ ଶକ୍ତିରେ ବିଶେଷ ପ୍ରଭାବିତ ପ୍ରହ୍ଲାଦ ଜାଣି ଶାସନ କରିବା ଆରମ୍ଭ କରିଥିଲେ। ସାତ୍ତ୍ୱିକ ପ୍ରେମାନନ୍ଦରେ ଦେବତା ଶାନ୍ତି ହୁଅନ୍ତି। ପ୍ରହ୍ଲାଦ ଭକ୍ତ ଶିରୋମଣୀ ତାଙ୍କ ପାଇଁ ଦଶ ଅବତାରରେ ଭକ୍ତରକ୍ଷକ ଭଗବାନ ହୁଅନ୍ତି ଏହା ପ୍ରଥମ ଉଦାହରଣ ଥିଲା। ଅନେକ ଭକ୍ତିର ଛଳନା କରି ରୋଜଗାରକ୍ଷମ ଅର୍ଜନକ୍ଷମ ହାସଲକ୍ଷମ ଏମାନେ ଦେଖିବାକୁ ସୁନାପରି।

ଏବେ ଅନେକ ପ୍ରକାର ରଙ୍ଗର ହାଟ ଲୁଗା ରଙ୍ଗିଲା ଗାଡ଼ି ମଟର ରଙ୍ଗିଲା। ବ୍ୟବହାର୍ଯ୍ୟ ଦ୍ରବ୍ୟ ରଙ୍ଗିଲା। ଆଖିକୁ ସୁନ୍ଦର ଦେଖାଗଲା ଏକ ଯାନ କିଣାଗଲା। ଆଣୁ ଆଣୁ ଅନେକ ଯତ୍ନ ପୋଛା ପୋଛି ହିଫାଜତ ମାତ୍ର କିଛି ବର୍ଷ ପରେ ବାହ୍ୟରଙ୍ଗ ଠିକ ଥିଲେ ବି ଗାଡ଼ିର ଇଞ୍ଜିନ ଖରାପ ଚକା ଫାଟିବା ଆଦି ଘଟେ ଭିତର ସିଟ ଫାଟେ ଏପରି ଗାଡ଼ି ଦୂରରୁ ପୂର୍ବପରି ଦେଖାଗଲେ ବି ପ୍ରକୃତିରେ ପୂର୍ବପରି ମୂଲ୍ୟବାନ ଓ ସଚଳ ହୋଇନପାରେ ସେ ରଙ୍ଗ ତତ୍କାଳ ଦେଖିବାକୁ ସୁନାପରି। ପରୀମାନେ ଭାରି ସୁନ୍ଦର କଳ୍ପନା କରି ଚିତ୍ରକର ବା ମୂର୍ତ୍ତିକାର ଏପରି ମୂର୍ତ୍ତି କରନ୍ତି। ସିନେମା ଷ୍ଟାରମାନେ ବଛାଇ ହୋଇ ନିଆଯାଇଥାନ୍ତି। ସେମାନେ ଯୁବତୀ କଳାରେ ଦର୍ଶକ ମୋହକ ହୋଇଥାନ୍ତି। ତାଙ୍କର ଜୀବ ଅସାନ ହେଲେ ତାଙ୍କର ସିନେମା ଅବସାନ ହୋଇନଥାଏ। ଲୋକେ ଯୁବାବସ୍ଥାରେ ସେ ଛବି ବି ଦେଖିଥିବେ ମାତ୍ର ସେହି ଦର୍ଶକ ବୃଦ୍ଧ ହୋଇ ଯଦି ସେ ଛବିମାନ ଦେଖିଲେ ବିରକ୍ତବୋଧ କରିଥାନ୍ତି। ହେଲେ ସବୁକାଳର ଯୁବକଙ୍କ ପାଇଁ ସେହିପରି ସୁନ୍ଦରୀଙ୍କ ସବୁ ଦେଖିବାକୁ ସୁନାପରି। ପାଠ ଠିକ ପଢ଼ିଲେ ବି ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ଡିଗ୍ରୀଧାରୀ ଅନେକ ନୁହଁନ୍ତି। ପୁଣି ଏଥିରେ ଠିକ କୋର୍ସ ସାରି ସମୟ ବିତାଇ ପରୀକ୍ଷା ଦେଇ ଭଲ ଡିଗ୍ରୀ ହାସଲ ସାର୍ଟିଫିକେଟ ହାସଲ କରିଛନ୍ତି ମାତ୍ର କୌଣସି କର୍ମ ମୁତୟନ ପାଇଁ କିଛି ସମସ୍ୟାରେ ଏମାନେ ପଡୁଛନ୍ତି କାରଣ ଏକାପରି ସାର୍ଟିଫିକେଟ ପାଠ ନଥାଏ କେହି ଜାଲପଥରେ ହାସଲ କରି କର୍ମ ମୁତୟନ କର୍ତ୍ତାଙ୍କର ପାଖଲୋକ ସୁପାରିଶରେ ହାସଲ କରିବା ଦେଖାଯାଉଛି। ସଠିକ ସାର୍ଟିଫିକେଟ ଓ ନକଲି ସାର୍ଟିଫିକେଟ ଠିକ ଏକାପରି ଏହା ବି ଦେଖିବାକୁ ସୁନାପରି ଧାରାରେ ଆସୁଛି। ପୋଲିସ ବାବୁମାନେ ସୁନା ବିସ୍କୁଟ ଜବତ କରୁଛନ୍ତି ଏହା ଲେଖା ଯାଉଛି ମାତ୍ର ଚୋର ଠାରୁ ଚୋରୀ ସୁନା ଅଳଙ୍କାର ଜବତ କଲେ ସେମାନେ ଲେଖନ୍ତି ଦେଖିବାକୁ ସୁନାପରି କାରଣ ସୁନା ବିସ୍କୁଟରେ ଏପରି ଲେବଲ ଥାଏ ଯାହା ଅସଲି ପ୍ରମାଣିତ କରୁଥାଏ। ମାତ୍ର ସୁନା ଅଳଙ୍କାରରେ ଅନେକ ଭେଜାଲ ଅଛି ଏହା ସୁନା ଲେଖିଲେ ଜବତକାରୀ ଅଫିସର ପରେ ହଇରାଣରେ ପଡ଼ି ପାରନ୍ତି। ବୟସ ବଢ଼ିଲେ ବାର୍ଦ୍ଧକ୍ୟରେ ଅଜା ଆଇ, ଜେଜେମା, ମାଉସୀ, ଖୁଡ଼ି ମାଇଁ ପରି ଡାକକୁ ଆସିଥାନ୍ତି। ସମ୍ପର୍କ ଦୁଇ ପ୍ରକାର ଏକ ପ୍ରତ୍ୟକ୍ଷ ଆଉ ଏକ ଅପ୍ରତ୍ୟକ୍ଷ। ଅପ୍ରତ୍ୟକ୍ଷ ରିସ୍ତା ବୟସର ଚିହ୍ନରୁ ଧରାଯାଏ ଏବେ ସମସ୍ତେ କେଲ କଲର କରୁଛନ୍ତି ଚୁଟ ପାଚିଗଲାଣି ରଙ୍ଗ କରାଯାଉଛି। ଏଥିରେ କେମିତି ସେ ଯୁବକ ବା ଯୁବତୀ ଅବସ୍ଥାରେ ରହିବେ ଏ ଅବଚେଷ୍ଟା ଫଳରେ ଅଙ୍କଲ ଆଣ୍ଟି ନଶୁଣି ଭାଇ, ଭାଉଜ ଭାବରେ ସମୟ ବିତାଇବାକୁ ଚାହୁଁଛନ୍ତି। ଏଯୁଗ ଏପରି ମନୁଷ୍ୟ ବୟସ ଲୁଚାଉଛି ଓ ଭାଇ ଭାଉଜ ବା ଭାଇ ଭଉଣୀ ପଦକୁ ଦେଖିବାକୁ ସୁନାପରି କରୁଛି।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

## ସତ୍‌ସଙ୍ଗର ଆହ୍ୱାନ : ସତ୍‌ସଙ୍ଗୀ ସାବଧାନ

**॥ ଉମେଶ ଚନ୍ଦ୍ର ପାତ୍ର ॥**

ସତ୍‌ସଙ୍ଗର ପ୍ରାଣପୁରୁଷ ଭଗବାନ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମୁକ୍ତ କଣ୍ଠରେ ଉଦ୍‌ଘୋଷଣା କଲେ - ସତ୍‌ରେ ସଂଯୁକ୍ତିର ସହିତ ତଦ୍‌ଗତି ସମ୍ପନ୍ନ ଯେଉଁମାନେ ସେହିମାନେ ହିଁ ହେଲେ ସତ୍‌ସଙ୍ଗୀ ଓ ସେମାନଙ୍କର ମିଳନ କ୍ଷେତ୍ର ହେଲା ସତ୍‌ସଙ୍ଗ। ସତ୍‌ସଙ୍ଗର ଗତି ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ପ୍ରେମାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବ୍ୟକ୍ତ କଲେ - ସତ୍‌ସଙ୍ଗ ଚାହେଁ ମଣିଷ, ଈଶ୍ୱର କୁହ, ଖୋଦା ହିଁ କୁହ, ଭଗବାନ ବା ଅସ୍ତିତ୍ୱ ହିଁ କୁହ, ଭୂତ ମହେଶ୍ୱର ଯିଏ ଏକ - ତାଙ୍କରି ନାମରେ, ସେ ବୁଝେନା ହିନ୍ଦୁ, ସେ ବୁଝେନା ଖ୍ରୀଷ୍ଟିୟାନ, ସେ ବୁଝେନା ମୁସଲମାନ, ସେ ବୁଝେନା ବୌଦ୍ଧ, ସେ ବୁଝେ ପ୍ରତି ପ୍ରତ୍ୟେକ ତାଙ୍କରି ସନ୍ତାନ, ସେ ଆନତ କରି ତୋଳିବାକୁ ଚାହେଁ ସମସ୍ତଙ୍କୁ ସେହି ଏକଙ୍କ ଠାରେ, ସେ ପାକିସ୍ତାନ ବୁଝେନା, ସେ ହିନ୍ଦୁସ୍ତାନ ବୁଝେନା, ଋଷିଆ ବୁଝେନା, ଚାଇନା ବୁଝେନା, ଇଉରୋପ ବା ଆମେରିକା ବୁଝେନା, ସେ ଚାହେଁ ମଣିଷ - ସେ ଚାହେଁ ପ୍ରତ୍ୟେକଟି ଲୋକ - ସେ ହିନ୍ଦୁ ହିଁ ହେଉ, ମୁସଲମାନ ବି ହେଉ, ଖ୍ରୀଷ୍ଟିୟାନ ବି ହେଉ, ବୌଦ୍ଧ ବି ହେଉ ବା ଯେ କେହି ହେଉନା କାହିଁକି ଯେପରି ସମବେତ ହୁଅନ୍ତି ତାଙ୍କରି ନାମରେ , ପଞ୍ଚବର୍ହିର ଉଦ୍ଦାମ ଆହ୍ୱାନରେ।

ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଅଭୂତପୂର୍ବ ଐଶୀ ଶକ୍ତିର ପରିପ୍ରକାଶରେ ଭକ୍ତଜନ ବିମୋହିତ ପ୍ରେମାଶ୍ରୁ ବିସର୍ଜନ ପୂର୍ବକ ପ୍ରାର୍ଥନାରେ ଦୟାଲ ଦେଶରୁ ଲିପିବଦ୍ଧ ହେଲା ଅମୃତ ନିଷ୍ୟନ୍ଦୀ ସ୍ୱତଃ ଉତ୍ସାରିତ ବାଣୀ - ପୃଥିବୀ ପୃଷ୍ଠରେ ମନ୍ଦାକିନୀର ପୁଣ୍ୟଧାରା। ବଜ୍ର ଗମ୍ଭୀର କଣ୍ଠରେ ସ୍ୱହସ୍ତ ଲିଖିତ ସତ୍ୟାନୁସରଣରେ ଉଦ୍‌ଘୋଷିତ ହେଲା - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ - ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ। ପୁଣି ସେହି ସାବଧାନ ବାଣୀ - ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ - କାଞ୍ଚନ ପ୍ରତି ଆସକ୍ତିରୁ ଆସେ, ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। କାମିନୀ ଠାରୁ କାମ ବାଦ ଦେଲେ ହିଁ ସେ ମା' ହୋଇପଡ଼ନ୍ତି, ବିଷ ଅମୃତ ହୋଇଗଲା। ଆଉ ମା' କେବଳ ମା' - କାମିନୀ ନୁହେଁ। ମା'ଶେଷରେ ଗୀ ଦେଇ ଭାବିଲେ ହିଁ ସର୍ବନାଶ। ସାବଧାନ ! ମା'କୁ ମାଗୀ ଭାବି ମରନାହିଁ। ନିଜେ ଠିକ୍ ରହି ସମସ୍ତଙ୍କୁ ସତ୍ ଭାବରେ ଖୁସି କରିବାକୁ ଚେଷ୍ଟା କର, ଦେଖିବ ସମସ୍ତେ ତୁମକୁ ଖୁସି କରିବାକୁ ଚେଷ୍ଟା କରୁଛନ୍ତି। ସାବଧାନ ! ନିଜତ୍ୱ ହରାଇ କାହାରିକୁ ଖୁସି କରିବାକୁ ଯାଅନାହିଁ, ତା'ହେଲେ ତୁମ ଦୁର୍ଗତିର ସୀମା ରହିବନାହିଁ। ଯେତେପାର ସେବା କର, କିନ୍ତୁ ସାବଧାନ ! ସେବା ନେବାକୁ ଯେପରି ଇଚ୍ଛା ନହୁଏ। ସ୍ପଷ୍ଟବାଦୀ ହୁଅ, କିନ୍ତୁ ମିଷ୍ଟଭାଷୀ ହୁଅ, କହିବା ଆଗରୁ ବିବେଚନା କର, କିନ୍ତୁ କହି ବିମୁଖ ହୁଅନାହିଁ। ଯଦି ଭୁଲ କହିଥାଅ, ସାବଧାନ ! ଭୁଲ କରନାହିଁ। ପୁଣି ସେହି ସତର୍କ ବାଣୀ - ଖବରଦାର୍, କାହାକୁ ହୁକୁମ କରି କିମ୍ବା ଚାକର-ବାକର ଦ୍ୱାରା ଗୁରୁଙ୍କ ସେବା ଶୁଶ୍ରୂଷା କରାଇବାକୁ ଯାଅନାହିଁ - ପ୍ରସାଦରୁ ବଞ୍ଚିତ ହୁଅନାହିଁ। ଯାହାଙ୍କୁ ତୁମେ ଚାଳକ ରୂପେ ମନୋନୀତ କରିନେଇଛ, ତାଙ୍କ ପାଖରେ ତୁମ ହୃଦୟର କୌଣସି କଥା ଗୋପନ ରଖନାହିଁ। ଆଉ ଗୋପନ କରିବାକୁ ଇଚ୍ଛା ହେଲେ ହିଁ ଜାଣିରଖ, ତୁମ ହୃଦୟରେ ଦୁର୍ବଳତା ଆସିଛି ଏବଂ ଅବିଶ୍ୱାସ ତୁମକୁ ଆକ୍ରାନ୍ତ କରିଛି, ସାବଧାନ ହୁଅ, ନଚେତ ଅନେକ ଦୂରକୁ ଗଡ଼ିଯିବ। ଯଦି ପାପ କରିଥାଅ ତେବେ କାତର କଣ୍ଠରେ ତାହା ପ୍ରକାଶ କର, ଶୀଘ୍ର ହିଁ ସାନ୍ତ୍ୱନା ପାଇବ। ସାବଧାନ ! ସଂକୀର୍ଣ୍ଣତା ବା ପାପକୁ ଗୋପନ ରଖନାହିଁ, ଉତ୍ତରୋତ୍ତର ବର୍ଦ୍ଧିତ ହୋଇ ଅତି ସତ୍ୱର ତୁମକୁ ଅଧଃପତନର ଚରମକୁ ନେଇଯିବ। ଅନ୍ତରରେ ଯାହା ଗୋପନ କରିବ ତାହା ହିଁ ବୃଦ୍ଧି ପାଇବ। ଯେଉଁ ଭାବ ବିରୁଦ୍ଧ ଭାବ ଦ୍ୱାରା ଆହତ ବା ଅଭିଭୂତ ହୁଏନା ତାହା ହିଁ ବିଶ୍ୱାସ। ଗଭୀର ବିଶ୍ୱାସରେ ସବୁକିଛି ହୋଇପାରେ। ବିଶ୍ୱାସ କର, ସାବଧାନ ! ଅହଂକାର, ଅଧୈର୍ଯ୍ୟ ଓ ବିରକ୍ତି ଯେପରି ନଆସେ - ଯାହା ଚାହଁ ତାହା ହିଁ ହେବ। ବିଶ୍ୱାସ କ୍ଷେତ୍ର ଅତ୍ୟନ୍ତ ଉର୍ବର। ସାବଧାନ ! ଅବିଶ୍ୱାସ ରୂପକ ଅନାବନା ଗଛରେ ସନ୍ଦେହ ରୂପକ ଅଙ୍କୁର ଉଠିବା ଦେଖିଲେ ହିଁ ତତ୍‌କ୍ଷଣାତ ତାହା ଉତ୍ପାଟନ କର, ନତୁବା ଭକ୍ତି ରୂପକ ଅମୃତ ବୃକ୍ଷ ଗଜେଇ ପାରିବନାହିଁ। କ୍ଳୀବତ୍ୱ, ଦୁର୍ବଳତା ଅନେକ ସମୟରେ ଭକ୍ତିର ଖୋଳପା ପିନ୍ଧି ଛିଡ଼ା ହୁଏ, ତାହାଠାରୁ ସାବଧାନ ହୁଅ। ପ୍ରିୟତମଙ୍କ ପାଇଁ କିଛି କରିବାକୁ ଇଚ୍ଛା ହୁଏନାହିଁ - ଅଥଚ ଖୁବ୍ ଭଲ ପାଏ - ଏକଥା ବି ଯାହା, ଆଉ ସୁନାର ପିତଳ ଘୁଘୁ କହିବା ମଧ ତାହା। ସ୍ୱାର୍ଥବୁଦ୍ଧି ହିଁ ପ୍ରାୟ ଉକ୍ତ ପ୍ରକାର ଭଲପାଏ, ତେଣୁ ସେହି ପ୍ରକାର ନିଷ୍କାମ - ଧର୍ମାକ୍ରାନ୍ତ ଭଲପାଇବା ଦେଖି ସାବଧାନ ହେବା ଭଲ, ନତୁବା ବିପଦର ସମ୍ଭାବନା ହିଁ ଅଧିକ।

ଦ୍ୱାପର ଯୁଗରେ ଯୁଗାବତାର ଭଗବାନ ଶ୍ରୀକୃଷ୍ଣ ଭକ୍ତ କୁଳ ତିଳକ ଅର୍ଜୁନଙ୍କୁ କହିଥିଲେ - ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ। ଠିକ୍ ସେହିପରି କଳିଯୁଗରେ କଳ୍କୀ ଅବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସତ୍‌ସଙ୍ଗୀ ଜନସମାଜଙ୍କୁ ସାବଧାନ ବାଣୀ ଶୁଣାଇ କହିଲେ - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ। ଯଦି ତୁମର ଆଦର୍ଶର କଥା କହିଲେ ଆନନ୍ଦ, ଶୁଣିଲେ ଆନନ୍ଦ, ତାଙ୍କର ଚିନ୍ତାରେ ଆନନ୍ଦ, ତାଙ୍କ ହୁକୁମ ପାଇଲେ ଆନନ୍ଦ, ତାଙ୍କ ଆଦରରେ ଆନନ୍ଦ, ଅନାଦରରେ ମଧ ଆନନ୍ଦ ହୁଏ, ତାଙ୍କ ନାମରେ ହୃଦୟ ଉଚ୍ଛୁଳି ଉଠେ - ମୁଁ ନିଶ୍ଚୟ କହୁଛି ତୁମର ଉନ୍ନୟନ ପାଇଁ ଆଉ ଭାବିବାକୁ ହେବନାହିଁ।

**ସହପ୍ରତିରତ୍ୱିକ ଓ ପ୍ରଫେସର,**
**ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ**
**ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ : ୯୪୩୭୦୫୧୯୫୭**

## ଆମେ ଓ ଆମ ପରିବେଶର ପଶୁପକ୍ଷୀ

**॥ ବିପିନ ବିହାରୀ ମହାନ୍ତି ॥**

ବିଶ୍ୱର ଜନସଂଖ୍ୟା ବୃଦ୍ଧି ସନ୍ତୁଳିତ ପୃଥିବୀକୁ ଅସନ୍ତୁଳିତ କରିବା ଓ ବିଶ୍ୱ ପ୍ରଦୂଷଣ ବଢ଼ାଇବାର ମୁଖ୍ୟ କାରଣ। ଜନସଂଖ୍ୟା ଚାପ କାରଣରୁ ବିଶ୍ୱର ଖାଦ୍ୟ, ବାସସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ, କର୍ମ ସଂସ୍ଥାନ, ପରିବହନ, ଯୋଗାଯୋଗ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ସୃଷ୍ଟି ହେବା ସହିତ ବିଭିନ୍ନ ପ୍ରତିଯୋଗୀତାମୂଳକ କାରଣରୁ ସନ୍ଦେହ ଓ ଅହଂକାର ହେତୁ ବିଶ୍ୱ ଏବେ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଆଗେଇ ଚାଲିଛି। ଏହି ପରିପ୍ରେକ୍ଷୀରେ ମଣିଷ ଯେ ଖାଲି ଏକା ଶିକାର ହେଉଛି ବା ହେବ, ତାହା ନୁହେଁ ଏ ପ୍ରକୃତି ବା ପରିବେଶ ମଧ୍ୟରେ ବସବାସ କରୁଥିବା ସମସ୍ତ ଜୀବକୁଳ ଯଥା ଉଦ୍ଭିଦ ଓ ପଶୁପକ୍ଷୀ ତାର ଶୀକାର ହେଉଛନ୍ତି ଏବଂ ହେବେ । କହିବା ବାହୁଲ୍ୟ ଯେ ସୃଷ୍ଟିର ଆରମ୍ଭରୁ ଏ ଧରିତ୍ରୀରେ କେବଳ ମଣିଷର ସଂଖ୍ୟା ସବୁଠୁ କମ୍ ଥିଲା । ଏ ପରିବେଶ ଉଦ୍ଭିଦ ଓ ପଶୁପକ୍ଷୀ ଦ୍ୱାରା ଭରପୁର ଥିଲା । ଏହିପରି ପରିବେଶ ମଧ୍ୟରେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ଥିଲା ଗୋଟିଏ ପଶୁ ।ସମୟକ୍ରମେ ଭୌଗୋଳିକ ବା ଜଳବାୟୁ ପରିବର୍ତ୍ତନ କାରଣରୁ ଅନେକ ଜୀବ ଏ ପୃଥିବୀରୁ ନିଶ୍ଚିହ୍ନ ହୋଇଗଲେଣି । ଜନସଂଖ୍ୟାର ଆବଶ୍ୟକତାକୁ ମେଂଟାଇବାକୁ ଯାଇ ପରିବେଶର ଅନେକ ଜଙ୍ଗଲ ଧ୍ୱଂସ ହୋଇଗଲାଣି, ପଶୁପକ୍ଷୀମାନେ ବାସସ୍ଥାନ ଅଭାବରୁ ଏବଂ ମଣିଷର ଶୀକାର ହେତୁ ଲୋପ ହୋଇଗଲେଣି ଏବଂ ଅନେକ କିଛି ବିଲୁପ୍ତ ପ୍ରାୟ । ଏ ସବୁଥି ପାଇଁ ମଣିଷ ଦାୟୀ । ତାର କିରିତ କର୍ମ ପାଇଁ ଏ ପୃଥିବୀ ଓ ତା'ର ଅନ୍ତେଃବାସୀ ଏବେ ଧ୍ୱଂସ ବା ବିଲୁପ୍ତ ମୁଖୀ । ପ୍ରତିଟି ସଜୀବ ଓ ନିର୍ଜୀବ ବିଶେଷ ଏ ପ୍ରକୃତି ଓ ପରିବେଶରେ ଗୋଟିଏ ଗୋଟିଏ ଅମୂଲ୍ୟ ଅଂଶ । ନିର୍ଜୀବଟିର ଯେମିତି ତିଷ୍ଠିବାର ଅଧିକାର ଅଛି ସେମିତି ପ୍ରତିଟି ଜୀବବିଶେଷଙ୍କର ବଂଚିବାର ଅଧିକାର ଅଛି । ଏ ସୁନ୍ଦର ବିଶ୍ୱର ପ୍ରତ୍ୟେକ ଗୋଟିଏ ଗୋଟିଏ ବିଚିତ୍ର ଏବଂ ସୌନ୍ଦର୍ଯ୍ୟ ସୃଷ୍ଟି । ପୃଥିବୀ ତା'ର ପ୍ରାକୃତିକ ନିୟମଚୟରେ ଏସବୁର ସନ୍ତୁଳନ ରଖିଥିଲା ଅଥଚ ଆମେ କରୁଛୁ କ'ଣ ? ମଣିଷ ସ୍ୱାର୍ଥ ପାଇଁ କରୁଛି କ'ଣ ? ସ୍ୱାର୍ଥ ହିଁ ସବୁ ଅନର୍ଥର କାରଣ । ଏକଥା ସେ ବୁଝିବା ଉଚିତ୍ । ବିବେକ ଲଗାଇ ବିଚାର କରିବା ଉଚିତ୍ ଯେ ତା ପାଇଁ କ'ଣ କରଣୀୟ ବା କଣ ବର୍ଜନୀୟ ।ସଂକ୍ଷେପରେ ଏନେଇ ଏତିକି କୁହାଯାଇପାରେ ଯେ ମଣିଷ ନିଜକୁ ବଂଚାଇଲା ପରି ସେ ତା' ପରିବେଶରେ ଥିବା ସମସ୍ତ ଜୀବ, ବିଶେଷ କରି ଜଙ୍ଗଲ ଓ ପଶୁପକ୍ଷୀଙ୍କ ପ୍ରତି ଧ୍ୟାନ ଦେବା ଉଚିତ୍ । ଧାର୍ମିକ ମତରେ ବୃକ୍ଷଛେଦନ ଓ ଜୀବହତ୍ୟା ମହାପାପ । ସେମିତି ବୃକ୍ଷରୋପଣ ଓ ପଶୁପକ୍ଷୀଙ୍କୁ ଆଶ୍ରୟ ପ୍ରଦାନ ମହାପୁଣ୍ୟ । ବୈଜ୍ଞାନିକ ମତରେ ପରିବେଶ ସନ୍ତୁଳନ ଓ ଜୀବର ସୁରକ୍ଷା ନିମନ୍ତେ ଏସବୁର ସଂରକ୍ଷଣର ଆବଶ୍ୟକତା ଅଛି । ପୃଥିବୀର ଏମିତି ସୃଷ୍ଟି ନାହିଁ ଯାହାର ମଣିଷ ବା ଆଉ କାହା ପ୍ରତି ଆବଶ୍ୟକତା ନାହିଁ । ଏଠି ବିଷଧର ସାପ ବା ମଶାଟିର ବି ଗୁରୁତ୍ୱ ଅଛି । କୌଣସି ସୃଷ୍ଟି ଅପକାର ବା ଉପକାର ରହିତ ନୁହଁନ୍ତି । ସମସ୍ତେ ବ୍ୟବହାରକୁ ନେଇ ଫଳାଫଳ ଦିଅନ୍ତି ।ଜୀବେ ଦୟା ଧର୍ମ । ପ୍ରତ୍ୟେକ ଧର୍ମଶାସ୍ତ୍ର ଏହା କୁହେ । ସେମାନଙ୍କ ପ୍ରତି କରୁଣା ଓ ସହାନୁଭୂତି ପ୍ରଦର୍ଶନ ଆମର କର୍ତବ୍ୟ । ଆମଠୁ ସେମାନେ ବଂଚିବାର ଅଧିକାର ଦାବି କରନ୍ତି । ଖାଦ୍ୟ ଶୃଙ୍ଖଳରେ କିଏ କାହାର ଖାଦ୍ୟ ହେଲେ ହେଁ, ସମସ୍ତେ ଆମ ଦ୍ୱାରା ଲାଳିତ ଓ ପାଳିତ ହେବାର ଅଛି; ତାଙ୍କ ବଂଶ ବଢ଼ାଇବାର ସହଯୋଗ କରିବାର ଅଛି । ଆମ ପରି ଏ ପରିବେଶରେ ପଶୁପକ୍ଷୀମାନେ ବଂଚନ୍ତୁ । ଏହି କଥା ସୂଚାଇ ଦେବା ଏବଂ ଏହାର ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୪ ଅକ୍ଟୋବରକୁ ବିଶ୍ୱ ପଶୁପକ୍ଷୀ ଦିବସ ରୂପେ ପାଳନ କରାଯାଏ । ଏହି ଦିବସଟି ପ୍ରଥମେ ୧୯୩୧ ମସିହାରେ ପରିବେଶ ବିଜ୍ଞାନୀମାନେ ଏକ ବୈଠକରେ ଆରମ୍ଭ କରିଥିଲେ । ଏହି ଦିବସରେ ବିଶ୍ୱବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆରମ୍ଭ କରାଯାଏ । ଆର୍ଜେଂଟିନାରେ ଏହି ଦିବସଟି ଏପ୍ରିଲ ମାସ ୨୯ ତାରିଖରେ ପାଳିତ ହୁଏ । ପ୍ରକୃତି, ପରିବେଶ ତଥା ଏଥିରେ ବସବାସ କରୁଥିବା ଜୀବଜନ୍ତୁଙ୍କ ଜଣେ ଅନନ୍ୟ ପୂଜାରୀ ଫ୍ରାନ୍‌ସିସ୍ ଅଫ୍ ଆସିସିଙ୍କ ସ୍ମୃତି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ବିଶ୍ୱ ପଶୁଦିବସ ରୂପେ ପାଳନ କରାଯାଉଅଛି । ଏହିଦିନର ନିକଟତମ ରବିବାରରେ ବିଶ୍ୱରେ ଥିବା ସମସ୍ତ ଗୀର୍ଜାରେ ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ସମୂହ ପ୍ରାର୍ଥନା ସଭା ଆୟୋଜିତ ହୋଇଥାଏ । ଫ୍ରାନ୍‌ସିସ୍ ଖ୍ରୀଷ୍ଟିଆନ୍ ଥିବାରୁ ଏହା ଚାଲିଥିଲା । ଏବେ ଏହା ଆଉ ଖ୍ରୀଷ୍ଟିଆନ୍ ଉତ୍ସବ ନହୋଇ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହାକୁ ପାଳନ କରନ୍ତି । ଏଥିପାଇଁ ୱାଇଲ୍‌ଡ ଲାଇଫ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ତରଫରୁ ବିଭିନ୍ନ ସ୍କୁଲ କଲେଜ ଓ ଅନ୍ୟାନ୍ୟ ସ୍ଥାନରେ ସଚେତନଧର୍ମୀ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଥାଏ । ଏତଦ୍‌ବ୍ୟତୀତ ବିଭିନ୍ନ ବଦାନ୍ୟ ବ୍ୟକ୍ତିବିଶେଷ କିମ୍ବା କର୍ମୀମାନେ ଆନିମଲ ଚାରିଟି ବା ବଦାନ୍ୟ ପଶୁ ଅନୁଷ୍ଠାନ ଯେମିତି ଗୋଶାଳା ଇତ୍ୟାଦିଙ୍କୁ ସ୍ୱଇଚ୍ଛାରେ ଅର୍ଥ ଦାନ କରିଥାନ୍ତି । ଅନେକ କୌଣସି ଏକ ଗୃହପାଳିତ ପଶୁର ପୃଷ୍ଟପୋଷକତା ପାଇଁ ଶପଥ ନେଇଥାନ୍ତି ଓ କାର୍ଯ୍ୟରେ ପରିଣତ କରିଥାନ୍ତି । ଅନ୍ୟ କେହି ଆମିଷ ଭୋଜନ ପରିତ୍ୟାଗ କରିଥାନ୍ତି । ଆସନ୍ତୁ ବିଶ୍ୱ ପଶୁପକ୍ଷୀଙ୍କ ମଙ୍ଗଳାର୍ଥେ ଆମେ ବି କିଛି କରିବା ।

**ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ**
**ଗବେଷଣା ପ୍ରତିଷ୍ଠାନ,**
**ବିପିନ ବିହାରୀ ପାଠାଗାର,ଜଟଣୀ**



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ଆଠ ମାସ ହେଲା ଜଳୁନି ଷ୍ଟିଟ ଲାଇଟ୍ ରିପିଆର ପାଇଁ ଦାବି

କନ୍ଧମାଳ:(ମହାଭାରତ): କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ୍ ଅନ୍ତର୍ଗତ କ୍ରାଣ୍ଡିବାଲି ପଞ୍ଚାୟତ ୧୧ ନଂ ଓ୍ୱାର୍ଡ଼ କାମଟଣା ଗ୍ରାମର ଛକ ନିକଟରେ ଥିବା ଷ୍ଟିଟ ଲାଇଟ୍ ଆଜକୁ ପ୍ରାୟ ଆଠ ମାସ ହେବ ଅଚଳ ହୋଇ ପଡ଼ିରହିଛି । ଏହି ବିଷୟରେ ଲାଇନମେନକୁ ବାରମ୍ବାର ଅବଗତ କରି ପଞ୍ଚାୟତକୁ ଜଣାଇ ଥିଲେ ମଧ୍ୟ ରିପିଆର ପାଇଁ ଆସୁନାହାଁନ୍ତି ।ଏହି ଅଞ୍ଚଳ ବଣ ଜଙ୍ଗଲ ଘେରା ଦୁର୍ଗମ ଅଞ୍ଚଳ ଓ ପାଖରେ ପାଖରେ ବିଦ୍ୟାଳୟ ଥିବାରୁ ରାତ୍ରୀ ବିଦ୍ୟାଳୟରୁ ଚୋରି ହେବାର ଆଶଙ୍କା ରହିଅଛି । ତେଣୁ ବ୍ଲକ୍ ଓ ଜିଲ୍ଲା ପ୍ରଶାସନ ଏହି ସମସ୍ୟାକୁ ଦୃଷ୍ଟି ଦେଇ ଯଥାଶୀଘ୍ର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଗୋଛାପଡା ତରଫରୁ ଜୋର୍ ଧରିଲା ଗୋଛାପଡା ବ୍ଲକ ଗଠନ ଦାବ

କନ୍ଧମାଳ: (ମହାଭାରତ):କନ୍ଧମାଳ ଜିଲ୍ଲାର ଦିତୀୟ ସର୍ବବୃହତ ବ୍ଲକ୍ ଫିରିଙ୍ଗିଆ ହୋଇଥିବା ବେଳେ ଏହି ଅଞ୍ଚଳ ଜଙ୍ଗଲ ପାହାଡିଆ ଅଞ୍ଚଳ ହୋଇଥିବାରୁ ଲୋକ ମାନେ ବିଭିନ୍ନ ସରକାର ମୌଳିକ ସୁବିଧା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଏଥିପାଇଁ ଗୋଛାପଡା କୁ ନୂତନ ବ୍ଲକ୍ ଗଠନ ପାଇଁ ବହୁ ବର୍ଷରୁ ଦାବିକରି ଆସୁଥିଲେ ମଧ୍ୟ କୌଣସି ଫଳପ୍ରଦ ହୋଇପାରି ନାହିଁ । ବର୍ତ୍ତମାନ ରାଜ୍ୟରେ ସରକାର ପରିବର୍ତ୍ତନ ପରେ ନୂତନ ପଞ୍ଚାୟତ ଓ ବ୍ଲକ୍ ଗଠନ ପାଇଁ ସରକାର ଆଲୋଚନା କରିଛନ୍ତି । ଏଣୁ ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଗୋଛାପଡା ଜଗନ୍ନାଥ ମନ୍ଦିର ନିକଟରେ ନୂତନ ବ୍ଲକ ଗଠନ ଦାବିରେ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଗୋଛାପଡା, ସଲାଗୁଡା, ପଲାବୁଡି, କ୍ରାଣ୍ଡିବାଲି, ପକାରୀ, ବାଲନ୍ଧାପଡା, ଲୁଇସିଙ୍ଗି, ପାଇରାଜୁ, କୁଏରିମାଣ୍ଡୁ ଇତ୍ୟାଦି ୯ ଗୋଟି ପଞ୍ଚାୟତ ବାସୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ନିମନ୍ତେ ଗୋଛାପଡା ଠାରେ ନୂତନ ବ୍ଲକ ଗଠନ କରିବାକୁ ଦାବି ଜୋର୍ ଧରିଛି। ଆଜି ପୂର୍ବତନ ବିଧାୟକ ଶ୍ରୀ ଅଙ୍ଗଦ କହଁର ଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବ୍ଲକ୍ ଗଠନ ଦାବିରେ ଉକ୍ତ ବୈଠକ ରେ ନଅ ଗୋଟି ପଞ୍ଚାୟତ ର ସରପଞ୍ଚ, ସମିତି ସଭ୍ୟ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇ ଥିଲେ । ଅଞ୍ଚଳ ବିକାଶ ନିମନ୍ତେ କାର୍ଯ୍ୟକରିବା ପାଇଁ ଆଜି ଆଞ୍ଚଳିକ ବିକାଶ ପରିଷଦ ନାମରେ ଏକ ସଂଗଠନ ଗଠନ କରାଯାଇ ନିମ୍ନ ଦର୍ଶିତ ପ୍ରକାରେ କର୍ମ କର୍ତ୍ତା ଚୟନ କରାଯାଇଥିଲା ।ସଭାପତି ରୋହିତ କହଁର, ଉପ ସଭାପତି ବିଶ୍ୱରଂଜନ କହଁର, ସଂପାଦକ ଜମ୍ନେଶ୍ୱର କହଁର ଓ ସହ ସଂପାଦକ ଅର୍ଜୁନ କହଁର ଏବଂ ଯୁଗ୍ମ ସଭାପତି ଭାବେ ଲକ୍ଷ୍ମୀ କହଁର,କେଶବ କହଁର, ପ୍ରଦୀପ ନାୟକ, ମନୋନୀତ ହୋଇ ଥିବାବେଳେ ଯୁଗ୍ମ ସଂପାଦକ ଗୋବିନ୍ଦ ମଲିକ, ଯୁଗାନ୍ତ କହଁର,ଧନପତି ଦିଗାଲ ଏବଂ କୋଷାଧ୍ୟକ୍ଷ ଭାବେ ଲୀଳାବତୀ କହଁର ଙ୍କୁ ମନୋନୀତ କରାଗଲା । ଆଗାମୀ ୩୦ତାରିଖ ଦିନ ପୂନର୍ବାର ବୈଠକ ବସିବାକୁ ନିଷ୍ପତ୍ତି କରାଗଲା । ବ୍ଲକ ଗଠନ ପାଇଁ ରାଜ୍ୟପାଳ ଙ୍କ ନିକଟକୁ ଦାବି ପତ୍ର ଜିଲ୍ଲା ପାଳ ଙ୍କ ନିକଟରେ ଦିଆ ଯିବାକୁ ନିଷ୍ପତ୍ତି କରାଗଲା ।

## ଗୋଠ ଛଡା ଦନ୍ତାହାତୀ ର ତାଣ୍ଡବ ଭାଙ୍ଗିଲା ଘର



ପାଟଣା(ମହାଭାରତ): ଗୋଠ ଛଡା ଦନ୍ତାହାତୀ ତାଣ୍ଡବ ଘରେ ପଶି ଖାଉ ଛି ଧାନ ଚାଉଳ । ଏପରି ଦୃଶ୍ୟ ଦେଖିବାକୁ ମିଳିଛି ।କେନ୍ଦୁଝର ଜିଲ୍ଲା ପାଟଣା ବନା□ଳ ଅନ୍ତର୍ଗତ ସରସକେଲା ପଞ୍ଚାୟତ ଅଧିନସ୍ଥ ଝାଟିଆଳି ସାହି ରେ ଯଲମ୍ବୋଦର ଗିରି ଙ୍କ ଘର ଭାଙ୍ଗିବା ସହ ଜିନିଷ ପତ୍ର ଧାନ ଚାଉଳ ଖାଇ ଯାଇଛି । ଘର ଭିତରେ ରାତି ରେ ସପରିବାର ଶୋଇ ଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇ ଛନ୍ତି । ସେହି ପରି ମାଧପୁର ଗ୍ରାମରେ ୩ଟି ଘର ଘର ଭାଙ୍ଗିବା ସହ ମୂଷାଖୋରୀ ପଞ୍ଚାୟତ ଶରତ ଦାସ,କିରାଣୀ ଦାସ ଙ୍କ ଘର ମଧ୍ୟ ଗୋଠ ଛଡା ଦନ୍ତାହାତୀ ଭାଙ୍ଗି ଥିବା ଜଣାପଡିଛି। ଗ୍ରାମରେ ଦନ୍ତାହାତୀ ଘର ଭାଙ୍ଗିବା ସହ କ୍ଷୟକ୍ଷତି କୁ ସରକାରୀ କ୍ଷେତ୍ରରେ ଯୋଗାଇ ପାଇଁ ଗ୍ରାମବାସୀ ମାନେ ଦାବି କରିଛନ୍ତି ।

## ମିଶନଶକ୍ତି ଗୃହ ଉଦଘାଟନ କଲେ ବ୍ଲକ ଅଧକ୍ଷା ବଦଳ ରେ ସରପଞ୍ଚ□

କନ୍ଧମାଳ:(ମହାଭାରତ): କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଆରାବାକା ପଞ୍ଚାୟତ ଠାରେ ନୂତନ ଭାବରେ ମିଶନ ଶକ୍ତି ଗୃହ ନିର୍ମାଣ ହୋଇଥିବା ବେଳେ ଉଦଘାଟନ ପାଇଁ ବ୍ଲକ ଅଧକ୍ଷା ବୈନେତ୍ରୀ କହଁର ଓ ମୁଖ୍ୟ ଅତିଥି ବିଡ଼ିଓ ହୃଦରଞ୍ଜନ ସାହୁ ଙ୍କୁ ନିମନ୍ତ୍ରଣ କରାଯାଇଥିଲା । କିନ୍ତୁ ଏହି କାର୍ଯ୍ୟକ୍ରମ କୁ ଦିନ ୧୦ ଟାରେ ରଖାଯାଇଥିଲା ହେଲେ ବିଜେପି ଦଳ ସଦସ୍ୟ ଏହି ଖବର ଶୁଣି ସେଠାକୁ ଯାଇ ଦେଖିଥିଲେ ହେଲେ ସୂଚନା ଫଳକ ରେ ଫୁଲବାଣୀ ବିଜେପି ବିଧାୟକ ଉମା ଚରଣ ମଲ୍ଲିକ ଓ ଜିଲ୍ଲା ପରିଷଦ ର ନାମ ନଥିବାରୁ ଏହାକୁ ଘୋର ପ୍ରତିବାଦ କରିଥିଲେ । ଦଳ ପକ୍ଷରୁ ନିମନ୍ତ୍ରିତ ଅତିଥି ମାନଙ୍କୁ ମନା କରାଯିବା ସହ ସରପ□ ଏବଂ ପଂଚାୟତ ବାସୀଙ୍କ ସହ କଥା କଟାକଟି ହୋଇଥିବା ବେଳେ ଅତିଥି ମାନେ ଆସିନ ଥିବା ଯୋଗୁଁ ପିଇଓ ଦୈତାରୀ ପ୍ରଧାନ ଉଦଘାଟନ କୁ ବାତିଲ ଘୋଷଣା କରିଥିଲେ । କିନ୍ତୁ ଦଳ ପକ୍ଷରୁ କୁହାଯାଇଛି ରାଜ୍ୟରେ ବିଜେପି ସରକାର ଓ ଫୁଲବାଣୀ ନିର୍ବାଚିତ ବିଧାୟକ ମଧ୍ୟ ବିଜେପି ଥିବା ବେଳେ ବିଧାୟକ ଙ୍କ ନା ଫଳକ ରେ ଲାଗିନ ଥିବା ଅତି ଦୁଃଖ ର ବିଷୟ ବୋଲି କହିଥିଲେ । ଏନେଇ ବିଜେପି ବ୍ଲକ ସଭାପତି ସର୍ବେଶ୍ୱର କହଁର, ବିଧାୟକ ପ୍ରତିନିଧି ଗଣେଶ ପ୍ରଧାନ, ଆରାବାକା ପଞ୍ଚାୟତ ସଭାପତି ଗଣେଶ ମଲ୍ଲିକ ସହ ଦଳ ର ସମସ୍ତ କର୍ମକର୍ତ୍ତା ଙ୍କୁ ନେଇ ଅଧକ୍ଷା ଙ୍କ ନାମ ଲିଭାଯାଇଥିଲା । ଶେଷରେ ଉଭୟ ବୁଝାମଣା ହେବାପରେ ସରପ□ ଏଭଳି ଭୁଲ ପୁନର୍ବାର ହେବନି ବୋଲି କହିଥିଲେ । ଶେଷରେ ଅପରାହ୍ନ ରେ ସରପ□ ଉକ୍ତ ମିଶନ ଶକ୍ତି ଗୃହ କୁ ଧୁମଧାମ ରେ ଢଙ୍ଗୁ ବାଦ୍ୟ ରେ ନାଚନାଚି ବଡ଼ ପଟୁଆର ରେ ଉଦଘାଟନ କରିଥିଲେ ।

## ଦେବୀ ଉକୁଳେଇ ଙ୍କ ପୀଠ ରେ ତ୍ରିବେଣୀ ଅମାବାସ୍ୟା ଉତ୍ସବ



ଅସ୍ତରଙ୍ଗ(ମହାଭାରତ): ପବିତ୍ର ମାଘ ମାସ ତ୍ରିବେଣୀ ଅମାବାସ୍ୟା ରେ ଅସ୍ତରଙ୍ଗ ର ପ୍ରସିଦ୍ଧ ଶକ୍ତିପୀଠ ରେ ମହୋତ୍ସବ ଅନୁଷ୍ଠିତ ହୋଇଛି। ପୂର୍ବ ରାତିରେ ଭକ୍ତମାନେ ନିଜ ନିଜ ଇଛା ପୂରଣ ନିମନ୍ତେ କଳସ ସ୍ଥାପନ କରିଥିଲେ। ମାନ୍ୟତା ଅଛି ଏହି ଦେବୀ ଙ୍କ ନିକଟରେ ଥିବା ତ୍ରିବେଣୀ ପୁଷ୍କରିଣୀ ରେ ସ୍ନାନ କରିବା ପରେ ଦେବୀ ସ୍ନାନ ପାଦୁକ ପାଇ, ସମର୍ପଣ ଧୂପ ବାସ୍ନା କୁ ରୋଗୀ ପାଇଲେ ଜ୍ୱର ରୋଗ ରୁ ଉପକୃତ ପାଇଥାନ୍ତି, ଆଜିର ପବିତ୍ର ଦିନ ରେ ଦେବୀ ଉକୁଳେଇ ଙ୍କ ଜନ୍ମଦିନ ରୂପେ ପାଳନ କରାଯାଏ, ମା ଆଜି ଦିନ ରେ ତ୍ରିବେଣୀ ପୁଷ୍କରିଣୀ ରେ ନିଜେ ଆସି ଚାପ ଖେଳିବା ପରେ ଉକ୍ତ ପୁଷ୍କରିଣୀ ଜଳ ଔଷଧ ରୂପେ କାର୍ଯ୍ୟ କରେ ବୋଲି ଆଧାତ୍ମିକ ମତ ରହିଛି। ଆଜି ରାତ୍ର ୨ଘଟିକା ରୁ ଦ୍ୱାର ଫିଟା ହୋଇ ସକାଳୁ ମା ଙ୍କର ମଙ୍ଗଳ ଆରତୀ, ସ୍ନାନ, ମାର୍ଜନା, ହେବା ପରେ ମା ଙ୍କୁ ଆଜି ଷୋଡଶ ଉପଚାର ପୂଜା ରେ ବୈଦିକ ବ୍ରାହ୍ମଣ ପୂଜା କରିଛନ୍ତି। ସୂର୍ଯ୍ୟପୂଜା, ବରୁଣ ପୂଜା, ନବଗ୍ରହ ପୂଜା, ସବୁ ସରିବା ପରେ ଯଜ୍ଞ କୁଣ୍ଡ ରେ ବ୍ରାହ୍ମଣ ମାନଙ୍କ ଦ୍ୱାରା ଘୃତାହୂତି ଦିଆଯାଇଛି। ରାଜ୍ୟ ର ଅନେକ ଅଞ୍ଚଳ ରୁ ଆଜି ଦିନ ରେ ପ୍ରାୟତଃ ୫୦ହଜାର ଲୋକ ଙ୍କ ସମାଗମ ହୋଇଛି। ମନ୍ତ୍ରପାଠ ବେଦ ଧୋନି ରେ ଆଜି ଏହି ପୀଠ ରେ ସ୍ୱତନ୍ତ୍ର ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି, ଜିଉଁନ୍ତି ଗ୍ରାମ ର ମଙ୍ଗୁଳି ଚରଣ ମହାନ୍ତି ବର୍ତ୍ତମାନ ଏହି ଦେବୀ ଙ୍କର ମୁଖ୍ୟ ପୂଜାରୀ ହୋଇ ସମସ୍ତ କାର୍ଯ୍ୟ ନିଷ୍ଠାପର ଭାବେ ପରିଚାଳନା କରିଛନ୍ତି। ସ୍ଥାନୀୟ ସତ୍ତ୍ୱେଶ୍ୱର ଯୁବ କ୍ଲବ ର ସଦସ୍ୟ ମାନେ ଏହି ଅନୁଷ୍ଠାନ ସହିତ ଜଡିତ ହୋଇ ସମସ୍ତ କାର୍ଯ୍ୟ କୁ ସମ୍ପାପନ କରିଛନ୍ତି। ମେଳଣ ପଡିଆ କୁ ଯାତ୍ରା ପାର୍ଟି ଚାରୀ ରାତି ପର୍ଯ୍ୟନ୍ତ ଚାଲିବ ଓ ତା ସହିତ ଓଡ଼ିଆ ସିନେମା ଜଗତ ର ଆଗଧାଡିର କଳାକାର ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କର୍ଯ୍ୟକ୍ରମ ଚାରୀ ରାତି ପର୍ଯ୍ୟନ୍ତ ଜାରି ରହିବ, ଅସ୍ତରଙ୍ଗ ପୋଲିସ ଓ ତହସିଲଦାର ଏହି ଅନୁଷ୍ଠାନ ରେ ଶୃଙ୍ଖଳା ରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା କରିଛନ୍ତି।

## ପାଟଣା ରେ ୭୬ତମ ସଧାରଣତନ୍ତ୍ର ଦିବସ ପାଳିତ

ପାଟଣା:-(ମହାଭରତ) କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଷ୍ଟାଡିୟମ ରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇ ଛି । ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦାନ କରି ଜାତୀୟ ପତାକା ଉତ୍ତୋଳନ କରି ଦେଶ ର ବିକାଶ ସହ ଅଞ୍ଚଳ ଉନ୍ନତି ଅଭିଭାଷଣ ରଖି ଥିଲେ ।ସମ୍ମାନିତ ଅତିଥି ଭାବେ ପାଟଣା ବ୍ଲକ ଅଧକ୍ଷା ସୁକାନ୍ତି ନାଏକ,ବିଡ଼ିଓ ମାନସ ଦଣ୍ଡପାଟ,ବିଇଓ ପୂର୍ଣ୍ଣ ଚନ୍ଦ୍ର ଅମାନ୍ତ ,ସ୍ଥାନୀୟ ସରପ□ ବିନତି ବାନରା,ଅବସର ଶିକ୍ଷକ ଭରତ ଚନ୍ଦ୍ର ସାହୁ,ଓ.ଜି.ଏସ୍ ସଭାପତି କ୍ଷେତ୍ରବାସି ମହାକୁଡ଼,ପୂର୍ବତନ ବ୍ଲକ ଅଧକ୍ଷ ବିଦ୍ୟାଧର ଦାଶ ଉପସ୍ଥିତ ଥିଲେ । ଏହି ପେରିପେକ୍ଷି ରେ ପାଟଣା ଅଞ୍ଚଳ ର କଲେଜ,ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ୟାରେଟ ଅନୁଷ୍ଠିତ ହୋଇ ଥିଲା । ପ୍ୟାରେଟରେ ଉତ୍ତୀର୍ଣ୍ଣ ସ୍କୁଲ କୁ ମୁଖ୍ୟ ଅତିଥି ଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯିବା ସହ ମହାମାରୀ କରନା ସମୟରେ ଲୋକ ମାନଙ୍କ ନିକଟ କୁ ଯାଇ ସବୀର ଦାଶ,ବିଜୟ ରତ୍ନ ପତି ଶୁଖିଲା ଓ ରନ୍ଧା ଖାଦ୍ୟ ବଣ୍ଟନ କରୁଥିବା ରୁ ପାଟଣା ବ୍ଲକ ପ୍ରଶାସନ ପକ୍ଷ ରୁ ତାଙ୍କୁ ଉପଢ଼ଙ୍କ ପୁଷ୍ପଗୋଛ ଦେଇ ସମର୍ଦ୍ଧିତ କରାଯାଇ ଥିଲା । ସାଧାରଣତନ୍ତ୍ର ଦିବସ ରେ ଛାତ୍ରଛାତ୍ରୀ ଙ୍କ ଦ୍ୱାରା ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲାୟ କାର୍ଯ୍ୟକ୍ରମ ମଞ୍ଚ ପରିଚାଳନା ଶିକ୍ଷକ ପାର୍ଥ ସାରଥୀ ବେଜ ଓ କମଳାକାନ୍ତ ପତି କରିଥିଲେ । ପ୍ୟାରେଟ ପରିଚାଳନା ପାଟଣା ମହାବିଦ୍ୟାଳୟ କ୍ରୀଡା ଶିକ୍ଷକ ଓ ଲେଫ୍ଟଲାଣ୍ଟ ଧର୍ମେନ୍ଦ୍ର କୁମାର ସାହୁ କରିଥିଲେ। କାର୍ଯ୍ୟକ୍ରମ କୁ ସଂପୂର୍ଣ୍ଣ ସି.ରା.ସି ସନ୍ତୋଷ କୁମାର ନାଏକ,ଜ୍ୟୋତ୍ରିମୟ ତ୍ରିପାଠୀ,ପ୍ରମୋଦ କୁମାର ମହାନ୍ତି, ବି.ଏସ୍.ଏସ୍.ଓ ଅଭୟ କୁମାର ଦେହୁରୀ,ଚନ୍ଦନ ମାନସିଂ, ସହଯୋଗ କରିଥିଲେ।

## ଦମାଦୁଆ ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ

ମୋହନା(ମହାଭାରତ): ଗଜପତି ଜିଲ୍ଲା ମୋହନା ବ୍ଲକ୍ ଦମାଦୁଆ ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୋହନା ବିଡିଓ ରାଜୀବ ଦାସ ଜିଲ୍ଲା ଶିକ୍ଷା ନିରୀକ୍ଷକ ରମେଶଚନ୍ଦ୍ର ଦାସ ମଞ୍ଚାସିନ ହୋଇଥିଲେ । ପ୍ରଥମେ ଅତିଥି ଗଣ ପ୍ରଦୀପ ପ୍ରଜ୍ୱଳନ କରିବାସହ ବିଦ୍ୟାଳୟ ର ବିବରଣୀ ପାଠ ହୋଇଥିଲା । ଦୁର୍ଗମ ଅଞ୍ଚଳରେ ଆଦିବାସୀ ପରେ ସମସ୍ତ କୃତି ଛାତ୍ର ଛାତ୍ରୀଙ୍କ ପୁରସ୍କାର ବିତରଣ ହେବାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହିକାର୍ଯ୍ୟକ୍ରମରେ ଅଞ୍ଚଳର ସମସ୍ତ ପ୍ରଧାନ ଶିକ୍ଷକ ମାନ୍ୟଗଣ୍ୟ ବ୍ୟକ୍ତି ତଥା ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ମଞ୍ଚପରିଚାଳାନାରେ ସହକାରୀ ଶିକ୍ଷକ କାହ୍ନୁ ଚରଣ ରଞ୍ଜିତ ସୁଚାରୁରୁପେ ପରିଚାଳନା କରିଥିଲେ ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷା ଆଡ଼କୁ ଆକୃଷ୍ଟ କରିବା ସହ ସେମାନଙ୍କ ଭିତରେ ଲୁଚି ରହିଥିବା ପ୍ରତିଭା ଗୁଡ଼ିକୁ କିଭଳି ଲୋକ ଲୋଚନକୁ ଆଣିବା ଏହା ହେଉଛି ଏକ ପ୍ରୟାସ ବୋଲି କହିଥିଲେ ଗୋଷ୍ଠି ଉନ୍ନୟନ ଅଧିକାରୀ । ଅଭିଭାଷଣରେ ସମସ୍ତ ଅତିଥି ଛାତ୍ର ଛାତ୍ରୀ ମାନକୁ ଉପଦେଶ ଦେବାସହ କିଛି ଉଦାହରଣ ସ୍ୱରୂପ ଶିକ୍ଷଣୀୟ ଗଳ୍ପ କହିଥିଲେ । ଯାହାକୁ ବିଦ୍ୟାଳୟର ଛାତ୍ର ଛାତ୍ରୀ ଗଣ ଆନନ୍ଦ ସହକାରେ ଶୁଣିଥିଲେ । ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିବା ଛାତ୍ର ଛାତ୍ରୀଙ୍କ ମନରେ ଅନେକ ଉତ୍ସାହ ରହିଥିବା ବେଳେ ଅନେକ ଆନନ୍ଦ ଲାଭ କରିଥିବା କହିଛନ୍ତି । ସମସ୍ତ ଶିକ୍ଷକ ମାନଙ୍କ ସହଯୋଗରେ ଏହି କାର୍ଯ୍ୟ କ୍ରମ ହୋଇଥିବା ହେତୁ ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧନ୍ୟବାଦ୍ ଅର୍ପଣ କରିଛନ୍ତି ।

## ପାଟଣା ବନାଞ୍ଚଳ ପକ୍ଷରୁ ଜଙ୍ଗଲ ନିଆଁ ନିବାରଣ ସଚେତନତା ଶିବିର



ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ପକ୍ଷରୁ ଜଙ୍ଗଲ ନିଆଁ ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।କାର୍ଯ୍ୟକ୍ରମ ଟି ପାଟଣା ବନାଞ୍ଚଳ ଅଧିକାରୀ ନ ବିହାରୀ ସର୍ଦାର ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ଜଙ୍ଗଲ ନିଆଁ ନିବାରଣ ସଚେତନତା କାର୍ଯ୍ୟକ୍ରମ ରେ ଜିଲା ଏସ୍.ସି.ଏଫ୍ ଜିତେନ୍ଦ୍ର ବେହେରା,ପାଟଣା ବ୍ଲକ ଅଧକ୍ଷା ସୁକାନ୍ତି ନାଏକ,ବରିଷ୍ଠ ସାମ୍ବାଦିକ ନୃସିଂହ ନାଥ ସିଂ,ପାଟଣା ଅଗ୍ନିଶମ ଅଧିକାରୀ ଗୌରମୋହନ ହେମ୍ବ୍ରମ୍,ପାଟଣା ତହସିଲ ସୁପରଭାଇଜର ବନମାଳୀ ନାୟକ,ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସିଦ୍ଧ ମାଝୀ,ସାହାରପଡା ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ କୁମାର ପଲେଇ,ବ୍ଲକ ଉପାଧକ୍ଷା ଛବିରାଣୀ ସେଠୀ,ପାଟଣା ସାହାରପଡା ଟାଟା ପାୱାର ମ୍ୟାନେଜର ଜ୍ୟୋତି ରଞ୍ଜନ ମିଶ୍ର ମଞ୍ଚାସିନ ଥିଲେ। ଏହି ଜଙ୍ଗଲ ନିଆଁ ନିବାରଣ ସଚେତନତା କାର୍ଯ୍ୟକ୍ରମ ରେ ଗାଁ ଲୋକମାନେ କିପରି ଜଙ୍ଗଲ ରେ ନିଆଁ ନ ଲଗାଇବେ,ଜଙ୍ଗଲ ଜୀବଜନ୍ତୁ ଙ୍କୁ ଶିକାର ନ କରିବେ କିମ୍ବା ଜଙ୍ଗଲ ରୁ କାଠ ଚୋରା ଚାଲାଣ ନ କରାଯିବ ଏଥିପ୍ରତି ସଚେତନ କରିବା ସହ ଯେଉଁ ବ୍ୟକ୍ତି ବିଶେଷ ଜଙ୍ଗଲ ରୁ କାଠ ଚୋରି କରିବା କି ଜୀବଜନ୍ତୁ ଶିକାର କରିବା କିମ୍ବା ନିଆଁ ଲଗାଇବା ଗ୍ରାମବାସୀ ଦେଖନ୍ତି ଏବଂ ବନାଞ୍ଚଳ ବିଭାଗ କୁ ଖବର ଦିଅନ୍ତି । ନିଆଁ ଲଗାଇ ଥିବା ବ୍ୟକ୍ତି ଙ୍କ ପ୍ରତି ଆଇନଗତ ଦଣ୍ଡବିଧାନ କରାଯିବା ସହ ଖବର ଦେଇଥିବା ବ୍ୟକ୍ତି ଙ୍କ ବନାଞ୍ଚଳ ପକ୍ଷରୁ ବ୍ୟକ୍ତି ଙ୍କ ନାଁ ଗୋପନ ରଖାଯାଇ ତାଙ୍କୁ ୫ହଜାର ଟଙ୍କା ପୁରସ୍କାର ରାଶି ଦେବାକୁ ବନାଞ୍ଚଳ ପକ୍ଷରୁ ଘୋଷଣା କରାଯାଇଛି । ଏହି କାର୍ଯ୍ୟକ୍ରମ କୁ ବନପାଳ ଅଧିକାରୀ ପିଅନ ନାଏକ,ଭୂପତି ସେଠୀ ସଂଯୋଜନା କରିଥିବା ବେଳେ ପାଟଣା ବନାଞ୍ଚଳ ଅନ୍ତର୍ଗତ ହାତୀ ମାନଙ୍କ ଦ୍ୱାରା ଧାନ ଚାଉଳ କ୍ଷୟକ୍ଷତି ପରିବାର ଲୋକ ଙ୍କୁ ଶସ୍ୟପାତ୍ର ପ୍ରଦାନ କରାଯାଇଛି । ଆଗାମୀ ଦିନରେ ଲୋକମାନେ ଶସ୍ୟପାତ୍ର ରେ ଧାନ,ଚାଉଳ ରଖି ହାତୀ ନ ଖାଇ ପାରିବ ତାହା ଠାରୁ ନିରାପଦ ରହି ପାରିବ । କାର୍ଯ୍ୟକ୍ରମ କୁ ସଂପୂର୍ଣ୍ଣ ପାଟଣା ଓ ସାହାରପଡା ବନା□ଳ କର୍ମଚାରୀ ଦେବଜାନୀ ମହାନ୍ତ,ତପସ୍ୱିନୀ ନାଏକ,ଡଳିରାଣୀ ସାହୁ,ଲକ୍ଷ୍ମୀପ୍ରିୟା ମହାନ୍ତ,ରଞ୍ଜିତା ମହାନ୍ତ,ଦୀପକ ରଣା,ତଥା ଆମ ଜଙ୍ଗଲ ଯୋଜନା ର ସଂଯୋଜକ ଯତୀନ୍ ପଲେଇ,କୃପାଚାର୍ଯ୍ୟ ମହାନ୍ତ,ପୂର୍ଣ୍ଣ ଚନ୍ଦ୍ର ମହାନ୍ତ ସହଯୋଗ କରିଥିବା ବେଳେ ପାଟଣା, ସାହାରପଡା,ସଦରବ୍ଲକ ର ସରପ□ ,ସମିତି ସଭ୍ୟ/ସଭ୍ୟା ଓ ଗଜସାଥୀ,ବନସୁରକ୍ଷା କମିଟି ସଦସ୍ୟ ମାନେ ଏହି ଜଙ୍ଗଲ ନିଆଁ ସଚେତନତା କାର୍ଯ୍ୟକ୍ରମ ରେ ଯୋଡି ହୋଇ ଥିଲେ।

## କିନ୍ନର ମାନଙ୍କ ଉଦ୍ଦେଶ୍ୟରେ ଆଇନ ସଚେତନତା ଶିବିର ଅନୁଷ୍ଠିତ

ବାଣପୁର :( ମହାଭାରତ ) ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ କିନ୍ନର ମାନଙ୍କ ଉଦ୍ଦେଶ୍ୟରେ ଏକ ଆଇନ ସଚେତନତା ଶିବିର ଆଜି ବାଣପୁର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଆଇନ ସେବା ସମିତି ଅଧକ୍ଷ ତଥା ବାଣପୁର କୋର୍ଟ ବରିଷ୍ଠ ବିଚାରପତି ଅମରେଶ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶିବିରରେ କିନ୍ନର ମାନଙ୍କ ପାଇଁ କି ପ୍ରକାର ଆଇନ ସୁବିଧାମାନ ଅଛି, ଏଥି ସହିତ କିନ୍ନର ମାନେ କିପରି ସାମାଜିକ ସ୍ରୋତରେ ସାମିଲ ହୋଇ ପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା । କିନ୍ନରମାନେ ମଧ୍ୟ ବିଭିନ୍ନ ସରକାରୀ ସୁବିଧା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ସେମାନେ ନିଜର ଅଧିକାର ଜାଣିବା ଦରକାର ବୋଲି ବିଚାରପତି ଶ୍ରୀ ମହାପାତ୍ର କହିଥିଲେ । ତତସହିତ ଯଦି କୌଣସି କିନ୍ନର ଭାଇ ଭଉଣୀ ଆଇନଗତ ସହାୟତାରୁ ବଞ୍ଚିତ ହେଉଛନ୍ତି ତେବେ ସେ ତାଲୁକ ଆଇନ ସେବା ସମିତିର ଦ୍ୱାରସ୍ଥ ହୋଇ ନ୍ୟାୟ ପାଇପାରିବେ ବୋଲି ବିଚାରପତି କହିଥିଲେ । ଏହି ଅବସରରେ କିନ୍ନର ମାନେ ସମ୍ପ୍ରତି ସମାଜରେ ସମ୍ମୁଖୀନ ହେଉଥିବା ବିଭିନ୍ନ ଅସୁବିଧା ଏବଂ ତାହାର ସମାଧାନ ନିମନ୍ତେ ବିଚାରପତିଙ୍କୁ ଅବଗତ କରାଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଣପୁର ବିଡ଼ିଓ ଶୀତଲ ଅଗ୍ରୱାଲ,ବ୍ଲକ ସାମାଜିକ ସୁରକ୍ଷା




ଅଧିକାରୀଣି ଗିରିବାଳା ନାୟକ, ପ୍ର□ ଅଫିସ ରିଟେନର ପଦ୍ମଜା ପଟ୍ଟନାୟକ, ଓକିଲ ସଂଘ ସମ୍ପାଦକ ରଞ୍ଜନ କୁମାର ବେଦମତା, ଉପସଭାପତି ରାମଚନ୍ଦ୍ର ପଲେଇ,ଆଇନଜୀବୀ ସୀତାରାମ ଅଗ୍ରୱାଲ,ଭି. କାମେଶ୍ୱର ଆଚାରୀ, ଅଜିତ ବାରିକି,ସୁନୀଲ ମହାପାତ୍ର, ବିପ୍ଳବ ମୁଦୁଲି ଏବଂ ବାଣପୁର-ବାଲୁଗାଁ ଅଞ୍ଚଳର କିନ୍ନର ସଂଘର ନେତ୍ରୀ ଚିନ୍ମୟୀ ବେହେରାଙ୍କ ସମେତ ଏକାଧିକ କିନ୍ନର ମାନେ ଯୋଗଦେଇଥିଲେ ।

## ସନ୍ଦେହ ଘେରରେ କୋଇଡା ପଞ୍ଚାୟତର ଦୋକାନ ଗୃହ



କୋଇଡା (ମହାଭାରତ) : ସୁନ୍ଦରଗଡ଼ ଜିଲ୍ଲା କୋଇଡା ବ୍ଲକର କୋଇଡା ପଞ୍ଚାୟତର ବସ ଷ୍ଟାଣ୍ଡ ଓ ବ୍ଲକ ସମ୍ମୁଖରେ ହୋଇଥିବା ମାର୍କେଟ କମ୍ପ୍ଲେକ୍ସର ଦୋକାନ ଗୁଡିକ ହିତାଧିକାରୀଙ୍କୁ ଦିଆଯାଇଥିବା ବେଳେ କିଛି ଦୋକାନ ବର୍ଷ ବର୍ଷ ଧରି ବନ୍ଦ ପଡି ରହିଥିବା ବେଳେ ଅଧିକାଂଶ ଦୋକାନ ଯେଉଁ ହିତାଧିକାରୀ ମାନେ ନେଇଛନ୍ତି। ସେମାନେ ନ ଖୋଲି ଅନ୍ୟକୁ ମୋଟା ଅଙ୍କର ଟଙ୍କାରେ ମାସିକିଆ ଭଡା ଦେଇଛନ୍ତି । ସେମାନଙ୍କ ଠାରୁ ଅଧିକରୁ ଅଧିକ ଟଙ୍କା ସିକ୍ୟୁଟିଟି ମଧ୍ୟ ନିଆ ଯାଇଛି ।ଜଣେ ଜଣେ ହିତାଧିକାରୀଙ୍କୁ ଦୁଇ ଦୁଇଟା ଦୋକାନ ଗୃହ ଦିଆଯାଇଥିବା ମଧ୍ୟ ଦେଖିବାକୁ ମିଳିଛି। ଯେଉଁ ହିତାଧିକାରୀ ମାନେ ଦୋକାନ ନେଇ ବର୍ଷ ବର୍ଷ ଧରି ବନ୍ଦ କରି ରଖୁଛନ୍ତି ସେମାନଙ୍କ ଠାରୁ ପଞ୍ଚାୟତ ଦୋକାନ ସବୁ ନେଇ ଯେଉଁମାନେ ସବୁଦିନିଆ ଦୋକାନ ଖୋଲିବେ ସେମାନଙ୍କୁ ଦେବାକୁ ସାଧାରଣରେ ଦାବି ହେଉ ଥିବା ବେଳେ କୋଇଡା ସରପଞ୍ଚ ଓ କୋଇଡା ବିଡିଓ ଏହାକୁ ଗୁରୁତର ସହ ନେଇ ତୁରନ୍ତ ଏସବୁ ସମସ୍ୟାର ସମାଧାନ କରୁଛନ୍ତି କି ସବୁ ଦେଖି ନ ଦେଖିଲା ପରି ରହୁଛନ୍ତି ତାହା ଉପରେ ସମସ୍ତ ନଜର ।

## ଜୟପୁରରେ ସଫ୍ଟୱେର ଟେକ୍ନୋଲୋଜି ପାର୍କସ ଅଫ ଇଣ୍ଡିଆ କେନ୍ଦ୍ର ଉଦଘାଟିତ ୟ



କୋରାପୁଟ(ମହାଭାରତ): କୋରାପୁଟ ଜିଲ୍ଲାର ଜୟପୁର ସ୍ଥିତ ଉମୁରୀ ଠାରେ ସଫ୍ଟୱେର ଟେକ୍ନୋଲୋଜି ପାର୍କସ ଅଫ ଇଣ୍ଡିଆ କେନ୍ଦ୍ର ଉଦଘାଟିତ ହୋଇଯାଇଛି। କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଓଡ଼ିଶା ର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି,ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତିରେ ଉତ୍କର୍ଷ ଓଡ଼ିଶା। ମେକ୍ ଇନ ଓଡ଼ିଶା କନକ୍ଲେଭ ୨୦୨୫, ଜନତା ମୈଦାନ ଭୁବନେଶ୍ୱରରେ ଉଦଘଟାନ କରିଥିଲେ ।ଓଡ଼ିଶାରୁ ଉଦ୍ୟୋଗ ଓ ଆଇଟି ରପ୍ତାନୀକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ କୋରାପୁଟ ଜିଲ୍ଲାରେ ସଫ୍ଟୱେର ଟେକନୋଲୋଜି ପାର୍କସ ଓଫ ଇଣ୍ଡିଆ କେନ୍ଦ୍ର ସ୍ଥାପନ କରାଯାଇଛି। ଜୟପୁର ଠାରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଭି କୀର୍ତ୍ତି ୱାସନ୍,ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ଜୟପୁର ଉପ ଜିଲ୍ଲାପାଳ ଆକାଭରମ ଶସ୍ୟା ରେଡ୍ଡୀ,ଜୟପୁର ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଏସଟିପିଆଇର ମହାନିର୍ଦ୍ଦେଶକ ଅରବିନ୍ଦ କୁମାର,ଏସଟିପିଆଇର ନିର୍ଦ୍ଦେଶକ ସୂର୍ଯ୍ୟ କୁମାର ପଟ୍ଟନାୟକ,ଡେପ୍ୟୁଟି ଡାଇରେକ୍ଟର ସୁଶୀଲ ସେଠୀ, ଜୟପୂର ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀମତୀ ଯୋଶୋଦା ଗାଦବା ପ୍ରମୁଖ ଉପସ୍ଥିତ ଥିଲେ। ଏସଟିପିଆଇ କେନ୍ଦ୍ର ନିର୍ମାଣ ପାଇଁ ଓଡ଼ିଶା ସରକାର ୨.୮୦ ଏକର ଜମି ଆବଣ୍ଟନ କରିବା ସହ ସରକାରୀ ଅନୁଦାନ ପ୍ରଦାନ କରିଥିବା ଜଣାପଡ଼ିଛି ।ଡେପ୍ୟୁଟି ଡାଇରେକ୍ଟର ସୁଶୀଲ ସେଠୀ।

## ସିନ୍ଦ୍ରୀଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ

ବାଲିଗୁଡ଼ା(ମହାଭାରତ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ୍ ସିନ୍ଦ୍ରି ଗାଁ ପଞ୍ଚାୟତ ସରକାରୀ ଉଚ୍ଚବିଦ୍ୟାଳୟରେ ପାଳନ ହୋଇଯାଇଛି ବାର୍ଷିକ ଉତ୍ସବ। ଏହି କାର୍ଯ୍ୟକ୍ରମ ରେ ମୂଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ଜଗତର ନାଥ ଜଗତ୍ତାଥ ଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରଯାଇଥିଲା ପରେ ଅତିଥି ପରିଚୟ ହୋଇଥିଲା। ଉତ୍ସବରେ କୁନି କୁନି ଛାତ୍ର ଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ ଉତିର୍ତ୍ତ ହୋଇଥିବା ଛାତ୍ର ଛାତ୍ରୀଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା ।କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ବାଲିଗୁଡ଼ା ଥାନା ଅଧିକାରୀ ସମ୍ବିତ ସ୍ୱାଇଁ, ସମ୍ମାନିତ ଅତିଥି ବାଲିଗୁଡା ବ୍ଲକ ସାଂସଦ ପ୍ରତିନିଧି ରଞ୍ଜିତ କୁମାର ସାହୁ, ଏନ୍ ଏସି ସାଂସଦ ପ୍ରତିନିଧି ଆଦିକନ୍ଦ ପଟ୍ଟନାୟକ, ନଗର ବିଜେପି ସଭାପତି ମନୋଜ କୁମାର ରଥ, ବାଲିଗୁଡ଼ା ଥାନା ଏସ ଆଇ ଯୁଗଳ କିଶୋର ନାୟକ, ବିଦ୍ୟାଳୟ ସଭାପତି, ପ୍ରଧାନ ଶିକ୍ଷକ ହରିଶ୍ଚନ୍ଦ୍ର ପ୍ରଧାନ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରି ଛାତ୍ର ଛାତ୍ରୀ, ଅଭିଭାବକ ଯୋଗଦେଇ କାର୍ଯ୍ୟକ୍ରମକୁ ଆନନ୍ଦ ଓ ଉଲ୍ଲାସର ସହ ପାଳିତ ହୋଇଥିଲା।



# ଭାରତୀୟ ମତ୍ସ୍ୟଜୀବୀଙ୍କ ଉପରେ ଶ୍ରୀଲଙ୍କା ସେନାର ଗୁଳିମାଡ

**ନୂଆଦିଲ୍ଲୀ,୨୯।୧(ଏଜେନ୍ସି):** ମତ୍ସ୍ୟଜୀବୀଙ୍କ ପ୍ରସଙ୍ଗ ନେଇ ଶ୍ରୀଲଙ୍କା ଉପରେ ଅସନ୍ତୋଷ ପ୍ରକାଶ କଲା ଭାରତୟ ବୈଦେଶିକ ମନ୍ତ୍ରଣାଳୟର କହିବା ଅନୁସାରେ, ଶ୍ରୀଲଙ୍କା ନେସେନା ପକ୍ଷରୁ ଭାରତୀୟ ମତ୍ସ୍ୟଜୀବୀଙ୍କୁ ଧରିବା ପାଇଁ ହୋଇଥିବା ଗୁଳିକାଣ୍ଡ ମାମଲାରେ କଡ଼ା ବିରୋଧ କରାଯାଇଛି । ମନ୍ତ୍ରଣାଳୟର କହିବା ଅନୁସାରେ, ଡିଲଫ୍ଟ ଦ୍ୱୀପ ନିକଟରେ ଶ୍ରୀଲଙ୍କା ନେସେନାର ଫାୟାରିଂରେ ଦୁଇ ଭାରତୀୟ ମସ୍ଜୀବୀଙ୍କ ଜାଫନା ହସ୍ପିଟାଲରେ ଚିକିତ୍ସା ଚାଲିଛି । ଏନେଇ ବେଦେଶିକ ମନ୍ତ୍ରଣାଳୟ ଶ୍ରୀଲଙ୍କା ଦୂତାବାସ ଅଧିକାରୀଙ୍କୁ ଜବାବ ତଲବ କରିବା ସହ କଡା ବିରୋଧ ପ୍ରକାଶ କରିଛି । ବେଦେଶିକ ମନ୍ତ୍ରଣାଳୟ କହିଛି, ମଙ୍ଗଳବାର ସକାଳେ ଡିଲଫ୍ଟ ଦ୍ୱୀପ ନିକଟରେ ୧୩ ଭାରତୀୟ ମତ୍ସ୍ୟଜୀବୀଙ୍କୁ ଧରିବା ବେଳେ ଶ୍ରୀଲଙ୍କାର ନେସେନା ପକ୍ଷରୁ ଗୁଳିମାଡ ଘଟଣା ନେଇ ସୂଚନା ମିଳିଛି । ମାଛ ଧରାଯାଉଥିବା ଡଙ୍ଗାରେ ଥିବା ୧୩ ମସ୍ଜୀବୀଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ତାଙ୍କର ଜାଫନା ଟିଚିଂ ହସ୍ପିଟାଲରେ ଚିକିତ୍ସା ଚାଲିଛି । ତିନି ଅନ୍ୟ ମତ୍ସ୍ୟଜୀବୀଙ୍କୁ ସାମାନ୍ୟ ଆଘାତ ଲାଗିଛି । ତାଙ୍କର ମଧ ଚିକିତ୍ସା ଜାରି ରହିଛି । ଜାଫନାରେ ଭାରତୀୟ ବାଣିଜ୍ୟ ଦୂତାବାସର ଅଧିକାରୀ ଆହତ ମତ୍ସ୍ୟଜୀବୀଙ୍କୁ ହସ୍ପିଟାଲରେ ଭେଟିବା ଓ ତାଙ୍କର ହାଲଚାଲ ପଚାରି ବୁଝିଛନ୍ତି । ସେମାନେ ମତ୍ସ୍ୟଜୀବୀ ଓ ତାଙ୍କ ପରିବାରକୁ ସବୁ ପ୍ରକାର ସହାୟତା ପ୍ରଦାନ କରିଛନ୍ତି । ଏହା ପୂର୍ବରୁ ପୁଡୁଚେରୀ କେନ୍ଦ୍ର ଶାସିତ ରାଜ୍ୟର କରାଇକଲରୁ ଶ୍ରୀଲଙ୍କା ନେସେନା ଦ୍ୱୀପ ରାଷ୍ଟ୍ରର ଜଳକ୍ଷେତ୍ରରେ ପ୍ରବେଶ କରିବା ଅଭିଯୋଗରେ ୧୩ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି । ପୁଡୁଚେରୀ ସରକାରଙ୍କ ଶୀର୍ଷ ଅଧିକାରୀ କହିଛନ୍ତି, ସରକାର ମତ୍ସ୍ୟଜୀବୀ ଓ ତାଙ୍କର ବୋଟକୁ ଛଡାଇବା ପାଇଁ କେନ୍ଦ୍ର ସରକାର ହସ୍ତକ୍ଷେପ କରିବାର ଦାବିକରିବେ । ଗିରଫ ହୋଇଥିବା ମତ୍ସ୍ୟଜୀବୀଙ୍କ ନାଁ ଜାଣିବାକୁ ଚେଷ୍ଟା କରାଯାଉଛି ।

# ଆମେରିକାକୁ କ୍ଷତି ପହଞ୍ଚାଉଛନ୍ତି ଭାରତ-ଚୀନ୍

**ୱାଶିଂଟନ୍,୨୯।୧(ଏଜେନ୍ସି):** ଆମେରିକାର ସ୍ୱାର୍ଥକୁ ଗୁରୁତ୍ୱ ପ୍ରଦାନ କରି ଅନ୍ୟ ଦେଶ ଉପରେ ଶୁଳ୍କ ଲାଗୁ କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି । ଆମେରିକାର ସ୍ୱାର୍ଥକୁ କ୍ଷତି ପହଞ୍ଚାଉଥିବା ଦେଶ ମଧ୍ୟରେ ସେ ଚୀନ୍, ଭାରତ ଏବଂ ବ୍ରାଜିଲର ନାମ ନେଇଛନ୍ତି । ଫ୍ଲୋରିଡାସ୍ଥିତ ହାଉସ୍ ରିପବ୍ଲିକାନ୍ସଙ୍କ ଏକ କାର୍ଯ୍ୟକ୍ରମ ଅବସରରେ ଟ୍ରମ୍ପ ତାଙ୍କର 'ଆମେରିକା ପ୍ରଥମ' ଅର୍ଥନେତିକ ଏଜେଣ୍ଡା ଉପରେ ଗୁରୁତ୍ୱାରୋପ କରିଥିଲେ । ଟ୍ରମ୍ପ କହିଛନ୍ତି ଯେ, ଆମେ ଏପରି ଦେଶ ତଥା ସଂସ୍ଥା ଉପରେ ଶୁଳ୍କ ଲାଗୁ କରିବାକୁ ଯାଉଛୁ ଯାହା ଆମକୁ କ୍ଷତି ପହଞ୍ଚାଇବାକୁ ଚାହୁଁଛି । ସେମାନେ ଆମ ଖର୍ଚ୍ଚରେ ନିଜ ଦେଶକୁ ମଜବୁତ କରିବାକୁ ଚାହୁଁଛନ୍ତି, କିନ୍ତୁ ଆମେ ତାହା ଆଉ ହେବାକୁ ଦେବୁ ନାହିଁ । ଚୀନ୍, ଭାରତ ଏବଂ ବ୍ରାଜିଲ ଭଳି ଦେଶକୁ ଟ୍ରମ୍ପ ଟାର୍ଗେଟ କରି କହିଛନ୍ତି ଯେ, ସେମାନେ ଆମେରିକା ବିରୋଧରେ ଅନ୍ୟାୟରେ ଶୁଳ୍କ ଲଗାଇଛନ୍ତି । ସେ କହିଥିଲେ, ଅନ୍ୟମାନେ କଣ କରୁଛନ୍ତି ଦେଖନ୍ତୁ । ଚୀନ୍ ଏକ ଜବରଦସ୍ତ ଶୁଳ୍କ ନିର୍ମାତା ଏବଂ ଭାରତ ଏବଂ ବ୍ରାଜିଲ ତଥା



ଅନ୍ୟାନ୍ୟ ଦେଶ ମଧ୍ୟ ସେହିପରି କାର୍ଯ୍ୟ କରୁଛନ୍ତି । ସେଥିପାଇଁ ଆମେ ଏହା ଆଉ ଘଟିବାକୁ ଦେବୁ ନାହିଁ କାରଣ ଆମେ ଆମେରିକାକୁ ପ୍ରଥମ ସ୍ଥାନ ଦେବୁ । ସେ ଏକ ନ୍ୟାୟପୂର୍ଣ୍ଣ ବ୍ୟବସ୍ଥା ପ୍ରତିଷ୍ଠା ପାଇଁ ଯୋଜନା ବିଷୟରେ କହିଥିଲେ । ସେ କହିଛନ୍ତି ଯେ, ଏହା ଆମେରିକାର ଟ୍ରେଜେରୀକୁ ଟଙ୍କା ଆଣିବ ଏବଂ ଦେଶ ପୁଣି ଧନୀ ହେବ । ଏହା ଖୁବ ଶୀଘ୍ର ଘଟିବ ବୋଲି ଟ୍ରମ୍ପ କହିଛନ୍ତି । ଉଚ୍ଚ ଶୁଳ୍କରୁ ବଞ୍ଚିବା ପାଇଁ ଆମେରିକାରେ ଉତ୍ପାଦନ କାରଖାନା ସ୍ଥାପନ କରିବାକୁ ଆମେରିକାର ରାଷ୍ଟ୍ରପତିମାନେ ବଡ଼ ବଡ଼ କମ୍ପାନୀଙ୍କୁ ମଧ୍ୟ ଅନୁରୋଧ କରିଛନ୍ତି । ସେ କହିଛନ୍ତି ଯେ, ଯଦି ଆପଣ ଟିକସ କିମ୍ବା ଶୁଳ୍କ ଦେବା ବନ୍ଦ କରିବାକୁ ଚାହାନ୍ତି, ତେବେ ଆପଣଙ୍କୁ ଆମେରିକାରେ ଆପଣଙ୍କ ପ୍ଲାଣ୍ଟ ନିର୍ମାଣ କରିବାକୁ ପଡିବ । ଏହା ରେକର୍ଡ ସ୍ତରରେ ଘଟିବାକୁ ଯାଉଛି । ଆମେ ଆଗାମୀ ସ୍ୱଳ୍ପ ସମୟ ମଧ୍ୟରେ ଅଧିକ ପ୍ଲାଣ୍ଟ ନିର୍ମାଣ କରିବାକୁ ଯାଉଛୁ । ଏହି ପଦକ୍ଷେପକୁ ସମର୍ଥନ କରିବାକୁ ଟ୍ରମ୍ପ ଫାର୍ମାସ୍ୟୁଟିକାଲ୍ସ, ସେମିକଣ୍ଡକ୍ଟର ଏବଂ ଷ୍ଟିଲ ଭଳି ଜଟିଳ ଶିଳ୍ପରେ କାର୍ଯ୍ୟ କରୁଥିବା କମ୍ପାନୀଗୁଡିକୁ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଏହାପୂର୍ବରୁ ଟ୍ରମ୍ପ ଭାରତ ସମେତ ବ୍ରିକ୍ସ ବ୍ଲକରେ 'ଶତପ୍ରତିଶତ ଶୁଳ୍କ' ଲାଗୁ କରିବାକୁ ଇଙ୍ଗିତ କରିଥିଲେ, ଯାହାଫଳରେ ସେ ଉଦୀୟମାନ ଅର୍ଥନୀତିର ଗୋଷ୍ଠୀ ସହ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ।

# ଅଭିଯୁକ୍ତଙ୍କୁ ଅନଲାଇନରେ ନୋଟିସ୍ ପଠାଇ ପାରିବନି ପୁଲିସ

**ନୂଆଦିଲ୍ଲୀ,୨୯।୧(ଏଜେନ୍ସି):** ଅଭିଯୁକ୍ତଙ୍କୁ ଅନଲାଇନରେ ନୋଟିସ୍ ପଠାଇ ପାରିବନି ପୁଲିସ । ଦେଶର କୌଣସି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳର ପୁଲିସ ଅଭିଯୁକ୍ତଙ୍କୁ ହ୍ୱାଟ୍ସଆପ୍, ଇ-ମେଲ୍ କିମ୍ବା ଅନ୍ୟ ଇଲୋକ୍ଟ୍ରୋନିକ ମାଧ୍ୟମରେ ନୋଟିସ୍ ପଠାଇ ପାରିବ ନାହିଁ । କ୍ରିମିନାଲ ପ୍ରୋସିଜର କୋଡ୍ କିମ୍ବା ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଅଧୀନରେ ଏଭଳି କରିବାକୁ ପୁଲିସକୁ ଅନୁମତି ମିଳିନାହିଁ । ଜାନୁଆରୀ ୨୧ ତାରିଖରେ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ ଏମ୍ ଏମ୍ ସୁନ୍ଦରେଶ ଓ ଜଷ୍ଟିସ୍ ରାଜେଶ ବିନ୍ଦଲଙ୍କ ଖଣ୍ଡପୀଠ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସିଆରପିସି, ୧୯୭୩ର ଧାରା ୪୧ଏ କିମ୍ବା ବିଏନ୍ଏସ୍ଏସ୍, ୨୦୨୩ର ଧାରା ୩୫ ଅଧୀନରେ ଆଇନଗତ ନୋଟିସ୍ ପଠାଇବା ଲାଗି ଯେଉଁ ମାଧ୍ୟମକୁ ଅନୁମତି ମିଳିଛି ସେହି ମାଧ୍ୟମରେ ନୋଟିସ୍ ପଠାଇବାକୁ ପୁଲିସକୁ ଉଚିତ୍ ନିର୍ଦ୍ଦେଶ ଜାରି କରିବା କଥା କହିଛନ୍ତି । ଖଣ୍ଡପୀଠ ଆହୁରି କହିଛନ୍ତି ଯେ, ହ୍ୱାଟ୍ସ ଆପ୍ କିମ୍ବା ଅନ୍ୟ ଇଲୋକ୍ଟ୍ରୋନିକ ଉପକରଣ ଦ୍ୱାରା ନୋଟିସ୍କୁ ସିଆରପିସି, ୧୯୭୩ କିମ୍ବା ବିଏନ୍ଏସ୍ଏସ୍, ୨୦୨୩ର ଅଧୀନରେ ନିର୍ଦ୍ଧାରିତ ସେବା ଉପାୟର ବିକଳ୍ପ ଭାବେ ମାନ୍ୟତା ଦେଇହେବନାହିଁ । ବରିଷ୍ଠ ଓକିଲ ସିଦ୍ଧାର୍ଥ ଲୁଥ୍ରାଙ୍କ ଆବେଦନ ଉପରେ ଶୁଣାଣି କରି କୋର୍ଟ ଏହି ରାୟ ଦେଇଛନ୍ତି । ଲୁଥ୍ରା ଏମିତି ଏକ ମାମଲା ସଂପର୍କରେ ଦର୍ଶାଇଥିଲେ ଯେଉଁଥିରେ ଅଭିଯୁକ୍ତଙ୍କୁ ସିଆରପିସି ୧୯୭୩ର ଧାରା ୪୧-ଏ ଅନୁସାରେ ହ୍ୱାଟ୍ସ ଆପରେ ନୋଟିସ୍ ପଠାଯାଇଥିଲା । ସେ କିନ୍ତୁ ତଦନ୍ତକାରୀ ଅଧିକାରୀଙ୍କ ସାମ୍ନାରେ ହାଜର ହୋଇନଥିଲେ ।

# ବଢିଲା ମୁଇଜୁଙ୍କ ସଙ୍କଟ

**ମାଲେ,୨୯।୧(ଏଜେନ୍ସି):** ମାଳଦ୍ୱୀପର ରାଜନୀତି ପୁଣି ଥରେ ସରଗରମ ହେବାରେ ଲାଗିଛି । ଦେଶର ରାଷ୍ଟ୍ରପତି ମହମ୍ମଦ ମୁଇଜୁ ଏବଂ ସଂସଦ ବାଚସ୍ପତି ଅବଦୁଲ ରହିମ ଅବଦୁଲ୍ଲାଙ୍କ ମଧ୍ୟରେ ବିବାଦ ସାମ୍ନାକୁ ଆସିଛି । ମହମ୍ମଦ ମୁଇଜୁ ବାଚସ୍ପତି ଅବଦୁଲ ରହିମଙ୍କ ପୁଅ ଇବ୍ରାହିମ ଫେ ସଲଙ୍କୁ ପର୍ଯ୍ୟଟନ ମନ୍ତ୍ରୀ ପଦରୁ ବରଖାସ୍ତ କରିଛନ୍ତି । ମାଳଦ୍ୱୀପ ଗଣମାଧ୍ୟମ ଅଧାଧୁ ଏହି ବିଷୟରେ ସୂଚନା ଦେଇଛି । ମଙ୍ଗଳବାର ସକାଳେ ଫେସଲଙ୍କୁ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ବହିଷ୍କାର ଚିଠି ମିଳିଛି । ତାଙ୍କ ସ୍ଥାନରେ ଅର୍ଥନେ ତିକ ବ୍ୟାପାର ମନ୍ତ୍ରୀ ମହମ୍ମଦ ସୟିଦଙ୍କୁ ଅସ୍ଥାୟୀ ଭିତ୍ତିରେ ପର୍ଯ୍ୟଟନ ମନ୍ତ୍ରଣାଳୟର ଦାୟିତ୍ୱ ଦିଆଯାଇଛି । ତେବେ ଏହାକୁ ନେଇ ମୁଇଜୁଙ୍କ ସଙ୍କଟ ପୁଣି ବିଥିବା ରାଜନେତିକ ସମୀକ୍ଷକ ମତପୋଷଣ କରିଛନ୍ତି । ବାଚସ୍ପତି ହେବା ସହିତ ଅବଦୁଲ ରହିମ ମଧ୍ୟ ମୁଖ୍ୟ ଶାସକ ଦଳର ପିପୁଲ୍ସ ନ୍ୟାସନାଲ କଂଗ୍ରେସ (ପିଏନସି)ର ସଭାପତି ଦାୟିତ୍ୱରେ ଅଛନ୍ତି । ୧୭ ନଭେମ୍ବର ୨୦୨୩ରେ, ମୁଇଜୁ ବାଚସ୍ପତିଙ୍କ ପୁଅ ଫେସଲଙ୍କୁ ପ୍ରଥମ କ୍ୟାବିନେଟ ନିଯୁକ୍ତିରେ ଅନ୍ତର୍ଭୁକ୍ତ କରିଥିଲେ । ଫେସଲଙ୍କ ନିଯୁକ୍ତିକୁ ସେତେବେଳେ ସମାଲୋଚନା କରାଯାଇଥିଲା । ବିରୋଧୀ ଏହା ମୁଇଜୁଙ୍କ ବଂଶବାଦ ନୀତି ବୋଲି ଅଭିଯୋଗ କରିଥିଲେ । ତେବେ ସରକାର ଏହି ଅଭିଯୋଗ ଉପରେ କୌଣସି ପ୍ରତିକ୍ରିୟା ଦେଇ ନଥିଲେ । ପର୍ଯ୍ୟଟନ ମନ୍ତ୍ରୀ ହେବା ପାଇଁ ଫେସଲଙ୍କ ଯୋଗ୍ୟତା ଉପରେ ଅନେକ ଲୋକ ପ୍ରଶ୍ନ କରିଥିଲେ । ତାଙ୍କର ଇଂରାଜୀ ଭାଷା ଦୁର୍ବଳ ଯୋଗୁ ସେ ବହୁ ସମାଲୋଚନାର ସମ୍ମୁଖୀନ ହୋଇଥିଲେ । ପରେ ଫେସଲ ଏହାକୁ ସ୍ୱୀକାର କରି କହିଥିଲେ ଯେ, ସେ ତାଙ୍କ ଇଂରାଜୀ ଭାଷାରେ ଉନ୍ନତି ଆଣିବା ପାଇଁ ଜଣେ ପ୍ରଶିକ୍ଷକ ନିଯୁକ୍ତ କରିଛନ୍ତି । ସେ ଏହା ମଧ୍ୟ କହିଥିଲେ,ଇଂରାଜୀରେ ତାଙ୍କର ପାରଦର୍ଶିତା ଅଭାବ ସହିତ ତାଙ୍କ କାର୍ଯ୍ୟ କରିବାର କ୍ଷମତାର କେଣସି ସମ୍ପର୍କ ନାହିଁ । ଗଣମାଧ୍ୟମ ଅଧାଧୁ ଏହା ପୂର୍ବରୁ ମଧ କହିଥିଲା ଯେ, ମୁଇଜୁ ଏବଂ ଅବଦୁଲ ରହିମଙ୍କ ମଧ୍ୟରେ ସମ୍ପର୍କ ବିଗିଡି ଯାଉଛି । ୨୦୨୪ମସିହାରେ ମଧ ଏହିପରି ଗୁଜବ ପ୍ରଚାର କରାଯାଇଥିଲା, କିନ୍ତୁ ସେତେବେଳେ ଅବଦୁଲ ରହିମ ଏହାକୁ ଅସ୍ୱୀକାର କରିଥିଲେ । ସେତେବେଳେ ଖବର ଆସିଥିଲା ଯେଉଁଥିରେ କୁହାଯାଇଥିଲା ଯେ, ଅବଦୁଲ ରହିମ ୨୦୨୮ ମସିହାରେ ରାଷ୍ଟ୍ରପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯୋଜନା କରୁଛନ୍ତି । ମାଳଦ୍ୱୀପର ସରକାରୀ ଗଣମାଧ୍ୟମର ଏହି ରିପୋର୍ଟକୁ ସେ ଅସ୍ୱୀକାର କରିଥିଲେ । ଅବଦୁଲ ରହିମଙ୍କୁ ପୂର୍ବରୁ ରାଷ୍ଟ୍ରପତି ମୁଇଜୁଙ୍କ ସବୁଠାରୁ ଶକ୍ତିଶାଳୀ ସହାୟକ ଭାବରେ ଦେଖାଯାଉଥିଲା । ତାଙ୍କୁ ପ୍ରଥମେ ରାଷ୍ଟ୍ରପତି ମୁଇଜୁଙ୍କ ସ୍ୱତନ୍ତ୍ର ପରାମର୍ଶଦାତା ଭାବରେ ନିଯୁକ୍ତ କରାଯାଇଥିଲା । ପରେ ୨୦୨୪ ସଂସଦୀୟ ନିର୍ବାଚନରେ ସଫଳତାର ସହ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ସେ ନିଜ ପଦରୁ ଇସ୍ତଫା ଦେଇଥିଲେ । ସଂସଦୀୟ ନିର୍ବାଚନରେ ପିଏନସି ଜିତିଥିଲା । ପରେ ସେ ସଂସଦର ବାଚସ୍ପତି ଭାବରେ ନିର୍ବାଚିତ ହୋଇଥିଲେ ।

# ଭାରତର ଫାଇଟର୍ ଜେଟକୁ ନେଇ ଚିନ୍ତାରେ ଚୀନ୍, ଆମେରିକା

**ନୂଆଦିଲ୍ଲୀ,୨୯।୧(ଏଜେନ୍ସି):** ମହାଶକ୍ତି ତାଲିକାରେ ୪ନମ୍ବରରେ ଥିବା ଭାରତ ଲଗାତାର ତାର ପ୍ରତିରକ୍ଷା କ୍ଷମତାକୁ ବଢାଇବାରେ ଲାଗିଛି । ଭାରତ ତାର ଡିଫେନ୍ସ ସିଷ୍ଟମକୁ ମଜବୁତ କରୁଛି । ଏଥିପାଇଁ ସେନାରେ ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର ସାମିଲ କରୁଛି । ସବୁଠୁ ବଡକଥା ହେଉଛି ଭାରତ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ପାଇଁ ଆଉ ଅନ୍ୟ ଉପରେ ନିର୍ଭର ହୋଇ ରହୁନାହିଁ । ସ୍ୱଦେଶୀ ଅସ୍ତ୍ରଶସ୍ତ୍ରକୁ ପ୍ରାଧାନ୍ୟ ଦେଉଛି ଭାରତ । ଏହି କ୍ରମରେ ଭାରତ ଏପରି ଏକ ଫାଇଟର୍ ଜେଟ୍ ତିଆରି କରିଛି, ଯାହାକୁ ନେଇ ଶତ୍ରୁ ରାଷ୍ଟ୍ର ପାକିସ୍ତାନ ଓ ଚୀନ୍ ଭୟଭୀତ ହୋଇଉଠିଛନ୍ତି । ଭାରତକୁ ନେଇ ଚୀନ୍ ପାକିସ୍ତାନ ତ ସବୁବେଳେ ଭୟରେ ରହିଆସିଛନ୍ତି କିନ୍ତୁ



ଏବେ ଆମେରିକାରବି ଟେନସନ ବଢିଯାଇଛି । ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଆମେରିକାକୁ ପଛରେ ପକାଇନଦେଉ, ସେଥିପାଇଁ ବିଶ୍ୱର ସୁପର ପାୱାର ଆମେରିକା ଟେନସନରେ ଅଛି । ତେଜସ୍ ଏମ.କେ ୱାନ୍-ଏ ଫାଇଟର ଜେଟ୍ ପାଇଁ ଆମେରିକାରୁ ଆସିଥାନ୍ତା ଏଫ୍.୪୦୪ ଇଞ୍ଜିନ୍ । ଏଥିପାଇଁ ଆମେରିକା ସହ ଭାରତର ଡିଲ୍ ହୋଇଥିଲା । ୨୦୨୪ ମାର୍ଚ୍ଚ ମାସ ସୁଦ୍ଧା ୬ଟି ଇଞ୍ଜିନର ଡେଲିବରୀ ହେବାର ଥିଲା । କିନ୍ତୁ ଆମେରାକୀୟ ଫର୍ମ ଜି.ଇ ଏରୋସ୍ପେସ୍ ଏବେ ସୁଦ୍ଧା ଗୋଟିଏ ବି ଇଞ୍ଜିନ୍ ଡେଲିବରୀ କରିପାରିନି । ତାରିଖ ଉପରେ ତାରିଖ ଘୁଞ୍ଚାଇ ଚାଲିଛି ଆମେରିକା । ୨୦୨୪ ମାର୍ଚ୍ଚ ମାସରେ ଆସିବାକୁ ଥିବା ଇଞ୍ଜିନ୍ ଚଳିତ ବର୍ଷ ମାର୍ଚ୍ଚ ମାସରେ ଭାରତକୁ ପ୍ରଦାନ କରାଯିବ ବୋଲି ଆମେରିକା ତାରିକ ଧାର୍ଯ୍ୟ କରିଛି । କିନ୍ତୁ ହିନ୍ଦୁସ୍ତାନ୍ ଏରୋନେଟିକ୍ସ ଲିମିଟେଡ୍ (ହାଲ୍) ତେଜସ୍ ଏମ.କେ-ୱାନ୍-ଏକୁ ସ୍ୱଦେଶୀ ଇଞ୍ଜିନ୍ ସହ ମୈଦାନକୁ ଓହ୍ଲାଇବାକୁ ଯାଉଛି । ଆମେରିକା ଉପରେ ନିର୍ଭର କରି ରହିବାକୁ ଚାହୁଁନି ଭାରତ ।

# 'ଗୁଜବ ଉପରେ ବିଶ୍ୱାସ କରନ୍ତୁନି'

**ନୂଆଦିଲ୍ଲୀ,୨୯।୧(ଏଜେନ୍ସି):** ମହାକୁମ୍ଭମେଳାରେ ଦଳାଚକଟା ପରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ପରାମର୍ଶ । ଗୁଜବ ଉପରେ ବିଶ୍ୱାସ ନକରିବାକୁ କହିଲେ ୟୁପି ମୁଖ୍ୟମନ୍ତ୍ରୀୟ ଦଳାଚକଟା ସ୍ଥିତି ପରେ ଏବେ ସ୍ଥିତି ସ୍ୱାଭାବିକ ରହିଛି । ଦିନ ତମାମ ମୌନି ଅମାବାସ୍ୟା ବୁଡ଼ ପକାଇବାର ଶୁଭ ମୁହୂର୍ତ୍ତ ରହିଛି । ଅଜଥାରେ ଗହଳି ନକରିବାକୁ ପରାମର୍ଶ ଦେଇଛନ୍ତି ଯୋଗୀ । ସାହିସ୍ନାନ ବେଳେ ଦଳାଚକଟାରେ ୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ସଙ୍ଗମ ସ୍ଥଳରେ ହୋଇଥିବା ଦଳାଚକଟାରେ ଆହତଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଉଛି । ଭିଡ଼ କମିବା ପରେ ପୁଣି ଥରେ ସାହି ସ୍ନାନ ଆରମ୍ଭ ହୋଇଛି । ବର୍ତ୍ତମାନ ସୁଦ୍ଧା ୩ କୋଟିରୁ ଅଧିକ ଶ୍ରଦ୍ଧାଳୁ ବୁଡ଼ ପକାଇ ସାରିଲେଣି । ଆଜି ମୌନୀ ଅମାବାସ୍ୟା ପାଇଁ ପ୍ରୟାଗରାଜରେ ୧୦ କୋଟିରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ଆଶା କରାଯାଇଥିଲା । ଭୋର ୪ଟାରୁ ଅମୃତ ସ୍ନାନ ଆରମ୍ଭ ହୋଇଥିଲା । ଏହା ପୂର୍ବରୁ ବୁଡ଼ ପକାଇବା ପାଇଁ ଶ୍ରଦ୍ଧାଳୁମାନେ ଏକାଠି ହୋଇଥିଲେ ।ଏହି ସମୟରେ ବ୍ୟାରିକେଡ୍ ଭାଙ୍ଗିଯିବାରୁ ଦଳାଚକଟା ହୋଇଥିଲା ।

# ଆସିବ ସିଲିକନ-କାର୍ବନ ବ୍ୟାଟେରି ଥିବା ସ୍ମାର୍ଟଫୋନ୍

**ନୂଆଦିଲ୍ଲୀ,୨୯।୧(ଏଜେନ୍ସି):** ସ୍ମାର୍ଟଫୋନ ଦୁନିଆରେ ୨୦୨୫ ଏକ ବଡ ପରିବର୍ତ୍ତନ ଆଣିଛି । ବିଶେଷ କରି ବ୍ୟାଟେରୀ କ୍ଷେତ୍ରରେୟ ବର୍ତ୍ତମାନ ପାରମ୍ପରିକ ଲିଥିୟମ୍-ଆୟନ ବ୍ୟାଟେରୀର ଯୁଗ ଶେଷ ହେବାକୁ ଯାଉଛି ଏବଂ ଏହାର ସ୍ଥାନରେ ନୂତନ ସିଲିକନ୍-କାର୍ବନ (ଏସ୍ଆଇସି) ବ୍ୟାଟେରୀ ଲଗାଯିବ । ଏହି ବ୍ୟାଟେରୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହା ବହୁତ ବଡ ନୁହେଁ ବରଂ ଏହା ଅଧିକ ଶକ୍ତିଶାଳୀ ଅଟେ । ଏହା ସାଧାରଣ ବ୍ୟାଟେରୀ ତୁଳନାରେ ୧୨.୮% ଅଧିକ କ୍ଷମତା ଦେଇଥାଏ । ଆସନ୍ତୁ ଜାଣିବା ସେହି ସ୍ମାର୍ଟଫୋନ ବିଷୟରେ । ସିଲିକନ୍-କାର୍ବନ ଏକ ନୂତନ ପ୍ରକାରର ବ୍ୟାଟେରୀ ଯାହା ପାରମ୍ପରିକ ଲିଥିୟମ ଆୟନ ପରିବର୍ତ୍ତେ ସିଲିକନ୍ ଏବଂ କାର୍ବନ ବ୍ୟବହାର କରେ ଏହି ବ୍ୟାଟେରୀ କୁ ଲଗାଇବା ଦ୍ୱାରା ଫୋନରେ ଅଧିକ ସ୍ପେସ୍ କିମ୍ବା ଅଧିକ ପାୱାର ମିଳିବ । ସରଳ ଭାଷାରେ କହିବାକୁ ଗଲେ ପାରମ୍ପରିକ ବ୍ୟାଟେରୀ ତୁଳନାରେ ଆପଣଙ୍କୁ ୧୨.୮ ପ୍ରତିଶତ ଅତିରିକ୍ତ ଶକ୍ତି ମିଳିବ । ଯଦି କୌଣସି ଫୋନରେ ୪୦୦୦ ଏମଏଏଚ ଲି-ଆୟନ ବ୍ୟାଟେରୀ ଥାଏ ଏବଂ ଏହାକୁ ସିଲିକନ-କାର୍ବନ କାର୍ବନ ବ୍ୟାଟେରୀ ରେ ପରିବର୍ତ୍ତିତ କରାଯାଏ ତେବେ ସମୁଦାୟ ପାୱାର ୪୫୧୨ ଏମଏଏଚ ହେବ । ଏବେ ପୋକୋ ଏକ୍ସ୭ ପ୍ରୋ, ୱାନପ୍ଲସ ୧୩ ସିରିଜ, ଭିଭୋ ଏକ୍ସ୨୦୦ ସିରିଜ ସ୍ମାର୍ଟଫୋନରେ ଏହି ଧରଣର ବ୍ୟାଟେରି ଆସୁଛି ।

# ମୁଖ୍ୟମନ୍ତ୍ରୀ ଆତିଶୀଙ୍କୁ ଆଶ୍ୱସ୍ତି



**ନୂଆଦିଲ୍ଲୀ,୨୯।୧(ଏଜେନ୍ସି):** ଦିଲ୍ଲୀ ନିର୍ବାଚନ ଭିତରେ ବିଜେପି ନେତା ପ୍ରବୀଣ ଶଙ୍କର କପୁରଙ୍କ ପକ୍ଷରୁ ଦାଖଲ ମାନହାନୀ ମାମଲାରେ ମୁଖ୍ୟମନ୍ତ୍ରୀ ଆତିଶୀଙ୍କୁ ଏକ ବଡ଼ ଆଶ୍ୱସ୍ତି ମିଳିଛି । ରାଉଜ୍ ଆଭେନ୍ୟୁ କୋର୍ଟ ସେସନ୍ସ କୋର୍ଟ ମାନହାନୀ ମାମଲାରେ ଅତିରିକ୍ତ ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଦିଆଯାଇଥିବା ସମନ ଆଦେଶକୁ ରଦ୍ଦ କରିଛନ୍ତି । ତେବେ ତଥାପି, ଏହି ମାନହାନି ମାମଲା ଜାରି ରହିବ । ସିଏମ୍ ଆତିଶୀ ସମନକୁ ଚ୍ୟାଲେଞ୍ଜ କରି ରାଉଜ୍ ଆଭେନ୍ୟୁ କୋର୍ଟରେ ଏକ ପୁନର୍ବିଚାର ଆବେଦନ ଦାଖଲ କରିଥିଲେ, ଯାହା ଉପରେ ନିଷ୍ପତ୍ତି ସଂରକ୍ଷିତ ରଖାଯାଇଥିଲା । ୨୮ ଜାନୁଆରୀ ରାଉଜ୍ ଆଭେନ୍ୟୁ କୋର୍ଟ ସେସନ୍ସ କୋର୍ଟ ମାନହାନୀ ମାମଲାରେ ଅତିରିକ୍ତ ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଦିଆଯାଇଥିବା ସମନ ଆଦେଶକୁ ବାତିଲ କରିଛନ୍ତି । ତେବେ ମାନହାନୀ ମାମଲାରେ ଜାରି ହୋଇଥିବା ସମନ ବିରୋଧରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନକୁ କୋର୍ଟ ଗ୍ରହଣ କରିଛନ୍ତି । କୋର୍ଟ କହିଛନ୍ତି ଯେ, ଯଦି ପ୍ରବୀଣ ଶଙ୍କର କପୁରଙ୍କ ଯୁକ୍ତିକୁ ଗ୍ରହଣ କରାଯାଏ, ତେବେ ଏହା ଭାରତର ପ୍ରାୟ ପ୍ରତ୍ୟେକ ରାଜନୈତିକ ଦଳର ନେତାଙ୍କ ବିରୁଦ୍ଧରେ ପ୍ରତି ସପ୍ତାହରେ ମାନହାନି ମାମଲା ରୁଜୁ କରିବାର ଏକ ଆଧାର ହୋଇଯିବ । ବିଜେପି ନେତା ପ୍ରବୀଣ ଶଙ୍କର କପୁର ଅଭିଯୋଗ କରିଛନ୍ତି ଯେ, ଆତିଶୀଙ୍କ ବୟାନ ତାଙ୍କୁ ଏବଂ ତାଙ୍କ ଦଳର ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଇଛି । ଆତିଶୀ କହିଥିଲେ ଯେ ବିଜେପି ଆମ ଆଦମୀ ପାର୍ଟି ବିଧାୟକ ମାନଙ୍କୁ ଘୋଡା ବେପାର କରିବାରେ ବ୍ୟସ୍ତ । ଆତିଶୀ ଦାବି କରିଥିଲେ ଯେ ବିଜେପି ତାଙ୍କର ଜଣେ ନିକଟତର ସହଯୋଗୀଙ୍କ ମାଧ୍ୟମରେ ତାଙ୍କ ସହିତ ଯୋଗାଯୋଗ କରିଥିଲା ଏବଂ ତାଙ୍କୁ ସେମାନଙ୍କ ଦଳରେ ଯୋଗଦେବାକୁ ଅନୁରୋଧ କରିଥିଲା । ସେ ଏହା ମଧ୍ୟ କହିଥିଲେ ଯେ ଯଦି ସେ ଏପରି ନ କରନ୍ତି, ତେବେ ତାଙ୍କୁ ଗୋଟିଏ ମାସ ମଧ୍ୟରେ ଇଡି ଦ୍ୱାରା ଗିରଫ କରାଯିବ ।

# ଅଡୁଆରେ ଇନଫୋସିସ୍ ସହ ପ୍ରତିଷ୍ଠାତା

**ବେଙ୍ଗାଲୁରୁ,୨୯।୧(ଏଜେନ୍ସି):** ଇନଫୋସିସ୍ ସହ ପ୍ରତିଷ୍ଠାତା ସେନାପତି କ୍ରିସ୍ ଗୋପାଳକ୍ରିଷ୍ଣନଙ୍କ ନାମରେ ମାମଲା ରୁଜୁ ହୋଇଛି । ଜଣେ କର୍ମଚାରୀଙ୍କୁ ଚାକିରିରୁ ବାହାର କରିଦେବା ପରେ ଅଡୁଆରେ ପଡିଛନ୍ତି ଇନଫୋସିସ୍ ସହ ପ୍ରତିଷ୍ଠାତା । ଜଣେ ଆଦିବାସୀ ଅଭିଯୋଗକାରୀ ଗମ୍ଭୀର ଅଭିଯୋଗ ଆଣିବା ପରେ କର୍ଣ୍ଣାଟକର ସଦାଶିବ ନଗର ପୋଲିସ ଷ୍ଟେସନରେ ମାମଲା ଦାୟର ହୋଇଛି । ୭୧ତମ ସିଭିଲ ଓ ସେସନ କୋର୍ଟଙ୍କ ନିର୍ଦ୍ଦେଶ ପରେ ମାମଲା ରୁଜୁ ହୋଇଛି । କ୍ରିସ୍ ଗୋପାଳକ୍ରିଷ୍ଣନ ଓ ପୂର୍ବ ଆଇଆଇଏସ ନିର୍ଦ୍ଦେଶକ ବଳରାମଙ୍କ ସମେତ ୧୮ ଜଣଙ୍କ ନାମରେ ଏସସି/ଏସଟି ନିବାରଣ ଅଧିନିୟମରେ ମାମଲା ରୁଜୁ ହୋଇଛି । ଏହି ମାମଲାରେ ଆଇଆଇଏସ



ପ୍ରଶାସନ କିମ୍ବା ଗୋପାଳକ୍ରିଷ୍ଣାନଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ । କଣ ପୂରା ମାମଲା- ଅଭିଯୋଗକାରୀ ଦୁର୍ଗପ୍ପା ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ସାଇନ୍ସର(ଆଇଆଇଏସ) ସେଣ୍ଟର ଅଫ୍ ସଷ୍ଟେନେବୁଲ ଟେକ୍ନୋଲୋଜିରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ । ୨୦୧୪ରେ ହନି ଟ୍ରାପ ମାମଲାରେ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା । ହନି ଟ୍ରାପ ମାମଲାରେ ତାଙ୍କୁ ଫସାଇ ଦିଆଯାଇଥିବା କହିଥିଲେ ଅଭିଯୋଗକାରୀ । ଦୁର୍ଗପ୍ପାଙ୍କୁ ଜାତିସୂଚିତ ଶବ୍ଦ ବ୍ୟବହାର କରି ତାଙ୍କୁ ଅପମାନ ଦିଆଯାଇଥିବା ସହ ଧମକା ଯାଇଥିବା ଅଭିଯୋଗ କରିଛନ୍ତି ଦୁର୍ଗପ୍ପା । ଅଭିଯୋଗରେ ନ୍ୟାୟ ଦାବି କରିଛନ୍ତି ଅଭିଯୋଗକାରୀ । ଦୁର୍ଗପ୍ପା ଆଦିବାସୀ ବୋଭି ସମ୍ପ୍ରଦାୟର । କ୍ରିସ୍ ଗୋପାଳକ୍ରିଷ୍ଣନ୍ ୨୦୦୭ରୁ ୨୦୧୧ ଯାଏ ଇନଫୋସିସ୍ କମ୍ପାନୀର ସିଇଓ ଓ ଏମଡି ଥିଲେ । ୨୦୧୧ରେ ଭାରତ ସରକାରଙ୍କ ଦ୍ୱାରା ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ପଦ୍ମଭୂଷଣରେ ସମ୍ମାନିତ କରାଯାଇଥିଲା ।

# ଟେକନଲୋଜୀ ନକଲ କରି ଡିପସିକ୍ ଏଆଇ ତିଆରି କରିଛି ଚୀନ୍ : ମସ୍କ

**ନ୍ୟୁୟର୍କ,୨୯।୧(ଏଜେନ୍ସି):** ଶସ୍ତା ଏଆଇ ଆର-୧ ଆଣି ବିଶ୍ୱର ବଡ଼ ଟେକନୋଲୋଜି କମ୍ପାନୀ ମାଇକ୍ରୋସଫ୍ଟ, ଗୁଗୁଲ, ମେଟା, ଏନଭିଡିଆ ଏବଂ ଓପନ ଏଆଇର ମୁଣ୍ଡ ବ୍ୟଥା ବଢାଇଥିବା ଚାଇନାଷ୍ଟାର୍ଟଅପ୍ ଡିପସିକର ଦାବିକୁ ନେଇ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି । ଏପରିକି ଦୀପସିକ ବିରୋଧରେ ଟେକନଲୋଜୀ ଠକେଇ ଅଭିଯୋଗ ଆସୁଛି । କମ୍ ଖର୍ଚ୍ଚରେ ଓପନ୍ ସୋର୍ସ ଏଆଇ ଯୋଗାଇଦେବା ଦାବି ଏଆଇ କମ୍ୟୁନିଟିରେ ବିବାଦ ପାଲଟିଛି । ଟେସ୍ଲାର ସିଇଓ ଏଲନ୍ ମସ୍କ ମଧ ଏହି ବିବାଦରେ ଡେଇଁ ପଡ଼ିଛନ୍ତି । ସେ ଏକ୍ସରେ ପୋଷ୍ଟ କରିଛନ୍ତି ଯେ ଦୀପସିକ ସମ୍ଭବତଃ ଏହାର ଏଆଇରେ ୫୦,୦୦୦ ଏନଭିଡିଆ ହପର ଜିପିୟୁ ବ୍ୟବହାର କରିଛି । ୧୦,୦ ଏ୧୦୦ଏସ୍ ଜିପିୟୁ ବ୍ୟବହାର କରିବା ନେଇ ଦୀପସିକ କରିଥିବା ଦାବି ବିରୋଧରେ ଏହା ହୋଇଛି । ସ୍କେଲ ଏଆଇର କୋଟିପତି ସିଇଓ ଆଲେକଜାଣ୍ଡର ୱାଙ୍ଗ ମଧ ଦାବି କରିଛନ୍ତି ଯେ ଦୀପସିକର ଏଆଇ ତିଆରି କରିବାରେ ଏନଭିଡିଆ ଏଚ୧୦୦ ଜିପିୟୁ ଟେକ୍ନୋଲୋଜି ନିଶ୍ଚିତ ଭାବରେ ବ୍ୟବହୃତ ହୋଇଛି । ଦୀପସିକ ବିରୋଧରେ ଆଲେକଜାଣ୍ଡର ୱାଙ୍ଗଙ୍କ ସମାନ ଅଭିଯୋଗକୁ ସମର୍ଥନ କରି ଏଲନ୍ ମସ୍କ ମଧ ଏକ୍ସଙ୍କ ଉପରେ ନିଜର ମତାମତ ପୋଷ୍ଟ କରିଛନ୍ତି । ଏଆଇ ବିଶ୍ଳେଷକ କ୍ଷେସି ରାସ୍କନ କହିଛନ୍ତି ଯେ ଡିପସିକ ପାଞ୍ଚ ନିୟୁତ ଡଲାରରୁ କମ୍ ମୂଲ୍ୟରେ ଓପନ ଏଆଇ ତିଆରି କରିପାରିବ ନାହିଁ । ରସଗନ କହିଛନ୍ତି ଯେ ସେ ଏହି ରିଜନିଂ ମଡେଲକୁ ୫ ନିୟୁତ ଡଲାରରୁ କମ୍ ମୂଲ୍ୟରେ ଟ୍ରେନ କରିପାରିବ ନାହିଁ ।

# ବର୍ଷକରେ ବିଜେପିର ଖର୍ଚ୍ଚ ୧୭୫୪ କୋଟି

**ନୂଆଦିଲ୍ଲୀ,୨୯।୧(ଏଜେନ୍ସି):** ବିଜେପି ପାଖରେ ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ସର୍ବାଧିକ ୭,୧୧୩.୮୦ କୋଟି ଟଙ୍କା ଥିଲା । ଯାହା ଦ୍ୱାରା ଏହା ଦେଶର ସବୁଠୁ ଧନୀ ରାଜନୈତିକ ଦଳ ବିବେଚିତ ହୋଇଛି । ସର୍ବପୁରାତନ ଦଳ କଂଗ୍ରେସ ପାଖରେ ୮୫୭.୧୫ କୋଟି ଟଙ୍କା ରହିଥିଲା । ସେହିଭଳି ବିଜେପି ୨୦୨୩-୨୪ରେ ସର୍ବାଧିକ ୧,୭୫୪.୦୬ କୋଟି ଟଙ୍କା ଖର୍ଚ୍ଚ କରିଛି, ଯାହା କି ୨୦୨୨-୨୩ର ୧,୦୯୨ କୋଟି ତୁଳନାରେ ୬୦% ଅଧିକ । କଂଗ୍ରେସ ୨୦୨୩-୨୪ରେ ୬୧୯.୬୭ କୋଟି ଟଙ୍କା ଖର୍ଚ୍ଚ କରିଥିଲା । ଦଳ ୨୦୨୨-୨୩ରେ ୧୯୨.୫୬ କୋଟି ଟଙ୍କା ବ୍ୟୟ କରିଥିଲା । ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ମଙ୍ଗଳବାର ଜାରି ହୋଇଥିବା ବାର୍ଷିକ ଅଡିଟ୍ ରିପୋର୍ଟରୁ ଏହା ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ, ୨୦୨୪ ମାର୍ଚ୍ଚ ୧୬ରେ ଲୋକସଭା ନିର୍ବାଚନ ତାରିଖ ଘୋଷଣା ହୋଇଥିଲା । ଇସି ରିପୋର୍ଟ ଦର୍ଶାଇଛି ଯେ ୨୦୨୩- ୨୪ରେ ନିର୍ବାଚନୀ ବଣ୍ଡ ଜରିଆରେ ବିଜେପି ୧,୬୮୫.୬୯ କୋଟି ଟଙ୍କାର ସ୍ୱେଚ୍ଛାକୃତ ପାଣ୍ଠି ଗ୍ରହଣ କରିଥିଲା, ଯାହା ପୂର୍ବ ବର୍ଷ ୧,୨୯୪.୧୫ କୋଟି ଟଙ୍କା ଥିଲା । ଏହାବ୍ୟତୀତ ଶାସକ ଦଳ ୨୦୨୩- ୨୪ରେ ଅନ୍ୟାନ୍ୟ ଚାନ୍ଦାରୁ ୨,୦୪୨.୭୫ କୋଟି ଟଙ୍କା ପାଇଥିଲା ଯ ୨୦୨୨-୨୩ରେ ଏହା ୬୪୮.୪୨ କୋଟି ଟଙ୍କା ଥିଲା । ଅନ୍ୟପକ୍ଷରେ କଂଗ୍ରେସ ୨୦୨୩- ୨୪ରେ ମୋଟ ୧,୨୨୫.୧୧ କୋଟି ଟଙ୍କା ଗ୍ରହଣ କରିଥିବା ଇସି ନିଜ ରିପୋର୍ଟରେ ଦର୍ଶାଇଛନ୍ତି । ଏଥିରେ ୧,୧୨୯.୬୭ କୋଟି ଟଙ୍କାର ଗ୍ରାଣ୍ଟ, ଡୋନେସନ ଓ କଣ୍ଟ୍ରିବ୍ୟୁସନ ଅନ୍ତର୍ଭୁକ୍ତ । ବର୍ଷକରେ ବିଜେପିର ଖର୍ଚ୍ଚ ୧୭୫୪ କୋଟି ୨୦୨୪ ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ବର୍ଷରେ କଂଗ୍ରେସ ନିର୍ବାଚନୀ ବଣ୍ଡ ଜରିଆରେ ୮୨୩.୩୬ କୋଟି ଟଙ୍କା ପାଇଥିଲା । ୨୦୨୩-୨୪ରେ ବିଜେପି ବିଜ୍ଞାପନରେ ମୋଟ ୫୯୧ କୋଟି ଟଙ୍କା ଖର୍ଚ୍ଚ କରିଥିଲା । ଏଥିରୁ ବୈଦ୍ୟୁତିକ ଗଣମାଧ୍ୟମରେ ୪୩୪.୮୪ କୋଟି ଓ ଛାପା ଗଣମାଧ୍ୟମରେ ୧୧୫.୬୨ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଏହାଛଡ଼ା ଶାସକ ଦଳ ୨୦୨୩-୨୪ରେ ବିମାନ/ହେଲିକପ୍ଟରରେ ୧୭୪ କୋଟି ଟଙ୍କା ଖର୍ଚ୍ଚ କରିଛି, ଯାହା ୨୦୨୨-୨୩ରେ ୭୮.୨୩ କୋଟି ଟଙ୍କା ରହିଥିଲା ।

# ଶ୍ରୀଲଙ୍କାକୁ ଭାରତର ତାଗିଦ

**ନୂଆଦିଲ୍ଲୀ,୨୯।୧(ଏଜେନ୍ସି):** ଡେଲଫ ଦ୍ୱୀପ ନିକଟରେ ଶ୍ରୀଲଙ୍କା ନୌସେନାର ଗୁଳିମାଡ଼ରେ ୫ ଜଣ ଭାରତୀୟ ମତ୍ସ୍ୟଜୀବୀ ଆହତ ହୋଇଛନ୍ତି । ୫ ଜଣଙ୍କ ମଧ୍ୟରୁ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ଶ୍ରୀଲଙ୍କା ନୌସେନାର ଗୁଳିମାଡ଼ ପରେ ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଶ୍ରୀଲଙ୍କା ହାଇ କମିଶନରଙ୍କୁ ସମନ କରିଛି ଭାରତ । ଡେଲଫ୍ଟ ଦ୍ୱୀପ ନିକଟରେ ୧୩ ଜଣ ଭାରତୀୟ ମତ୍ସ୍ୟଜୀବୀଙ୍କୁ ଧରିବା ବେଳେ ଶ୍ରୀଲଙ୍କା ନୌସେନା ଗୁଳି ଚଳାଇଥିବା ସୂଚନା ମିଳିଥିଲା । ଏଥିରେ ଥିବା ୧୩ ଜଣଙ୍କ ମଧ୍ୟରୁ ୨ ଜଣ ଗୁରୁତର ଆହତ ହୋଇଥିବା ବେଳେ ମତ୍ସ୍ୟଜୀବୀମାନେ ଜାଫନା ଟିଚିଂ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଏହାବ୍ୟତୀତ ଅନ୍ୟ ୩ ଜଣ ମତ୍ସ୍ୟଜୀବୀ ମଧ ସାମାନ୍ୟ ଆହତ ହୋଇଥିବା ବେଳେ ସେମାନଙ୍କୁ ମଧ ଚିକିତ୍ସା କରାଯାଉଛି । ଭାରତୀୟ ଦୂତାବାସର ଅଧିକାରୀମାନେ ଡାକ୍ତରଖାନାରେ ଆହତ ମତ୍ସ୍ୟଜୀବୀଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ସେମାନଙ୍କ ପରିବାରକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଇଛନ୍ତି । ସେପଟେ କଲମ୍ବୋରେ ଥିବା ଭାରତୀୟ ହାଇକମିଶନ ମଧ ଶ୍ରୀଲଙ୍କା ବୈଦେଶିକ ମନ୍ତ୍ରଣାଳୟ ନିକଟରେ ଏହି ପ୍ରସଙ୍ଗ ଉଠାଇଛନ୍ତି ।

ଭୁବନେଶ୍ୱର, ଗୁରୁବାର ୩୦,ଜାନୁଆରୀ ୨୦୨୫
Bhubaneswar, Thursday 30, January, 2025
ମଇଦାନ୍
ମହାଭାରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ


# ଶୀର୍ଷ ୫ରେ ବରୁଣ ଚକ୍ରବର୍ତ୍ତୀ



ନୂଆଦିଲ୍ଲୀ, ୨୯।୧ (ଏଜେନ୍ସି): ଆଇସିସି ଟି-୨୦ ବୋଲରଙ୍କ ସଦ୍ୟତମ ରାଙ୍କିଂ ପ୍ରକାଶ କରିଛି ଏଥିରେ ବରୁଣ ଚକ୍ରବର୍ତ୍ତୀ ଜଣେ କିମ୍ବା ଦୁଇଜଣ ନୁହେଁ ବରଂ ୨୫ ଖେଳାଳିଙ୍କୁ ହରାଇ କ୍ରିକେଟର ସବୁଠାରୁ ଛୋଟ ଫର୍ମାଟରେ ଶ୍ରେଷ୍ଠ ୫ ବୋଲରଙ୍କ ମଧ୍ୟରେ ସାମିଲ ହୋଇଛନ୍ତି। ଆଇସିସିର ସଦ୍ୟତମ ଟି-୨୦ ରାଙ୍କିଂରେ ବରୁଣ ୫ମ ସ୍ଥାନରେ ପହଞ୍ଚିଛନ୍ତି ତାଙ୍କର ୬୭୯ ରେଟିଂ ପଏଣ୍ଟ ରହିଛି। ଅନ୍ୟ କୌଣସି ଭାରତୀୟ ବୋଲର ଶ୍ରେଷ୍ଠ ୫ ଜଣଙ୍କ ମଧ୍ୟରେ ସାମିଲ ନାହାନ୍ତି। ହେଲେ ଶ୍ରେଷ୍ଠ ୧୦ ବିଷୟରେ କଥା ହେଲେ ବରୁଣଙ୍କ ବ୍ୟତୀତ ଅର୍ଶଦୀପ ସିଂହ ଏବଂ ରବି ବିଷ୍ଣୋଇଙ୍କ ନାମ ମଧ୍ୟ ରାଙ୍କିଂରେ ରହିଛି ଅର୍ଶଦୀପ ତାଲିକାରେ ୯ମ ସ୍ଥାନରେ ଅଛନ୍ତି। ସେହିଭଳିରବି ବିଷ୍ଣୋଇ ୧୦ମ ସ୍ଥାନରେ ଅଛନ୍ତି।

ଇଂଲଣ୍ଡର ଆଦିଲ ରଶିଦ ଟି-୨୦ ବୋଲରଙ୍କ ପାଇଁ ନୂତନ ଆଇସିସି ରାଙ୍କିଂରେ ଏକ ନମ୍ବର ସ୍ଥାନରେ ଅଛନ୍ତି। ଏହି ଇଂଲିଶ ସ୍ପିନରଙ୍କ ୭୧୮ ରେଟିଂ ପଏଣ୍ଟ ରହିଛି ସେହିପରି, ୱେଷ୍ଟଇଣ୍ଡିଜର ଆକିଲ ହୁସେନ ୭୦୭ ରେଟିଂ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଶ୍ରୀଲଙ୍କାର ୱାନିନ୍ଦୁ ହସରଙ୍ଗା ୬୯୮ ରେଟିଂ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ଅଛନ୍ତି ଯେତେବେଳେ ଅଷ୍ଟ୍ରେଲିଆର ଆଡାମ ଜାମ୍ପା ୬୯୪ ରେଟିଂ ପଏଣ୍ଟ ସହିତ ଚତୁର୍ଥ ସ୍ଥାନରେ ଅଛନ୍ତି ଅର୍ଥାତ ସାମଗ୍ରିକ ଭାବରେ ଟି-୨୦ ବୋଲରଙ୍କ ଆଇସିସି ରାଙ୍କିଂରେ ସ୍ପିନରମାନେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି।

ବରୁଣଙ୍କ ବ୍ୟତୀତ ଆଉ ଜଣେ ଭାରତୀୟ ଖେଳାଳିଙ୍କ ଆଇସିସି ରାଙ୍କିଂରେ ଉପରକୁ ଉଠିଛନ୍ତି ଟି-୨୦ ବ୍ୟାଟ୍ସମ୍ୟାନଙ୍କ ଆଇସିସି ରାଙ୍କିଙ୍ଗରେ ତିଲକ ବର୍ମା ତୃତୀୟ ସ୍ଥାନରୁ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଯେତେବେଳେ ହାର୍ଦ୍ଦିକ ପାଣ୍ଡ୍ୟା ଅଲରାଉଣ୍ଡର ରାଙ୍କିଙ୍ଗରେ ଏକ ନମ୍ବର ସ୍ଥାନରେ ଅଛନ୍ତି। ରାଜକୋଟ ଟି-୨୦ରେ ଭାରତର ପରାଜୟ ପରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବହୁତ ସମାଲୋଚନା କରାଯାଇଥିଲା। କିନ୍ତୁ ଏହା ସତ୍ତ୍ୱେ ସେ ଆଇସିସି ରାଙ୍କିଂରେ ଏକ ନମ୍ବର ଅଲରାଉଣ୍ଡର ହୋଇଛନ୍ତି ତିଲକ ବର୍ମା ୮୩୨ ରେଟିଂ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ଅଛନ୍ତି।

# ଆଇସିସି ଟି୨୦ ଦଳରେ ରୋହିତ ଅଧିନାୟକ

ଦୁବାଇ, ୨୪।୧: ଟି-୨୦ ବିଶ୍ୱକପ ବିଜେତା ଭାରତୀୟ ଟିମର ଅଧିନାୟକ ରୋହିତ ଶର୍ମାଙ୍କୁ ମିଳିଛି ବଡ଼ ସଫଳତା। ତାଙ୍କୁ ଆଇସିସି ୨୦୨୪ ପାଇଁ ଗଠନ କରିଥିବା ଶ୍ରେଷ୍ଠ ଟି-୨୦ ଟିମର ଅଧିନାୟକ ଭାବେ ଚୟନ କରିଛି। ୨୦୨୪ ବର୍ଷରେ ଦମଦାର ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ନେଇ ଆଇସିସି ପକ୍ଷରୁ ଏପରି ଦଳ ଗଠନ କରାଯାଇଛି। ରୋହିତ ଟିମର ନେତୃତ୍ୱ ନେବାକୁ ଥିବା ବେଳେ ହାର୍ଦ୍ଦିକ ପାଣ୍ଡ୍ୟା, ଯଶପ୍ରୀତ ବୁମ୍ରା ଓ ଅର୍ଶଦୀପ ସିଂହ ମଧ୍ୟ ଦଳରେ ଅଛନ୍ତି।

ଆଶ୍ଚର୍ଯ୍ୟଜନକ ଭାବେ ପାକିସ୍ତାନର ବ୍ୟାଟର ବାବର ଆଜମଙ୍କୁ ଆଇସିସି ଟି-୨୦ ଟିମରେ ସୁଯୋଗ ମିଳିଛି। କିନ୍ତୁ ଭାରତକୁ ଟି-୨୦ ବିଶ୍ୱକପ ଜିତାଇଥିବା ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କୁ ଆଇସିସି ଟିମରେ ରଖି ନାହିଁ। ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ବିଶ୍ୱକପ ଫାଇନାଲରେ ବିରାଟ ମ୍ୟାଚ୍ ବିଜୟୀ ୫୯ ବଲରେ ୭୬ ରନର ଇନିଂସ ଖେଳିଥିଲେ। ସେହିପରି ଟି-୨୦ରେ ବିଶ୍ୱର ୧ନଂ ବ୍ୟାଟର ସୂର୍ଯ୍ୟ କୁମାର ଯାଦବ ମଧ୍ୟ ଆଇସିସି ଟିମରେ ନାହାନ୍ତି। ୨୦୨୪ ଟି-୨୦ ବିଶ୍ୱପରେ ଦକ୍ଷିଣ ଆଫ୍ରିକା ଫାଇନାଲ ଖେଳିଥିଲା। ତଥାପି ଦଳର ଜଣେ ହେଲେ ଖେଳାଳି ଆଇସିସି ଗଠନ କରିଥିବା ଶ୍ରେଷ୍ଠ ଟି-୨୦ ଟିମରେ ସ୍ଥାନ ପାଇ ନାହାନ୍ତି।




ଆଇସିସି ଗଠନ କରିଥିବା ଟି-୨୦ ଟିମର ପେସ ବୋଲିଂର କମାଣ ୩ ଭାରତୀୟଙ୍କ ହାତରେ ରହିଛି। ସେମାନେ ହେଲେ ଯଶପ୍ରୀତ ବୁମ୍ରା, ଅର୍ଶଦୀପ ସିଂହ ଓ ହାର୍ଦ୍ଦିକ ପାଣ୍ଡ୍ୟା। ଏହି ୩ ବୋଲର ଟି-୨୦ ବିଶ୍ୱକପରେ ମଧ୍ୟ ଭାରତୀୟ ବୋଲିଂ ଆଟାକର ମଙ୍ଗ ସମ୍ଭାଳିଥିଲେ। ଦଳରେ ଆଫଗାନିସ୍ତାନର ରାଶିଦ ଖାନ ଓ ଶ୍ରୀଲଙ୍କାର ୱାନିନ୍ଦୁ ହସରଙ୍ଗା ସ୍ପିନ ବୋଲର ଭାବେ ସ୍ଥାନ ପାଇଛନ୍ତି।ଏମାନଙ୍କୁ ସାଥ ଦେବା ପାଇଁ ଜିମ୍ବାରେ ସିକନ୍ଦର ରାଜାଙ୍କୁ ଅଲରାଉଣ୍ଡ ଭାବେ ଦଳରେ ରଖାଯାଇଛି।

ଦଳ ପାଇଁ ରୋହିତ ଶର୍ମାଙ୍କ ସହ ଅଷ୍ଟ୍ରେଲିଆର ବିସ୍ଫୋରକ ବ୍ୟାଟର ଟ୍ରାଭିସ ହେଡ୍ ଓପନ କରିବେ ଇଂଲଣ୍ଡର ଫିଲ ସଲ୍ଟ ନମ୍ବର ୩ ଓ ବାବର ଆଜମ ୪ନଂରେ ଖେଳିବେ। ୱିକେଟ କିପର ଭାବେ ୱେଷ୍ଟଇଣ୍ଡିଜର ନିକୋଲସ ପୂରନ ରହିଛନ୍ତି। ସେ ୱିକେଟ କିପିଂ ସହ ମଧ୍ୟକ୍ରମରେ ବ୍ୟାଟିଂ କରିବେ। ବାବର ଟି-୨୦ ବଶ୍ୱକପରେ ରନ କରିବାରେ ସଂଘର୍ଷ କରିଥିଲେ ।ସେ ୪ଟି ମ୍ୟାଚ୍‌ରେ କେବଳ ୧୨୨ ରନ କରିପାରିଥିଲେ। କିନ୍ତୁ ୨୦୨୪ରେ ସେ ୨୪ ମ୍ୟାଚ୍‌ରେ ୭୩୮ ରନ କରିଥିବାରୁ ବିରାଟଙ୍କ ବଦଳରେ ତାଙ୍କୁ ଆଇସିସି ଦଳରେ ରଖିଛି।

୨୦୨୪ ବର୍ଷରୋହିତ ଶର୍ମାଙ୍କ ପାଇଁ ଟି-୨୦ରେ ସର୍ବଶ୍ରେଷ୍ଠ ଥିଲା କାରଣ ତାଙ୍କ ନେତୃତ୍ୱରେ ଭାରତ ଟି-୨୦ ବିଶ୍ୱକପ ଜିତିଛି। ରୋହିତ ମଧ୍ୟ ବ୍ୟାଟିଂରେ ନିଜର ଜଲା ଦେଖାଇଛନ୍ତି। ସେ ୧୧ଟି ମ୍ୟାଚ୍‌ରେ ୩୭୮ ରନ କରିଛନ୍ତି। ତାଙ୍କ ବ୍ୟାଟିଂ ହାର ୪୨ ରହିଥିବା ବେଳେ ସେ ୧୬୦ ଷ୍ଟ୍ରାଇକ ରେଟରେ ରନ କରିଥିଲେ। ଟି-୨୦ ବିଶ୍ୱକପରେ ମଧ୍ୟ ରୋହିତଙ୍କ ବ୍ୟାଟରୁ ୩ଟି ଅର୍ଦ୍ଧଶତକ ଦେଖିବାକୁ ମିଳିଥିଲା ବିଶେଷ କରି ସେ ଅଷ୍ଟ୍ରେଲିଆ। ବିପକ୍ଷ ମ୍ୟାଚ୍‌ରେ ବିସ୍ଫୋରକ ୯୨ ରନ କରିଥିଲେ।

୨୦୨୪ ବର୍ଷରେ ଅର୍ଶଦୀପ ମଧ୍ୟ କମାଲ କରିଛନ୍ତି ସେ ଟି-୨୦ରେ ମାତ୍ର ୧୮ ମ୍ୟାଚ୍‌ରେ ୩୬ଟି ୱିକେଟ ଦଖଲ କରିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ଟି-୨୦ ବିଶ୍ୱକପରେ ଉଭୟ ବ୍ୟାଟିଂ ଓ ବୋଲିଂରେ ଜଲା ଦେଖାଇଥିଲେ। ସେ ଫାଇନାଲରେ ଶେଷ ଓଭର ବୋଲିଂ କରି ଭାରତକୁ ବିଜୟ ଭେଟି ଦେଇଥିଲେ।

ଆଇସିସିର ଟି-୨୦ ଟିମ: ରୋହିତ ଶର୍ମା(ଅଧିନାୟକ), ଟ୍ରାଭିସ ହେଡ, ଫିଲ ସଲ୍ଟ, ବାବର ଆଜମ, ନିକୋଲସ ପୂରନ(ୱିକେଟ କିପର), ସିକନ୍ଦର ରାଜା, ହାର୍ଦ୍ଦିକ ପାଣ୍ଡ୍ୟା, ରାଶିଦ ଖାନ, ୱାନିନ୍ଦୁ ହସରଙ୍ଗା, ଯଶପ୍ରୀତ ବୁମ୍ରା ଓ ଅର୍ଶଦୀପ ସିଂହ।

# ରଣଜୀ ଖେଳିଲେ ବହୁତ କ୍ଷତି ସହିବେ କିଙ୍ଗ୍ କୋହଲି

ନୂଆଦିଲ୍ଲୀ, ୨୯।୧: ଦୀର୍ଘ ୧୨ ବର୍ଷ ପରେ ତାରକା ବ୍ୟାଟ୍ସମ୍ୟାନ୍ ବିରାଟ କୋହଲିଙ୍କ ରଣଜୀ ଟ୍ରଫିକୁ ଫେରୁଛନ୍ତି ସେ ଘରୋଇ କ୍ରିକେଟ ମାଧ୍ୟମରେ ତାଙ୍କର ହଜିଯାଇଥିବା ଅନ୍ତର୍ଜାତୀୟ ଫର୍ମ ଫେରିପାଇବାକୁ ଲକ୍ଷ୍ୟ ରଖିଛନ୍ତି। ହେଲେ ସେ ଯଦି ରଣଜୀ ଖେଳନ୍ତି। ତେବେ ତାଙ୍କୁ ଏକ ବଡ଼ କ୍ଷତି ସହିବାକୁ ପଡିବ ତାହା ହେଲା ମ୍ୟାଚ୍ ଲାଗି ପାଉଣା ଯେତେବେଳେ ବି କୋହଲି ପଡ଼ିଆକୁ ଆସନ୍ତି, ତାଙ୍କୁ ମ୍ୟାଚ୍ ଫିସ ଭାବରେ ଲକ୍ଷ ଲକ୍ଷ ଟଙ୍କା ମିଳିଥାଏ। ହେଲେ ରଣଜୀ ଟ୍ରଫିରେ ସେଭଳି ହେବ ନାହିଁ।

ରଣଜୀରେ ୪୦ ରୁ ଅଧିକ ମ୍ୟାଚ୍ ଖେଳିଥିବା ଖେଳାଳିମାନେ ପ୍ରତିଦିନ ୬୦ ହଜାର ଟଙ୍କା ପାଆନ୍ତି ରଣଜୀ ଲିଗ୍ ମ୍ୟାଚ ଚାରି ଦିନ ଏବଂ ନକ୍‌ଆଉଟ୍ ମ୍ୟାଚ ପାଞ୍ଚ ଦିନ ପାଇଁ ଚାଲେ। ଏପରି ପରିସ୍ଥିତିରେ, ସେ ସମଗ୍ର ମ୍ୟାଚ୍ ରୁ ୨ ଲକ୍ଷ ୪୦ ହଜାରରୁ ୩ ଲକ୍ଷ ଟଙ୍କା ପାଆନ୍ତି ସମାନ ସଂଖ୍ୟକ ମ୍ୟାଚ ଖେଳିବାର ଅଭିଜ୍ଞତା ଥିବା ରିଜର୍ଭ



ଖେଳାଳିମାନେ ପ୍ରତିଦିନ ୩୦,୦୦୦ ଟଙ୍କା ପାଆନ୍ତି। ଯେଉଁ ଖେଳାଳିମାନେ ୨୦ ରୁ ୪୦ ମ୍ୟାଚ୍ ଖେଳିଛନ୍ତି, ସେମାନଙ୍କୁ ପ୍ଲେଇଂ ଇଲେଭେନରେ ସାମିଲ କରିବା ପାଇଁ ପ୍ରତିଦିନ ୫୦,୦୦୦ ଟଙ୍କା ମିଳିଥାଏ ଯେତେବେଳେ ରିଜର୍ଭ ଖେଳାଳିମାନେ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ପାଆନ୍ତି କୋହଲି ଏହି ଘରୋଇ ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ୨୩ଟି ମ୍ୟାଚ୍ ଖେଳି ସାରିଛନ୍ତି ଏହି ଅନୁସାରେ, ସେ ପ୍ରତିଦିନ ୫୦ ହଜାର ଟଙ୍କା ପାଇବେ ତାଙ୍କର ଚାରି ଦିନ ପାଇଁ ମୋଟ ଫିସ ୨ ଲକ୍ଷ ଟଙ୍କା ହେବ ବିରାଟ ଜାନୁଆରୀ ୩୦ ତାରିଖରେ ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ରେଳବାଇ ବିପକ୍ଷରେ ଶେଷ ଲିଗ ମ୍ୟାଚ୍‌ରେ ତାଙ୍କ ଘରୋଇ ଦଳ ଦିଲ୍ଲୀ ପାଇଁ ଖେଳିବେ।ବିରାଟ କୋହଲି ବିସିସିଆଇର +ଏ ଗ୍ରେଡ୍ ଖେଳାଳିଙ୍କ ମଧ୍ୟରେ ଅନ୍ୟତମ ସେ ବିସିସିଆଇରୁ ବାର୍ଷିକ ୭ କୋଟି ଟଙ୍କା ପାଆନ୍ତି ଯେତେବେଳେ ଖେଳାଳିଙ୍କ ଟି-୨୦, ଦିନିକିଆ। ଏବଂ ଟେଷ୍ଟ ମ୍ୟାଚ୍ ପାଇଁ ଫିସ ଭିନ୍ନ ବିସିସିଆଇ ତାର ଖେଳାଳିମାନଙ୍କୁ ଏକ ଟେଷ୍ଟ ମ୍ୟାଚ୍ ପାଇଁ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେଇଥାଏ। ସେହିଭଳି ଗୋଟିଏ ଟି-୨୦ ମ୍ୟାଚ୍ ପାଇଁ ୩ ଲକ୍ଷ ଟଙ୍କା ଏବଂ ଗୋଟିଏ ଦିନିକିଆ। ମ୍ୟାଚ୍ ପାଇଁ ୬ ଲକ୍ଷ ଟଙ୍କା ଦେଇଥାଏ। ଯଦି ବିରାଟ ରଣଜୀ ବଦଳରେ ଏକ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥାନ୍ତେ, ତେବେ ସେ ଅଧିକ ଟଙ୍କା ପାଇଥାନ୍ତେ।

କୋହଲି ତାଙ୍କ କ୍ୟାରିୟରରେ ଏପର୍ଯ୍ୟନ୍ତ ୨୩ଟି ରଣଜୀ ମ୍ୟାଚ ଖେଳିଛନ୍ତି। କୋହଲି ଏହି ଘରୋଇ ଟୁର୍ନାମେଣ୍ଟରେ ୫୦ ରୁ ଅଧିକ ବ୍ୟାଟିଂ ହାର ସହିତ ୧୫୭୪ ରନ କରିଛନ୍ତି। ଏହି ସମୟ ମଧ୍ୟରେ ତାଙ୍କ ବ୍ୟାଟରୁ ୫ଟି ଶତକ ଆସିଥିଲା। ସେ ଶେଷ ଥର ପାଇଁ ନଭେମ୍ବର ୨୦୧୨ରେ ରଣଜୀରେ ଭାଗ ନେଇଥିଲେ। ତାପରେ ସେ ଉଭୟ ଇନିଂସରେ ମିଶି ୫୭ ରନ କରିଥିଲେ।

# ଶାରଳା କପ୍ ସେମିରେ ଢେଙ୍କାନାଳ



କାକଟପୁର/ଅସ୍ତରଙ୍ଗ, ୨୯।୧: ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପଛ ପଡିଆ। ନରେନ୍ଦ୍ର ଷ୍ଟାଡିୟମରେ ପୂର୍ଣ୍ଣାନନ୍ଦ ସ୍ମାରକୀ କ୍ରିକେଟ ଓ ୩୨ତମ ଶାରଳା କପ୍ ଚତୁର୍ଥ କ୍ୱାଟର ଫାଇନାଲ ମ୍ୟାଚରେ ପରସ୍ପର କୁ ଭେଟିଥିଲେ ଢେଙ୍କାନାଳ କ୍ରିକେଟ କ୍ଲବ ଢେଙ୍କାନାଳ ବନାମ ପତିତ ପାବନ ସ୍ପୋର୍ଟିଂ କ୍ଲବ ଅଟ୍ରି ଖୋର୍ଦ୍ଧା ପ୍ରଥମେ ଟସ ଜିତି ପତିତ ପାବନ ସ୍ପୋର୍ଟିଂ ଅଟ୍ରି (ଖୋର୍ଦ୍ଧା) ନିର୍ଧାରିତ ଓଭର ପୂର୍ବରୁ ସମସ୍ତ ଉଇକେଟ ହରାଇ ୫୯ରନ ସଂଗ୍ରହ କରିଥିଲେ। ଏହାର ଜବାବ ରେ ଢେଙ୍କାନାଳ କ୍ରିକେଟକ୍ଲବ ୬୦ରନର ବିଜୟ ଲକ୍ଷ୍ୟକୁ ପିଛା କରି ନିର୍ଦ୍ଧାରିତ ଓଭର ପୂର୍ବରୁ ଅଥବା ୨ଉଇକେଟ ହରାଇ ୬୦ ରନ ସଂଗ୍ରହ କରି ବିଜୟୀ ହୋଇଥିଲା, ଦଳ ପକ୍ଷରୁ ତନ୍ମୟ ମହାନ୍ତି ୨୮ ବଲରେ ୪୦ରନ କରିଥିଲେ। ସେଥିରେ ୨ଟି ଛକା ରହିଛି। ଅତିଥି ମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ତଥା ମଙ୍ଗଳା କ୍ରିକେଟ କ୍ଲବ ସଭାପତି ପ୍ରଦୀପ୍ତ କୁମାର ଦୀକ୍ଷିତି ଓ ଆଦ୍ରିୟ ରାଉତଙ୍କ ଦ୍ୱାରା ଢେଙ୍କାନାଳ ର ତନ୍ମୟ ମହାନ୍ତି ଙ୍କୁ ମ୍ୟାନଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

ଖେଳ ପରିଚାଳନା ରେ ଡ୍ୟାନସିଂ ଅମ୍ପାୟାର ମାଷ୍ଟର ସନ୍ତୋଷ ଓ ମାଷ୍ଟର ଡୋକମ ପ୍ରକାଶ ଚନ୍ଦ୍ର ବେହେରା, ରାକେଶ ମହାନ୍ତି, ମଣ୍ଟୁ ଭୋଳ ଖେଳ ଧାରାବିବରଣୀ ପ୍ରଦାନ କରିଥିଲେକ୍ରୀଡା ସମ୍ପାଦକ ମିଥୁନ ବେହେରା, ମିଡ଼ିଆ। ସେଲ ସମ୍ପାଦକ ପ୍ରକାଶ ନାୟକ ପ୍ରମୁଖ ଉପସ୍ଥିତ ଥିବା ବେଳେ ଶାରଳା କ୍ଲବ ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳ ପରିଚାଳନା ରେ ସହଯୋଗ କରିଥିଲେପ୍ରଥମ ସେମିଫାଇନାଲ ମ୍ୟାଚ ଗୁରୁବାର ଦିନ କୁମାରବସ୍ତ ଖୋର୍ଦ୍ଧା ବନାମ ଭାଲିଆବାଡ଼ି ଖୋର୍ଦ୍ଧା ମଧ୍ୟରେ ମ୍ୟାଚ ହେବ ବୋଲି ଶାରଳା ସ୍ପୋର୍ଟିଂ କ୍ଲବ ସଭାପତି ଯୁଗଳ କିଶୋର ମହାନ୍ତି ସୂଚନା ଦେଇଛନ୍ତି।

# ନେଉଡି ଫୁଟବଲ ଟିମ୍ ଚାମ୍ପିୟନ

ମୟୂରଭଞ୍ଜ, ୨୯।୧: ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ଜଣାଶୁଣା ଗ୍ରାମ ତାଳଗାଁ ଗ୍ରାମ ପଞ୍ଚାୟତ ଦୁମାଡ଼ିହି ଗାଁ ରେ ଦୁଇ ଦିବସୀୟ ଫୁଟବଲ ଖେଳ



ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଖେଳକୁ ଲେଫାରୀ କମଳ ଭାନୁ କିସ୍କୁ, ସୁନାରାମ ହେମ୍ବ୍ରମ, ଦୟାନିଧି ସୋଏ ପରିଚାଳନା କରିଥିଲେ। କାଦେ ଟୁଡୁ, ଠାଟୁ ମୁର୍ମୁ, କୁଶାଲ ସର୍ଦ୍ଦାର ପ୍ରମୁଖ ଦୁଇ ଦିବସୀୟ ଖେଳ ନିମନ୍ତେ ଧାରା ବିବରଣୀ ପ୍ରଦାନ କରିଥିଲେ। ଚାମ୍ପିୟନ ଟିମ୍ ନେଉଡିକୁ ମୁଖ୍ୟ ଅତିଥି ସ୍ଥାନୀୟ ସରପଞ୍ଚ ଡମ୍ବରୁଧର ହେମ୍ବ୍ରମ ୧୨୦୦୦ଟଂକା ଏବଂ ସମ୍ମାନୀୟ ଅତିଥି ସମାଜସେବୀ ଲକ୍ଷ୍ମୀଧର ମହାନ୍ତ ଶିବନାଥ ବ୍ରଦର୍ସ ଫୁଟବଲ୍ ଟିମ୍ କୁ ୧୦୦୦୦ଟଙ୍କାପୁରସ୍କାରପ୍ରଦାନକରିଥିଲେ।

## ସି.ଏମ ଟ୍ରଫି ଜିଲ୍ଲା ଆନ୍ତଃ କ୍ଲବ୍ ଫୁଟବଲ ଉଦଯାପିତ

# କଳିଙ୍ଗନଗର ସ୍ପୋର୍ଟସ ଏକାଡେମୀ ବିଜେତା

ଯାଜପୁର, ୨୯।୧: ଯାଜପୁର ଜିଲ୍ଲା କ୍ରୀଡା ସଂସଦ ଆନୁକୁଲ୍ୟରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଫୁଟବଲ ଆସୋସିଏସନ୍ ଅଫ ଓଡ଼ିଶାର ପୃଷ୍ଟପୋଷକତାରେ ସ୍ଥାନୀୟ ବ୍ୟାସନଗର ସ୍ଥିତ ଷ୍ଟାଡିୟମରେ ଚାଲୁଥିବା ୧୫ ବର୍ଷରୁ କମ ସି.ଏମ ଟ୍ରଫି ଆନ୍ତଃକ୍ଲବ୍ ଫୁଟବଲ ଉଦଯାପିତ ହୋଇଯାଇଛି। ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚକୁ କଳିଙ୍ଗ ନଗର ସ୍ପୋର୍ଟସ ଏକାଡେମୀ ଓ ବାଘୁଆପାଳ ଏଫ୍.ସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଦୁଇ ଦଳ ଖୁବ୍ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ।



ନିର୍ଦ୍ଧାରିତ ସମୟ ମଧ୍ୟରେ ଦୁଇ ଦଳ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ କଳିଙ୍ଗନଗର ସ୍ପୋର୍ଟସ ଏକାଡେମୀ ତରଫରୁ ୪୬ ମିନିଟରେ କୁନା ମାଝୀ ପ୍ରଥମ ଗୋଲ ଦେଇଥିବାବେଳେ ଖେଳର ୬୬ ମିନିଟରେ ଚମ୍ପାଇ ଗାଗରାଲ ଗୋଲ ଦେଇ ଖେଳକୁ ସମାନ ସ୍ତରରେ ପହଞ୍ଚିଥିଲେ। ଅତିରିକ୍ତ ସମୟରେ କଳିଙ୍ଗନଗର ସ୍ପୋର୍ଟସ ଏକାଡେମୀର ରସିକ ପିଙ୍ଗୁଆ। ୭୪ ମିନିଟରେ ଏବଂ କୁନା ମାଝୀ ୭୮ ମିନିଟରେ ଗୋଲ ଦେଇ ୩-୦୧ ଗୋଲରେ ଦଳକୁ ବିଜୟ ଭେଟି ଦେଇଥିଲେ ଆଜିର ଖେଳରେ ଅତିଥି ଭାବରେ ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ ଯୋଗଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ସମ୍ବିତ ମହାନ୍ତି, କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି, ସହ ସମ୍ପାଦକ ବି.ଏସ.କେ ସାମଲ ଓ ନିରଞ୍ଜନ ପୃଷ୍ଟି ଏବଂ ଅନ୍ୟାନ୍ୟ ସଦସ୍ୟ ବୃନ୍ଦ ଉପସ୍ଥିତ ରହି ଖେଳଟିକୁ ସୁଚାରୁରୂପେ ସମାପନ କରିଥିଲେ ଶିବ ଡାଙ୍ଗିଲ, ମୁନ ମୁନ ସାମାତ, ଦୁଃଖବନ୍ଧୁ ମାଝୀ, ପୁରୁଷୋତ୍ତମ ହାଁସଦା, ଓ ରାମ ବାଲାଇ ବେଶ୍ରା ରେଫରୀ ଭାବରେ ଖେଳ ପରିଚାଳନା କରିଥଲେ।

# ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରାକ୍ଲବ୍ କ୍ରିକେଟ : ଇଗଲ କ୍ରିକେଟ୍ କ୍ଲବ୍ ବିଜୟୀ



ଖୋର୍ଦ୍ଧା: ୨୯।୧: ଓଡ଼ିଶା କ୍ରିକେଟ ଆସୋସିଏସନ୍ ର କାର୍ଯ୍ୟକ୍ରମ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରା କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବି ଜେ ବି ହାଇସ୍କୁଲ ପଡିଆ। ମିନି ଷ୍ଟାଡିୟମରେ କ୍ରିକେଟ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଅନୁକୁଲ୍ୟ ରେ ସପ୍ତମ ଦିବସ ଖେଳରେ ଇଗଲ କ୍ରିକେଟ ଦଳ ଜଟଣୀ କ୍ରିକେଟ ଏକାଡେମିକୁ ୮ୱିକେଟ୍ ରେ ପରାସ୍ତ କରିଛି।

ଟସ୍ ରେ ବିଜୟ ହୋଇ ଜଟଣୀ ଦଳ ପ୍ରଥମେ ବ୍ୟାଟିଂ କରି ୨୭.୩ ଓଭର ରେ ସମସ୍ତ ୱିକେଟ୍ ହରାଇ ମାତ୍ର ୯୮ ରନ କରିଥିଲେ। ଦଳ ପକ୍ଷରୁ ଶୁଭମ୍ ପ୍ରଧାନ ସର୍ବାଧିକ ୪୩ ରନ୍ କରିଥିଲେ। ଇଗଲ ଦଳ ତରଫରୁ ଜଗନ୍ନାଥ ବେହେରା ହ୍ୟାଟ୍ରିକ ୱିକେଟ୍ ନେଇଥିବାବେଳେ ତୀର୍ଥଙ୍କର ଏବଂ ଦିପ୍ତାନ୍ସୁ ପ୍ରତ୍ୟେକ ୨ ଟି ଲେଖାଏଁ ୱିକେଟ୍ ନେଇଥିଲେ। ଜବାବରେ ଇଗଲ ଦଳ ଦଳ ମାତ୍ର ୧୦.୩ ଓଭର ରେ ୨ ଟି ୱିକେଟ୍ ହରାଇ ଆବଶ୍ୟକ ୯୯ ରନ ସଂଗ୍ରହ କରିଥିଲେ। ତୀର୍ଥଙ୍କର ସାହୁ ୩୬ ଟି ବଲ ରୁ ୯ ଟି ଚଉକା ଓ ୩ ଟି ଛକା ସହ ୬୮ ରନ୍ ସଂଗ୍ରହ କରିଥିଲେ। ଖେଳକୁ ପ୍ରିତିରଞ୍ଜନ ବିଜୟଶିଂ ଓ ଚନ୍ଦ୍ର ମୋହନ ବରାଳ ପରିଚାଳନା କରିଥିବା ବେଳେ ସ୍କୋରର ରୂପେ ଜିତେନ୍ଦ୍ର ସେନାପତି ଦାୟିତ୍ୱରେ ଥିଲେ। ସୌମେନ୍ଦ୍ର ମହାନ୍ତି ମ୍ୟାଚ୍ ରେଫରୀ ଭାବେ ଓ ବ୍ରିଜେଶ ପ୍ରଧାନ ଏହି ମ୍ୟାଚ୍ ର ସଂଯୋଜକ ରୂପେ କାର୍ଯ୍ୟ କରିଥିଲେ ବି ଜେ ବି ହାଇସ୍କୁଲ ପଡିଆ। ରେ ଜିଲ୍ଲା ସ୍ତରୀୟ ପ୍ୟାରେଡ ଅଭିବାଦନ ଥିବାରୁ ଏହି ଟୁର୍ଣ୍ଣାମେଣ୍ଟ କୁ ୨୨ ତାରିଖରୁ ୨୮ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା। ୩୦/୦୧/୨୫ ରେ କେ ଟି ଗ୍ଲୋବାଲ କ୍ଲବ୍ ବନାମ ବ୍ଲ୍ୟୁ ବାର୍ଡ କ୍ଲବ୍, ଗୁରୁଜଙ୍ଗ ମଧ୍ୟରେ ମ୍ୟାଚ୍ ହେବ ବୋଲି ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ଜଣାଇଛନ୍ତି।

# ବଡ଼ ରେକର୍ଡ ହାସଲ କଲେ ଷ୍ଟିଭ ସ୍ମିଥ

ଗାଲେ, ୨୯।୧: ଅଷ୍ଟ୍ରେଲିଆର ଷ୍ଟାର ବ୍ୟାଟସମ୍ୟାନ ଷ୍ଟିଭ ସ୍ମିଥ ୧୦ ହଜାର ଟେଷ୍ଟ ରନ ଅତିକ୍ରମ ସହ ଶତକ ହାସଲ କରିଛନ୍ତି। କରିଛନ୍ତି। ଆଜିକାଲି ଶ୍ରୀଲଙ୍କା ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ ଖେଳାଯାଉଛି। ଏହି ସିରିଜ ପାଇଁ ଅଷ୍ଟ୍ରେଲିଆ ଦଳ ଶ୍ରୀଲଙ୍କା ଗସ୍ତରେ ଅଛି ପ୍ରଥମ ଟେଷ୍ଟ ଗାଲେ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯାଉଛି। ଏହି ମ୍ୟାଚ୍‌ରେ ସ୍ମିଥ ୧୦,୦୦୦ ରନ ଅତିକ୍ରମ କରିଥିଲେ ସ୍ମିଥ ଟେଷ୍ଟ କ୍ରିକେଟରେ ବିରାଟ କୋହଲିଙ୍କ ଠାରୁ କମ ଇନିଂସ ଖେଳି ଏହି ରେକର୍ଡ ହାସଲ କରିଥିଲେ, ଯେତେବେଳେ ବିରାଟ କୋହଲି ଏବେ ବି ଏହି ରେକର୍ଡରୁ ବହୁତ ଦୂରରେ ଅଛନ୍ତି। ଶ୍ରୀଲଙ୍କା ବିପକ୍ଷରେ ବ୍ୟାଟିଂ କରିବାକୁ ଆସିବା ପୂର୍ବରୁ ସ୍ମିଥ ୯,୯୯୯ ଟେଷ୍ଟ ରନ କରିଥିଲେ। ତାଙ୍କୁ ୧୦ ହଜାର ସ୍କୋର ପୂରଣ କରିବା ପାଇଁ ମାତ୍ର ୦୧ ରନ ଆବଶ୍ୟକ ଥିଲା। ଶ୍ରୀଲଙ୍କା ବିପକ୍ଷ ଟେଷ୍ଟର ପ୍ରଥମ ଇନିଂସରେ ବ୍ୟାଟିଂ କରୁଥିବା ସ୍ମିଥ ତାଙ୍କ ଇନିଂସର ପ୍ରଥମ ବଲରୁ ଗୋଟିଏ ରନ ନେଇ ଏହି ମାଇଲଖୁଣ୍ଟ ଛୁଇଁଥିଲେ।ଷ୍ଟିଭ ସ୍ମିଥ: ଅଷ୍ଟ୍ରେଲିଆର ସ୍ମିଥ ୧୧୫ ଟେଷ୍ଟର ୨୦୫ ଇନିଂସରେ ୧୦,୦୦୦ ରନ ଅତିକ୍ରମ କରିଛନ୍ତି। ବିରାଟ କୋହଲି: ଭାରତର ବିରାଟ କୋହଲି ଏପର୍ଯ୍ୟନ୍ତ ୧୨୩ଟି ଟେଷ୍ଟ ଖେଳିଛନ୍ତି, ଯେଉଁଥିରେ ସେ ୨୧୦ଟି ଇନିଂସରେ ୯୨୩୦ ରନ କରିଛନ୍ତି। ଏହିପରି, ଅଧିକ ଇନିଂସ ଖେଳିବା ସତ୍ତ୍ୱେ, କୋହଲି ଟେଷ୍ଟରେ ସ୍ମିଥଙ୍କ ତୁଳନାରେ କମ ରନ କରିଛନ୍ତି। ସ୍ମିଥ ଟେଷ୍ଟ କ୍ରିକେଟରେ ୧୦,୦୦୦ ରନ ପୂରଣ କରିବାରେ ୧୫ତମ ବ୍ୟାଟସମ୍ୟାନ।

ସ୍ମିଥ ଟେଷ୍ଟ କ୍ରିକେଟରେ ୧୦,୦୦୦ ରନ ଅତିକ୍ରମ କରିବାରେ ବିଶ୍ୱର ୧୫ତମ ବ୍ୟାଟସମ୍ୟାନ ହୋଇଛନ୍ତି।ଏପର୍ଯ୍ୟନ୍ତ ଟେଷ୍ଟ କ୍ରିକେଟରେ ସର୍ବାଧିକ ରନ କରିବାର ରେକର୍ଡ ପୂର୍ବତନ ଭାରତୀୟ କିମ୍ବଦନ୍ତୀ ବ୍ୟାଟସମ୍ୟାନ ସଚିନ ତେନ୍ଦୁଲକରଙ୍କ ନାମରେ ଅଛି, ଯିଏ ତାଙ୍କ କ୍ୟାରିୟରରେ ୧୫,୯୨୧ ଟେଷ୍ଟ ରନ କରିଥିଲେ।ଅଷ୍ଟ୍ରେଲିଆ। ପାଇଁ ୧୦,୦୦୦ ଟେଷ୍ଟ ରନ ଅତିକ୍ରମ କରିବାରେ ସ୍ମିଥ ଚତୁର୍ଥ ବ୍ୟାଟସମ୍ୟାନ ହୋଇଥିଲେ। ସ୍ମିଥ ପୂର୍ବରୁ ଆଲାନ ବର୍ଡର, ଷ୍ଟିଭ ଏବଂ ରିକି ପଣ୍ଟିଂ ଅଷ୍ଟ୍ରେଲିଆ। ପାଇଁ ଟେଷ୍ଟ ଫର୍ମାଟରେ ୧୦,୦୦୦ ରନ ପୂରଣ କରିଥିଲେ।

# ପାଣ୍ଡ୍ୟାଙ୍କ ଗୋଟିଏ ଭୁଲ୍ ଯୋଗୁ ଭାରତକୁ ମହଙ୍ଗା ପଡ଼ିଲା

ରାଜକୋଟ, ୨୯।୧: ରାଜକୋଟରେ ଇଂଲଣ୍ଡ ବିପକ୍ଷରେ ଭାରତ ପରାଜୟର ସମ୍ମୁଖୀନ ହୋଇଛି ଇଂଲଣ୍ଡ ଏହି ମ୍ୟାଚ ୨୬ ରନରେ ଜିତିଥିଲା ଭାରତ ପାଇଁ ହାର୍ଦ୍ଦିକ ପାଣ୍ଡ୍ୟା ୪୦ ରନର ଏକ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ ତଥାପି ସେ ଦଳକୁ ବିଜୟ କରିପାରି ନ ଥିଲେ ଯଦି ପାଣ୍ଡ୍ୟା ଶେଷ ପର୍ଯ୍ୟନ୍ତ ରହିଥାନ୍ତେ, ତେବେ ଟିମ ଇଣ୍ଡିଆ। ଜିତିପାରିଥାନ୍ତା କିନ୍ତୁ ତାଙ୍କର ଗୋଟିଏ ଭୁଲ ସମଗ୍ର ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହେଲା ମ୍ୟାଚ ସମୟରେ ପାଣ୍ଡ୍ୟା ଗୋଟିଏ ବି ରନ ନେଇ ନଥିଲେ।

ହାର୍ଦ୍ଦିକ ପାଣ୍ଡ୍ୟା ଭାରତ ପାଇଁ ପଞ୍ଚମ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିଲେ ସେ ୩୫ଟି ବଲ ସାମ୍ନା କରି ୪୦ ରନ କରିଥିଲେ ପାଣ୍ଡ୍ୟାଙ୍କ ଇନିଂସରେ ୨ଟି ଛକା ଏବଂ ଗୋଟିଏ ଚୌକା ସାମିଲ ଥିଲା ୧୯ତମ ଓଭରର ପ୍ରଥମ ବଲ୍‌ରେ ପାଣ୍ଡ୍ୟା ଆଉଟ ହୋଇଥିଲେ ଜିମି ଓଭରଟନ ତାଙ୍କୁ ପାଭିଲିୟନର ରାସ୍ତା ଦେଖାଇଥିଲେ

ପାଣ୍ଡ୍ୟାଙ୍କ ସହିତ ଧ୍ରୁବ ଜୁରେଲ ଅନ୍ୟ ପାର୍ଶ୍ୱରେ ଥିଲେ। ଜୁରେଲ ୧୮ତମ ଓଭରର ଶେଷ ବଲ୍ରେ ଏକ ସଟ ଖେଳି ଏକ ସିଙ୍ଗଲ ନେବାକୁ ଚେଷ୍ଟା କରିଥିଲେ କିନ୍ତୁ ହାର୍ଦ୍ଦିକ ପାଣ୍ଡ୍ୟା ରନ କରି ନ ଥିଲେ। ଏହା ପରେ ୧୯ତମ ଓଭର ଆରମ୍ଭ ହୋଇଥିଲା ଏବଂ ପାଣ୍ଡ୍ୟା ଆସିବା ମାତ୍ରେ ଆଉଟ କରିଥିଲେ ଯଦି ସେ ଶେଷ ପର୍ଯ୍ୟନ୍ତ ରହିଥାନ୍ତେ, ତେବେ ଭାରତ ଜିତିପାରିଥାନ୍ତା।

ରାଜକୋଟରେ ଇଂଲଣ୍ଡ ଭାରତକୁ ଜିତିବା ପାଇଁ ୧୭୨ ରନର ଟାର୍ଗେଟ ଦେଇଥିଲା। କିନ୍ତୁ ଟିମ ଇଣ୍ଡିଆ। ଏହି ମ୍ୟାଚ୍‌ରେ କେବଳ ୧୪୫ ରନ କରିପାରିଥିଲା। ଏହି ମ୍ୟାଚ୍‌ରେ ଭାରତୀୟ ବ୍ୟାଟ୍ସମ୍ୟାନମାନେ କିଛି ବିଶେଷ କରିପାରି ନଥିଲେ ଦଳର ଆରମ୍ଭ ଖରାପ ଥିଲା। ଓପନର ସଞ୍ଜୁ ସାମସନ ମାତ୍ର ୩ ରନ କରି ଆଉଟ ହୋଇଥିଲେ ଅଭିଷେକ ଶର୍ମା ୧୪ ବଲ ରେ ୨୪ ରନ କରିଥିଲେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମାତ୍ର ୧୪ ରନ କରି ଆଉଟ ହୋଇଥିଲେ ତିଲକ ବର୍ମା ମଧ୍ୟ ୧୮ ରନ କରି ଆଉଟ ହୋଇଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ